ODIA DAILY EDITION
06.07.2025
କଟକ,ସୋମବାର
ପୃଷ୍ଠା-୪+୪, ମୂଲ୍ୟ- ₹୨.୦୦
ଜୁଲାଇ-୦୬, ୨୦୨୫
ବର୍ଷ-୩୭, ସଂଖ୍ୟା-୧
RNI Regd. NO- 48239/89
P.R.NO-CK(C)/16/2024-2026

# ମାତୃଭାଷା

MATRUBHASA
ପ୍ରତିଷ୍ଠାତା: ବିକାଶ କର
35 Years of publication
SINCE 1989
Epaper- www.matrubhasa.com
matrubhasanews@gmail.com
matrubhasanews@yahoo.co.in
facebook.com/matrubhasanews

## ୭ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି

**ଭୁବନେଶ୍ୱର, ୫।୭:** ଆସନ୍ତା ଜୁଲାଇ ୭ ତାରିଖ ସୋମବାର ଦିନ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଗତ ୩୦.୦୬.୨୦୨୫ରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଅଭିଯୋଗ ଦାଖଲ ପାଇଁ ଯେଉଁମାନେ ପୂର୍ବରୁ ପଞ୍ଜୀକରଣ କରିଥିଲେ, ଏହି ଶୁଣାଣି କେବଳସେମାନଙ୍କ ପାଇଁ ଉଦ୍ଦିଷ୍ଟ ରହିଛି । ସେମାନେ ପୁନଃ ପଞ୍ଜୀକରଣ କରିବାର ଆବଶ୍ୟକତା ନାହିଁ । ଜୁନ୍ ୩୦ ତାରିଖ ପାଇଁ ପୂର୍ବରୁ ପଞ୍ଜୀକରଣ କରିଥିବା ଆବେଦନକାରୀ ସେମାନଙ୍କ ପ୍ରାପ୍ତି ସ୍ୱୀକାର ପତ୍ର, ବ୍ୟକ୍ତିଗତ ପରିଚୟ ପତ୍ର ତଥା ଆବେଦନ ପତ୍ର ସହ ନିର୍ଦ୍ଧାରିତ ୟୁନିଟ୍-୨, ଅଶୋକ ନଗର, ଭୁବନେଶ୍ୱର ସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ) ଠାରେ ଜନ ଶୁଣାଣି ପାଇଁ ଉପସ୍ଥିତ ରହିବେ ।

## ବୋଲେରୋ- ବାଇକ୍ ଧକ୍କା : ପତ୍ନୀ ମୃତ, ସ୍ୱାମୀ ଗୁରୁତର

**କେନ୍ଦୁଝର, ୫।୭:** ବାହୁଡ଼ା ଯାତ୍ରାରେ ଘଟିଛି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ବାରିଆ ଥାନା ଅନ୍ତର୍ଗତ ଉଖୁଣ୍ଡା ରାସ୍ତାରେ ଘଟିଛି ଏହି ଦୁର୍ଘଟଣା। ଏକ ବାଇକ୍ ରେ ସ୍ୱାମୀ ସ୍ତ୍ରୀ ଯାଉଥିବା ବେଳେ ପଛରୁ ତାଙ୍କୁ ଏକ ବୋଲେରୋ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ବାଇକରୁ ପଡ଼ି ପତ୍ନୀଙ୍କ ମୃତ୍ୟୁ ଘଟିଥିବା ବେଳେ ସ୍ୱାମୀ ଗୁରୁତର ହୋଇଛନ୍ତି । ସ୍ଥାନୀୟ ସ୍ୱେଚ୍ଛାସେବୀଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଘଟଣାସ୍ଥଳରେ ପୋଲିସ ପହଂଚି ତଦନ୍ତ ଆରମ୍ଭ କରିଛି।

## ବିଜାପୁରରେ ଏନକାଉଣ୍ଟରରେ ନକ୍ସଲ ନିହତ, ଅସ୍ତ୍ରଶସ୍ତ୍ର ଜବତ

**ବିଜାପୁର, ୫।୭:** ଛତିଶଗଡ଼ ବିଜାପୁର ଜିଲ୍ଲାର ଜାତୀୟ ଉଦ୍ୟାନ ଅଂଚଳରେ ଏକ ଏନକାଉଂଟରରେ ସୁରକ୍ଷା ବାହିନୀ ଜଣେ ନକ୍ସଲଙ୍କୁ ହତ୍ୟା କରିଛନ୍ତି। ତା'ଠାରୁ ଅସ୍ତ୍ରଶସ୍ତ୍ର ମଧ୍ୟ ଜବତ କରାଯାଇଛି। ସେହି ସମୟରେ, ଅନେକ ନକ୍ସଲ ନିହତ ଏବଂ ଆହତ ହୋଇଥିବାର ସମ୍ଭାବନା ରହିଛି। ଅଞ୍ଚଳରେ ନକ୍ସଲଙ୍କ ଏକ ବଡ଼ କ୍ୟାଡରର ଉପସ୍ଥିତି ବିଷୟରେ ମିଳିଥିବା ସୂଚନା ଆଧାରରେ, ସୁରକ୍ଷା ବାହିନୀର ଏକ ମିଳିତ ଦଳ ଦ୍ୱାରା ସର୍ଚ୍ଚ ଅପରେସନ ଆରମ୍ଭ କରାଯାଇଥିଲା। ଏହି ଅପରେସନ ସମୟରେ, ଶୁକ୍ରବାର ଠାରୁ ସୁରକ୍ଷା ବାହିନୀ ଏବଂ ନକ୍ସଲଙ୍କ ମଧ୍ୟରେ ମଝିରେ ମଝିରେ ଗୁଳି ବିନିମୟ ଜାରି ରହିଛି।

| | |
|---|---|
| ସେନ୍‌ସେକ୍ସ | ୮୦,୮୩୭ |
| ନିଫ୍ଟି | ୨୪,୫୪୨ |
| ସୁନା/୧୦ଗ୍ରା | ୯୯,୮୩୫ |
| ରୂପା/କିଗ୍ରା | ୧,୦୦,୦୦୦ |
| ଡଲାର | ୮୫.୩୯ |

## ପାଣିପାଗ

| ସର୍ବାଧିକ | |
|---|---|
| ଭୁବନେଶ୍ୱର: | ୩୦.୧° |
| କଟକ: | ୩୧.୨° |
| **ସର୍ବନିମ୍ନ** | |
| ଭୁବନେଶ୍ୱର: | ୨୫.୮° |
| କଟକ: | ୨୫.୪° |

## ହାଲ୍‌ଚାଲ୍



ରାଜ୍ୟରେ ପ୍ରବଳ ବର୍ଷା
ବିଭିନ୍ନ ସ୍ଥାନରେ ଜାରି ରହିଛି
ହିମାଚଳରେ ପ୍ରକୃତି ତାଣ୍ଡବ
ବହୁ ଜୀବନ ଯାଇଛି
ବାର ଯାଏ ଜାରି ରହିବ
ଆଲର୍ଟ ଜାରି ହୋଇଛି ।

# ସିଂହଦ୍ୱାରରେ ଲାଗିଲା ତିନିରଥ

**ଘଣ୍ଟଘଣ୍ଟା, ହୁଳହୁଳି ଓ ଶଙ୍ଖନାଦରେ ଉଚ୍ଛୁଳୁ ପଡୁଛି ବଡ଼ଦାଣ୍ଡ। ବାହୁଡ଼ାରେ ପୁଣି ଥରେ ଭକ୍ତ-ଭଗବାନ ଏକାକାର ହୋଇଛନ୍ତି। ବାହୁଡ଼ା ଯାତ୍ରାରେ ଶ୍ରୀବିଗ୍ରହଙ୍କ ରଥାରୂଢ ରୂପ ଦେଖିବାକୁ ଶ୍ରୀକ୍ଷେତ୍ରରେ ଲକ୍ଷ ଲକ୍ଷ ଲୋକଙ୍କ ସମାଗମ ଘଟିଛି। ଆସନ୍ତାକାଲି ଚତୁର୍ଦ୍ଧାମୂରତିଙ୍କ ସୁନାବେଶ ଅନୁଷ୍ଠିତ ହେବ।**



**ଭୁବନେଶ୍ୱର/ପୁରୀ, ୫।୭:** ପୁରୀ: ଜନ୍ମବେଦୀ ଛାଡ଼ି ରତ୍ନବେଦୀ ଅଭିମୁଖେ ବାହୁଡ଼ା ଯାତ୍ରାରେ ସିଂହଦ୍ୱାରରେ ପହଞ୍ଚିଥିଲା ତିନି ରଥ। ମଙ୍ଗଳ ଆଳତିଠୁ ନେଇ ପହଣ୍ଡି ଏବଂ ଛେରା ପର୍ଯ୍ୟନ୍ତ ନୀତି ନିର୍ଦ୍ଧାରିତ ସମୟରେ ସଂପନ୍ନ ହେବା ପରେ ଅପରାହ୍ନ ୩ଟାରୁ ରଥଟଣା ଆରମ୍ଭ ହୋଇଥିଲା। ପ୍ରଥମେ ତାଳଧ୍ୱଜ, ପରେ ଦର୍ପ ଦଳନ ଏବଂ ଶେଷରେ ନନ୍ଦିଘୋଷ ରଥ ସିଂହଦ୍ୱାର ସମ୍ମୁଖରେ ଲାଗିଛି। ଘଣ୍ଟଘଣ୍ଟା, ହୁଳହୁଳି ଓ ଶଙ୍ଖନାଦରେ ଉଚ୍ଛୁଳୁ ପଡୁଛି ବଡ଼ଦାଣ୍ଡ। ବାହୁଡ଼ାରେ ପୁଣି ଥରେ ଭକ୍ତ-ଭଗବାନ ଏକାକାର ହୋଇଛନ୍ତି। ବାହୁଡ଼ା ଯାତ୍ରାରେ ଶ୍ରୀବିଗ୍ରହଙ୍କ ରଥାରୂଢ ରୂପ ଦେଖିବାକୁ ଶ୍ରୀକ୍ଷେତ୍ରରେ ଲକ୍ଷ ଲକ୍ଷ ଲୋକଙ୍କ ସମାଗମ ଘଟିଛି। ଆସନ୍ତାକାଲି ଚତୁର୍ଦ୍ଧାମୂରତିଙ୍କ ସୁନାବେଶ ଅନୁଷ୍ଠିତ ହେବ।

ଆଜି ନିର୍ଦ୍ଧାରିତ ସମୟରେ ଘୋଡ଼ା ଯୋଚା ପରେ ପ୍ରଥମେ ପ୍ରଭୁ ବଳଭଦ୍ରଙ୍କଙ୍କ ଦର୍ପଦଳ ରଥ, ପରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ଓ ଶେଷରେ ମହାପ୍ରଭୁ ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଟଣା ଯାଇଥିଲା।

ଏହା ପୂର୍ବରୁ ନିର୍ଦ୍ଧାରିତ ସମୟ ୧୦ଟାରେ ବାହୁଡ଼ା ପହଣ୍ଡି ଆରମ୍ଭ ଆରମ୍ଭ ହୋଇଥିଲା। ପ୍ରଥମେ ଚକ୍ରରାଜ ସୁଦର୍ଶନ ପହଣ୍ଡିରେ ଆସି ସୁଭଦ୍ରାଙ୍କ ଦର୍ପଦଳନ ରଥରେ ବିରାଜମାନ କରିଥିଲେ। ଏହା ପରେ ଟାହିଆ ସୁଶୋଭିତ ହୋଇ ଘଣ୍ଟ ବାଦ୍ୟ ତାଳେ ତାଳେ ହୁଳ ହୁଳିରେ ଧାଡ଼ି ପହଣ୍ଡିରେ ଆସିଥିଲେ ବଡ଼ ଭାଇ ବଳଭଦ୍ର।

ଏହା ପରେ ଆସିଥିଲେ ଚକ୍ରରାଜ, ଓଡ଼ିଆଙ୍କ ମଉଡ଼ମଣି, କୋଟି ଆରାଧ ଦେବତା, ଜଗତର ନାଥ ଜଗନ୍ନାଥ। ଟାହିଆ ଲଗାଇ ସେବାୟତଙ୍କ ଘଣ୍ଟାବାଦ୍ୟ ତାଳେ ଝୁଲି ଝୁଲି ଧାଡ଼ି ପହଣ୍ଡିରେ ଆସିଥିଲେ ଚକାଆଖି। ତାଙ୍କର ଚୋକାଆଖି ଦେଖି ଆହ୍ଲାଦିତ ହୋଇ ଉଠିଥିଲେ ଶ୍ରଦ୍ଧାଳୁ। ଢଳି ଢଳି ଝୁଲି ଝୁଲି ଆସି ନନ୍ଦିଘୋଷ ରଥରେ ବିରାଜମାନ କରିଥିଲେ ମହାବାହୁ। ପାଖାପାଖି ୧୨ଟା ୩୦ରେ ବାହୁଡ଼ା ପହଣ୍ଡି ବିଜେ ନୀତି ସଂପନ୍ନ ହୋଇଥିଲା।

ଏହା ପରେ ତିନି ରଥରେ ଶ୍ରୀ ମଦନ ମୋହନ, ଶ୍ରୀରାମ, ଶ୍ରୀକୃଷ୍ଣ ବିଜେ ନୀତି ସଂପନ୍ନ ହୋଇଥିଲା। ତିନି ବିଗ୍ରହଙ୍କ ଚିତା ଲାଗି ସହ ମଇଲମ ଓ ବେଶ ଶେଷ ୧ଟା ୧୫ରେ ହୋଇଥିଲା। ପ୍ରାୟ ୧ଟା ୩୦ରୁ ଛେରା ପହଁରା ନୀତି ଆରମ୍ଭ ହୋଇଥିଲା। ଗଜପତି ମହାରାଜ ଶ୍ରୀ ଦିବ୍ୟସିଂହ ଦେବ ତମଜାନରେ ଆସିଥିଲେ। ପ୍ରଥମେ ତାଳଧ୍ୱଜ ରଥରେ ଛେରାପହଁରା ନୀତି ଅନୁଷ୍ଠିତ ହୋଇଥିଲା। ଏହା ପରେ ଗଜପତି ଦର୍ପଦଳନ ଏବଂ ଶେଷରେ ନନ୍ଦିଘୋଷ ରଥରେ ଛେରାପହଁରା ନୀତି ସଂପନ୍ନ କରିଥିଲେ। ଏହି ନୀତି ପରେ ତିନି ରଥରେ ଚାରମାଳ ଫିଟା, ଘୋଡ଼ା ଓ ସାରଥୀ ଯୋଚା ଯାଇଥିଲା। ଆଉ ଶେଷରେ ନିର୍ଦ୍ଧାରିତ ସମୟ ପ୍ରାୟ ୩ଟାରେ ରଥଟଣା ଆରମ୍ଭ ହୋଇ ରାତି ୧୦ଟାରେ ତିନି ରଥ ସିଂହଦ୍ୱାରରେ ପହଞ୍ଚିଛି।

## ଆଜି ଖୋଲିବ ହୀରାକୁଦ ଗେଟ

**ଭୁବନେଶ୍ୱର, ୫।୭:** ହୀରାକୁଦରେ ବଢୁଛି ଜଳସ୍ତର । କଲମା ଗେଟ ଖୋଲିବା ପରେ ମହାନଦୀରେ ଜଳସ୍ତର ବଢୁଛି । ଆସନ୍ତାକାଲି ପୂଜାର୍ଚ୍ଚନା ପରେ ୬ ଟି ଗେଟ ଖୋଲାଯିବ ବୋଲି ସୂଚନା ଦେଇଛନ୍ତି ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ । ପରେ ଇବ ଓ ଅନ୍ୟ ନଦୀର ଜଳ ସ୍ତର



ଦେଖି ଜଳ ନିଷ୍କାସନ ନିଷ୍ପତ୍ତି ନିଆଯିବ । ତେବେ ବିପଦ ସଂକେତ ଠାରୁ ଜଳ ସ୍ତର ତଳେ ରହିଥିବାରୁ ବନ୍ୟା ସ୍ଥିତି ନାହିଁ ବୋଲିକହିଲେ ଜଳ ସମ୍ପଦ ସର୍ବୋଚ୍ଚ ଯନ୍ତ୍ରୀ କହିଛନ୍ତି । ସେହିପରି ଲଗାଣ ବର୍ଷା ହେଲେ୍ ବି କୌଣସି ନଦୀର ଜଳସ୍ତର ବିପଦ ସଂକେତ ଉପରେ ନ ଥିବାରୁ ବନ୍ୟା ସ୍ଥିତି ନାହିଁ । ଆଇଏମଡି ଆକଳନରେ ଆଗାମୀ ଏକ ସପ୍ତାହ ଯାଏ ବର୍ଷା ନାହିଁ । ରେଙ୍ଗାଳିର ସ୍ଥିତି ଅନୁଧ୍ୟାନ କରାଯାଉଛି । ଦକ୍ଷିଣ ଓଡ଼ିଶାର ଋଷିକୂଲ୍ୟା ପୁରୁଷୋତ୍ତମପୁର ପାଞ୍ଚ ମିଟର ତଳେ ଅଛି । ବଂଶଧାରାର ଜଳସ୍ତର କମ ଅଛି ବୋଲି ସର୍ବୋଚ୍ଚ ଯନ୍ତ୍ରୀ ସୂଚନା ଦେଇଛନ୍ତି ।

## ସୁପ୍ରିମକୋର୍ଟକୁ ପହଞ୍ଚିଲା ନିର୍ବାଚନ ଆୟୋଗଙ୍କ ବିହାର ଭୋଟର ସୂଚୀ ପୁନରୀକ୍ଷଣ ମାମଲା

**ନୂଆଦିଲ୍ଲୀ ୫।୭:** ଆସୋସିଏସନ ଅଫ ଡେମୋକ୍ରାଟିକ୍ ରିଫର୍ମ (ଏଡିଆର) ନିର୍ବାଚନ ଆୟୋଗ (ଇସିଆଇ)ଙ୍କ ବିହାର ଭୋଟର ଲିଷ୍ଟର ବିଶେଷ ଗହନ ପୁନରୀକ୍ଷଣ (ଏସଆଇଆର) ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛି। ସମ୍ବିଧାନର ଅନୁଚ୍ଛେଦ ୩୨ ଅନୁସାରେ ରୁଜୁ ଜନସ୍ୱାର୍ଥ ମାମଲାରେ ଇସିଆଇଙ୍କ ଏସଆଇଆର ନିଷ୍ପତ୍ତି ଉପରେ ତୁରନ୍ତ ରୋକ ଲଗାଇବାକୁ ଦାବି କରାଯାଇଛି।

ଆବେଦନରେ କୁହାଯାଇଛି ଯେ ନିର୍ବାଚନ ଆୟୋଗ ନାଗରିକତା ସାବ୍ୟସ୍ତ କରିବା ପାଇଁ ଏପରି ନଥିପତ୍ର ଚାହୁଁଛନ୍ତି, ଯେଉଁଥି ପାଇଁ ଅନେକ ଭୋଟର ଭୋଟଦାନରୁ ବଞ୍ଚିତ ହୋଇପାରନ୍ତି। ଏହା ସହିତ ଆୟୋଗଙ୍କ ନିଷ୍ପତ୍ତି ସମ୍ବିଧାନର ଅନୁଚ୍ଛେଦ ୧୪, ୧୯, ୨୧, ୩୨୫ ଓ ୩୨୬ର ଉଲ୍ଲଂଘନ କରୁଛି । କେବଳ ଏତିକି ନୁହେଁ ଆୟୋଗଙ୍କ ନିଷ୍ପତ୍ତି ଜନ ପ୍ରତିନିଧି ଆଇନ ୧୯୫୦ର ଧାରା ୨୧(ଏ) ଓ

**ତତ୍କାଳ ରୋକ ଲଗାଇବାକୁ ଦାବି**

ଭୋଟର ପଞ୍ଜିକରଣ ଆଇନ ୧୯୬୦ର ବିରୋଧାଚରଣ କରୁଛି। ଯେଉଁଥିରେ ପୂର୍ବରୁ ଥିବା ଭୋଟରଙ୍କୁ ଏବେ ନାଗରିକତାର ପ୍ରମାଣ ଦେବାକୁ ପଡୁଛି।

ତେବେ ସବୁଠୁ ଚିନ୍ତାର କାରଣ ଯାହା ତାହା ହେଉଛି ଆୟୋଗ ଆଧାରକାର୍ଡ, ରେସନ କାର୍ଡ ଓ ଅନ୍ୟ ନଥିପତ୍ରକୁ ପ୍ରମାଣ ଭାବେ ଗ୍ରହଣ ନକରିବା । ଇସିଆଇଙ୍କ ଏହି ନିଷ୍ପତ୍ତି କାରଣରୁ ରାଜ୍ୟର କୋଟି କୋଟି



ଗରିବ ଲୋକେ ଭୋଟ ଦାନରୁ ବଞ୍ଚିତ ହେବେ। ଏଡିଆର ପକ୍ଷରୁ କରାଯାଇଥିବା ନିବେଦନରେ କୁହାଯାଇଛି ଯେ ଭୋଟର ସୂଚୀର ବିଶେଷ ଗହନ ପୁନରୀକ୍ଷଣ କରିବା ପାଇଁ ନିଷ୍ପତ୍ତିର ଦୃଢ଼ କାରଣ ମଧ୍ୟ ଜଣାଇ ନାହାନ୍ତି।

ଜନପ୍ରତିନିଧିତ୍ୱ ଆଇନ ୧୯୫୦ର ଧାରା ୨୧(୩) ଅନୁସାରେ ନିର୍ବାଚନ ଆୟୋଗଙ୍କୁ ମଜଭୁତ କାରଣ ଆଧାରରେ ବିଶେଷ ପୁନରୀକ୍ଷଣ କରିବାର ଅଧିକାର ରହିଛି। ହେଲେ ବିହାର ବିଧାନସଭା ନିର୍ବାଚନ ପାଇଁ ଆୟୋଗ କୌଣସି ମଜଭୁତ କାରଣ ଦର୍ଶାଇ ନାହାନ୍ତି। ଆବେଦନରେ କୁହାଯାଇଛି ଯେ ନିର୍ବାଚନ ଆୟୋଗ ଅକ୍ଟୋବର ୨୦୨୪ରୁ ଜାନୁୟାରୀ ୨୦୨୫ ପର୍ଯ୍ୟନ୍ତ ଭୋଟର ସୂଚୀର ଆଂଶିକ ସମୀକ୍ଷା କରିଥିଲେ ଓ ଏଥିରେ ସେପରି ବଡ଼ ଧରଣର ତ୍ରୁଟି ବିଚ୍ୟୁତି ସାମ୍ନାକୁ ଆସିନଥିଲା।

ଏଣୁ ବିହାର ବିଧାନସଭା ନିର୍ବାଚନର ମାତ୍ର କିଛି ମାସ ପୂର୍ବରୁ ବିଶେଷ ଅଭିଯାନ ଚଳାଇବାର ନିଷ୍ପତ୍ତି ଗୁରୁତର ପ୍ରଶ୍ନବାଚୀ ସୃଷ୍ଟି କରିଛି। ଆବେଦନରେ କୁହାଯାଇଛି ଯେ ବିହାର ଭଳି ରାଜ୍ୟରେ ଏତେ କମ ସମୟରେ ଭୋଟର ଲିଷ୍ଟର ଗହନ ପୁନରୀକ୍ଷଣ କରିବା ସମ୍ଭବ ନୁହେଁ। ଏହା ଛଡା ଏପରି ନିଷ୍ପତ୍ତି ଯୋଗୁ ଅନେକ ଭୋଟର ଭୋଟଦାନରୁ ବଞ୍ଚିତ ହୋଇ ପାରନ୍ତି। ଏଣୁ ଆବେଦନରେ ନିର୍ବାଚନ ଆୟୋଗଙ୍କ ନିଷ୍ପତ୍ତି ଉପରେ ତୁରନ୍ତ ରୋକ ଲଗାଇବାକୁ ନିବେଦନ କରାଯାଇଛି।

## ହାଇକୋର୍ଟ ବିଚାରପତି ପଦ ପାଇଁ ୩୬ ଜଣଙ୍କ ନାମ ସୁପାରିସ

**ନୂଆଦିଲ୍ଲୀ, ୫।୭:** ସୁପ୍ରିମ୍ ?କାର୍ଟ କଲେଜିୟମ୍ ବିଭିନ୍ନ ହାଇକୋର୍ଟରେ ବିଚାରପତି ଭାବେ ପଦୋନ୍ନତି ପାଇଁ ରେକର୍ଡ ୩୬ ଜଣଙ୍କ ନାମକୁ ମଞ୍ଜୁରି ପ୍ରଦାନ କରିଛି। ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ଅନୁମୋଦନ ପରେ ସେମାନଙ୍କୁ ନିଯୁକ୍ତି ମିଳିବ। ଦିଲ୍ଲୀ, ପଞ୍ଜାବ ଓ ହରିୟାଣା, ମଧ୍ୟପ୍ରଦେଶ, ତେଲେଙ୍ଗାନା, ପାଟନା, ଆନ୍ଧ୍ରପ୍ରଦେଶ ଓ ରାଜସ୍ଥାନ ସମେତ ଅନେକ ହାଇକୋର୍ଟରେ ନିଯୁକ୍ତି ପାଇଁ ଏହି ନାମଗୁଡ଼ିକ ସୁପାରିସ କରାଯାଇଛି। ପ୍ରଧାନ ବିଚାରପତି ଜଷ୍ଟିସ ଭୂଷଣ ଆର୍ ଗଓ୍ୱାଇ ଏବଂ ବରିଷ୍ଠ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ବିକ୍ରମ ନାଥଙ୍କୁ ନେଇ ଗଠିତ କଲେଜିୟମ୍ ଜୁଲାଇ ୨ ଓ ୩ରେ ପ୍ରାର୍ଥୀମାନଙ୍କ ସାକ୍ଷାତ୍‌କାର ନେଇଥିଲେ। କଲେଜିୟମ୍ ?ର ପ୍ରସ୍ତାବ ଅନୁଯାୟୀ ପଞ୍ଜାବ ଓ ହରିୟାଣା ଏବଂ ମଧ୍ୟପ୍ରଦେଶ ହାଇକୋର୍ଟରେ ନିଯୁକ୍ତି ପାଇଁ ୧୦ ଜଣ ଲେଖାଏଁ, ତେଲେଙ୍ଗାନା ଓ ଗୌହାଟୀ ହାଇକୋର୍ଟରେ ୪ ଜଣ ଲେଖାଏଁ, ଦିଲ୍ଲୀ ହାଇକୋର୍ଟରେ ୩ ଜଣ, ରାଜସ୍ଥାନ ଓ ପାଟନା ହାଇକୋର୍ଟରେ ୨ ଜଣ ଲେଖାଏଁ, ଆନ୍ଧ୍ରପ୍ରଦେଶ ହାଇକୋର୍ଟ ପାଇଁ ଗୋଟିଏ ନାମ ସୁପାରିସ କରାଯାଇଛି। ଜୁଲାଇ ପହିଲା ସୁଦ୍ଧା ଦେଶର ୨୫ଟି ହାଇକୋର୍ଟରେ ୧୧୨୨ଟି ମଞ୍ଜୁରୀପ୍ରାପ୍ତ ପଦବୀ ଥିବା ବେଳେ ୩୭୧ଟି ପଦବୀ ଖାଲି ପଡ଼ିଛି। ରିପୋର୍ଟ ଅନୁଯାୟୀ, ବ୍ୟକ୍ତିଗତ ସାକ୍ଷାତ୍‌କାର ଚୂଡ଼ାନ୍ତ ଚୟନକୁ ଯଥେଷ୍ଟ ପ୍ରଭାବିତ କରିଥିଲା। ଏପରି କିଛି ପ୍ରାର୍ଥୀ ଥିଲେ, ଯେଉଁମାନଙ୍କ ଫାଇଲ ବିଶେଷ ଭଲ ଦେଖାଯାଉ ନ ଥିଲା, କାରଣ ସେମାନଙ୍କ ପାଖରେ ହାଇପ୍ରୋଫାଇଲ୍ ମାମଲାର ଅଭାବ ଥିଲା କିମ୍ବା ପରାମର୍ଶଦାତା ବିଚାରପତିଙ୍କଠାରୁ ସେମାନଙ୍କ ଉପରେ ସର୍ବୋତ୍ତମ ମତାମତ ନ ଥିଲା। କିନ୍ତୁ କଥାବାର୍ତ୍ତା ସମୟରେ ସେମାନେ ନ୍ୟାୟିକ ଦୃଷ୍ଟିରୁ ତୀକ୍ଷ୍ଣ ଓ ନୈତିକ ଦୃଷ୍ଟିରୁ ଦୃଢ଼ ବୋଲି ଜଣାପଡ଼ିଥିଲେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସୁପ୍ରିମ୍‌କୋର୍ଟର ପାରମ୍ପରିକ ଗ୍ରୀଷ୍ମଛୁଟି ସମୟରେ ସାକ୍ଷାତ୍‌କାର ନିଆଯାଇଥିଲା, ଯାହାକୁ ବର୍ତ୍ତମାନ 'ଆଂଶିକ କାର୍ଯ୍ୟ ଦିବସ' ଭାବରେ ବର୍ଗୀକୃତ କରାଯାଇଛି। ଗତବର୍ଷ ଶେଷ ଆଡ଼କୁ ତତ୍କାଳୀନ ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନାଙ୍କ ନେତୃତ୍ୱାଧୀନ କଲେଜିୟମ୍ ପ୍ରାର୍ଥୀଙ୍କ ବ୍ୟକ୍ତିଗତ ସାକ୍ଷାତ୍‌କାର ପ୍ରଥାକୁ ପୁନର୍ଜୀବିତ କରିବା ପରେ ଏହି ସଦ୍ୟତମ ପଦକ୍ଷେପ ନିଆଯାଇଛି।

## ବ୍ୟାଙ୍କ ଉପରୁ କଟକଣା ହଟାଇଲେ ସରକାର

ଭୁବନେଶ୍ୱର,୫।୭: ଏଚଡିଏଫସି, ଆଇସିଆଇସିଆଇ, ଆକ୍ସିସ ବ୍ୟାଙ୍କ ଉପରୁ ଶନିବାର କଟକଣା ହଟାଇଛନ୍ତି ରାଜ୍ୟ ସରକାର। ଏନେଇ ସବୁ ବିଭାଗୀୟ ସଚିବଙ୍କୁ ଚିଠି ଲେଖିଛନ୍ତି ଅର୍ଥ ସଚିବ। ଚଡିଏଫସି, ଆଇସିଆଇସିଆଇ, ଆକ୍ସିସ ବ୍ୟାଙ୍କରୁ ପୂର୍ବପରି ରାଜ୍ୟ ସରକାର ବ୍ୟାଙ୍କ ସମ୍ପର୍କିତ ସବୁ କାମ ରହିବେ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି। ୩ ବ୍ୟାଙ୍କ କର୍ତ୍ତୃପକ୍ଷ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିବା ପରେ ଏଚଡିଏଫସି, ଆଇସିଆଇସିଆଇ, ଆକ୍ସିସ ବ୍ୟାଙ୍କ ଉପରେ ଲାଗିଥିବା କଟକଣାକୁ ରାଜ୍ୟ ସରକାର ହଟାଇ ଦେଇଛନ୍ତି।

## ୧୨ ପର୍ଯ୍ୟନ୍ତ ଜାରି ରହିବ ବର୍ଷା

**ଭୁବନେଶ୍ୱର, ୫।୭:** ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶା ଉପରେ ସକ୍ରିୟ ରହିଥିବା ବେଳେ ଆଗାମୀ ୭ ଦିନ ପାଇଁ ବର୍ଷା ନେଇ ପୂର୍ବାନୁମାନ କରିବା ସହିତ ଚେତାବନୀ ଦେଇଛି ପାଣିପାଗ ବିଭାଗ। ପାଣିପାଗ ବିଭାଗ ପକ୍ଷରୁ ଜାରି କରାଯାଇଥିବା ବୁଲେଟିନରେ କୁହାଯାଇଛି ଯେ ଆସନ୍ତାକାଲି ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ରାଜ୍ୟର ଜିଲ୍ଲାଗୁଡ଼ିକର ଅଧିକାଂଶ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା କିମ୍ବା ବିଜୁଳିମାରିବାର ସମ୍ଭାବନା ରହିଛି। ତେବେ ସୁନ୍ଦରଗଡ଼, ଝାରସୁଗୁଡ଼ା ଓ କେନ୍ଦୁଝର ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ଝଟକା ପବନ (ଘଣ୍ଟାପ୍ରତି ୩୦ରୁ ୪୦ କିମି) ଓ ବଜ୍ରପାତ ସହିତ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେଥିପାଇଁ ଏହି ଜିଲ୍ଲାଗୁଡ଼ିକୁ ଅରେଞ୍ଜ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି।

ଏହି ସମୟ ମଧ୍ୟରେ ସମ୍ବଲପୁର, ବରଗଡ଼, ସୋନପୁର, ବୌଦ୍ଧ, ଅନୁଗୋଳ, ଢେଙ୍କାନାଳ, ମୟୂରଭଞ୍ଜ, ଦେବଗଡ଼, କୋରାପୁଟ, କଳାହାଣ୍ଡି, ରାୟଗଡ଼ା, ବଲାଙ୍ଗିର, କନ୍ଧମାଳ ଓ ନୂଆପଡ଼ା ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ଝଟକା ପବନ (ଘଣ୍ଟାପ୍ରତି ୩୦ରୁ ୪୦ କିମି) ଓ ବଜ୍ରପାତ ସହିତ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେଥିପାଇଁ ଏହି ଜିଲ୍ଲାଗୁଡ଼ିକୁ ୟେଲୋ



ଓ୍ୱାର୍ଣ୍ଣିଂ ଦିଆଯାଇଛି।

ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ ଓ ଜଗତସିଂହପୁର ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ଘଣ୍ଟାପ୍ରତି ୩୦ରୁ ୪୦ କିମି ବେଗରେ ଝଟକା ପବନ

**ପ୍ରବଳ ବର୍ଷା ପାଇଁ ଆଲର୍ଟ ଜାରି**

ପ୍ରବାହିତ ହେବା ସହିତ ବଜ୍ରପାତ ହେବାର ସମ୍ଭାବନା ଥିବାରୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି।

ଆସନ୍ତାକାଲି (ଜୁଲାଇ ୬ ତାରିଖ) ସକାଳ ସାଢ଼େ ୮ଟାରୁ ୭ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ରାଜ୍ୟରେ ଅଧିକାଂଶ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା କିମ୍ବା ବଜ୍ରପାତ ହେବାର ସମ୍ଭାବନା ରହିଛି। ତେବେ ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଝଟକା ପବନ (ଘଣ୍ଟାପ୍ରତି ୩୦ରୁ ୪୦ କିମି) ଓ ବଜ୍ରପାତ ସହିତ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେଥିପାଇଁ ଏହି ଦୁଇ ଜିଲ୍ଲାକୁ ଅରେଞ୍ଜ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି।

ସେହିପରି ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, ବରଗଡ଼, ସୋନପୁର, ଅନୁଗୋଳ, ଢେଙ୍କାନାଳ, ନବରଙ୍ଗପୁର, କୋରାପୁଟ ଓ ରାୟଗଡ଼ା ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ଝଟକା ପବନ (ଘଣ୍ଟାପ୍ରତି ୩୦ରୁ ୪୦ କିମି) ଓ ବଜ୍ରପାତ ସହିତ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

## ପୁରୀ ବିମାନବନ୍ଦର ଲାଗି କେନ୍ଦ୍ରକୁ ବାଧ କରାଯିବ

**ପୁରୀ, ୫।୭:** ପୁରୀକୁ ନେଇ ବିଜେଡି ବିଧାୟକ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ରଙ୍କ ପ୍ରତିକ୍ରିୟା, ପୁରୀରେ ହେଉ ବିମାନବନ୍ଦର । ସେ କହିଛନ୍ତି, ଅନେକ ଅନ୍ତର୍ଜାତୀୟ ବିମାନବନ୍ଦର ସମୁଦ୍ର କୂଳରେ ହୋଇଛି ଆଉ କିଛି ସମୁଦ୍ର ଭିତରେ ହୋଇଛି । ସେହିପରି ପୁରୀକୁ ମଧ୍ୟ ଗୁରୁତ୍ୱ ଦିଆଯାଉ । କେନ୍ଦ୍ର ସରକାର ଯଦି ପୁରୀରେ ବିମାନବନ୍ଦର ନ କରିବେ, ଜଗନ୍ନାଥ ସଂସ୍କୃତିକୁ ଉନ୍ନତି ନ କରିବେ, ତେବେ ସରକାରର ପତନ ହେବ । ସେ ଉଦାହରଣ ଦେବାକୁ ଯାଉ କହିଛନ୍ତି ଯେ କଳାହାଣ୍ଡିରେ ଉକଳୋ ଏୟାରପୋର୍ଟ ହେଲା । ଏହା ପରେ ସେ ଅଞ୍ଚଳର ପରିଭାଷା ବଦଳି ଗଲା । ସେହିପରି ପୁରୀରେ ଅନ୍ତର୍ଜାତୀୟ ବିମାନବନ୍ଦର ହେଲେ ପୂରା ବିଶ୍ୱରୁ ଲୋକେ ପୁରୀରେ ପହଞ୍ଚି ପାରିବେ । ଆମର ପରମ୍ପରା ବିଶ୍ୱବ୍ୟାପି ହେବ ଏବଂ ଓଡ଼ିଶାର ମାନଚିତ୍ର ସାରା ବିଶ୍ୱରେ ପ୍ରକାଶିତ ହେବ । ଜଙ୍ଗଲ ଜମି ହେଉ କି ଆଉ କୌଣସି ଅସୁବିଧା , ତଥାପି ଆମେ କେନ୍ଦ୍ର ସରକାରଙ୍କୁ ବାଧ କରିବା ପୁରୀରେ ବିମାନ ବନ୍ଦର ନିର୍ମାଣ ହେଉ ।

ସେ ଆହୁରି ମଧ୍ୟ କହିଛନ୍ତି ସମୁଦ୍ର କୂଳରେ ଅନେକ ବିମାନବନ୍ଦର ଅଛି , ସବୁ ବିମାନ କ୍ଷତି କରେ ନାହିଁ । ଆମ ପରିବେଶ କେମିତି ସୁରକ୍ଷିତ ରହିବ ସେ ନେଇ ଆମେ ଚିନ୍ତିତ ଏବଂ ଚିନ୍ତା କରିବାର ଆବଶ୍ୟକତା ମଧ୍ୟ ରହିଛି । ବିମାନ ବନ୍ଦର ନିର୍ମାଣ ହେବ ଏବଂ ସେ ବିମାନ ଗୁଡିକ ଆମର ଜୈବ ବିବିଧତା, ଅଲିଭ ରିଡିଲେ ଏବଂ ସମୁଦ୍ର ଜୀବଜନ୍ତୁଙ୍କୁ କିପରି କ୍ଷତି ନ କରିବ ସେଥିପ୍ରତି ଆମେ ଯତ୍ନବାନ ହେବା ।

## ସୁରକ୍ଷାକର୍ମୀଙ୍କୁ ଚାପିଦେଲା କୋଇଲା ବୋଝେଇ ଗାଡ଼ି

**ଲେଫ୍ରିପଡ଼ା, ୫।୭:** ସୁନ୍ଦରଗଡ଼ ଜିଲ୍ଲା ଲେଫ୍ରିପଡ଼ା ଥାନା ଅନ୍ତର୍ଗତ ଅଉଁଲାବାହାଲ ଠାରେ କୋଲକରିଡ଼ର ରାସ୍ତାରେ ଆଜି ସନ୍ଧ୍ୟା ପ୍ରାୟ ସାଢ଼ ୬ଟା ବେଳେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ରାସ୍ତାରେ କାର୍ଯ୍ୟରତ ଜଣେ ସିକ୍ୟୁରିଟି ଗାର୍ଡର ମୃତ୍ୟୁ ହୋଇଛି।

ସୂଚନାରୁ ପ୍ରକାଶ ଯେ, ଅଉଁଲାବାହାଲ ରାସ୍ତାରେ କାର୍ଯ୍ୟରତ ସିକ୍ୟୁରିଟି ଗାର୍ଡ ରଜତ ପଟେଲ କାମ ସାରି ଅଉଁଲାବାହାଲକୁ ସାଇକେଲରେ ଫେରୁଥିବା ବେଳେ ଅପରପଟୁ ଆସୁଥିବା କୋଇଲା ବୋଝେଇ ଭାରୀଯାନ (ଓଡି ୧୬ ଏଲ୍ ୭୫୦୭) ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାର ମୃତ୍ୟୁ ହୋଇଥିଲା। ମୃତ ଯୁବକ ଭୋଜପୁରର ହୋଇଥିବା ବେଳେ ଅଉଁଲାବାହାଲ ତାର ମାମୁଁଘର। ମାମୁଁ ଘରେ ରହି ସେ ନିଜ ଡ୍ୟୁଟି କରୁଥିଲା।

ଖବର ପାଇ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇବା ସହ ରାସ୍ତା ଅବରୋଧ କରାଯାଇଛି। ସମ୍ବାଦ ଲେଖା ହେବା ପର୍ଯ୍ୟନ୍ତ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରୁଥିବା ପ୍ରକାଶ। ତେବେ କିଛି ଦିନ ହେବ ଏହି କରିଡରରେ କୋଇଲା ଓ ଆସ୍ ବୋଝେଇ ଭାରୀଯାନ ଚଳାଚଳ ଆରମ୍ଭ ହୋଇଥିବା ବେଳେ ବେପରୁଆ ଗାଡି ଚଳାଚଳ ଯୋଗୁଁ ନିୟମିତ ଛୋଟବଡ଼ ଦୁର୍ଘଟଣା ହେଉଥିବାରୁ କରିଡର ଅଞ୍ଚଳବାସୀ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

## ହିମାଚଳରେ ପ୍ରକୃତିର ତାଣ୍ଡବ : ୮୦ରୁ ଅଧିକ ମୃତ

**ନୂଆଦିଲ୍ଲୀ, ୫।୭:** ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡ ପରେ ବର୍ଷା ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ଦୁଃଖ ବଢାଇଛି । ମଧ୍ୟପ୍ରଦେଶର ୨୦ଟି ସହରରେ ପ୍ରବଳ ବର୍ଷା ହୋଇଛି । ମଣ୍ଡଲା, ସେଓନି ଏବଂ ବାଲାଘାଟ ଜିଲ୍ଲାଗୁଡ଼ିକୁ ରେଡ୍ ଆଲର୍ଟ ଜାରି କରାଯାଇଛି । ଜବଲପୁରରେ ଗ୍ୟାସ୍ ସିଲିଣ୍ଡର ବୋଝେଇ ଏକ ଟ୍ରକ୍ ପାଣିରେ ବୁଡ଼ି ଯାଇଛି । ମଣ୍ଡଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଜୁନ୍ ୧ ତାରିଖରୁ ରାଜସ୍ଥାନରେ ୧୬୭.୧ ମିମି ବର୍ଷା ହୋଇଛି, ଯାହା ସ୍ୱାଭାବିକ ଅପେକ୍ଷା ୧୩୭% ଅଧିକ । ନିରନ୍ତର ମୌସୁମୀ ସକ୍ରିୟ ଥିବାରୁ, ବର୍ତ୍ତମାନ ଗୋଟିଏ ବି ଜିଲ୍ଲା ଶୁଖିଲା ନାହିଁ । ଯେତେବେଳେ ଗତ ଜୁଲାଇ ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ୧୪ଟି ଜିଲ୍ଲା ମରୁଡ଼ି କବଳରେ ଥିଲା ।

ଜୁନ୍ ୧ ତାରିଖରୁ ୪ ଯାଏ ରାଜସ୍ଥାନରେ ୧୬୭.୧ ମିମି ବର୍ଷା ହୋଇଛି, ଯାହା ସ୍ୱାଭାବିକ ଅପେକ୍ଷା ୧୩୭% ଅଧିକ । ମୌସୁମୀ ସକ୍ରିୟ

**୪୦ରୁ ଅଧିକ ନିଖୋଜ**

ଥିବାରୁ, ବର୍ତ୍ତମାନ ଗୋଟିଏ ବି ଜିଲ୍ଲା ଶୁଖିଲା ନାହିଁ । ୨୦୨୪ ଜୁଲାଇ ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ୧୪ଟି ଜିଲ୍ଲାରେ ମରୁଡ଼ି ପଡିଥିଲା ହେଲେ ଏବେ ଚିତ୍ର ଭିନ୍ନ । ସେହିପରି ଉତ୍ତର ପ୍ରଦେଶରେ ମଧ୍ୟ ପ୍ରବଳ ବର୍ଷା ଜାରି ରହିଛି । ବାରାଣସୀର ରନହେଶ୍ୱର ମହାଦେବ ମନ୍ଦିରର ଅଧାରୁ ଅଧିକ ଅଂଶ ପାଣିରେ ବୁଡ଼ି ରହିଛି ।



ଗଙ୍ଗାର ଜଳସ୍ତର ୪ ଦିନ ମଧ୍ୟରେ ୧୫ ଫୁଟ ବୃଦ୍ଧି ପାଇଛି । ଶୁକ୍ରବାର ରାତି ୧୧ଟା ସୁଦ୍ଧା ଗଙ୍ଗାନଦୀର ଜଳସ୍ତର ୬୨.୬୩ ମିଟର ରେକର୍ଡ କରାଯାଇଛି ।

ଟେକ୍ସାସର ହିଲ୍ କଣ୍ଟ୍ରିରେ ପ୍ରବଳ ବର୍ଷା ଓ ବନ୍ୟା ଯୋଗୁଁ ୨୪ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୨୩ରୁ ଅଧିକ ଝିଅ ନିଖୋଜ ଅଛନ୍ତି । ଶୁକ୍ରବାର ଗୁଆଡାଲୁପେ ନଦୀରେ ହଠାତ୍ ବନ୍ୟା ଆସିବା ଯୋଗୁଁ କେର୍ କାଉଣ୍ଟିରେ ବଡ ଅଘଟଣ ଘଟିଛି । ଏକ ଗ୍ରୀଷ୍ମକାଳୀନ ଶିବିରରୁ ପ୍ରାୟ ୭୫୦ ଜଣ ଝିଅଙ୍କ ମଧ୍ୟରୁ ୨୩ରୁ ୨୫ ଜଣ ନିଖୋଜ ଅଛନ୍ତି । ରାତିରେ ପ୍ରବଳ ବର୍ଷାରେ ୧୦ରୁ ୧୨ ଇଞ୍ଚ ଜଳସ୍ତର ବଢ଼ିଥିଲା, ଯାହା କେର କାଉଣ୍ଟିର ବାର୍ଷିକ ହାରାହାରି ବର୍ଷାର ଏକ ତୃତୀୟାଂଶ । କେର୍ କାଉଣ୍ଟିରେ ଉଦ୍ଧାରକାରୀ ଦଳ ହେଲିକପ୍ଟର, ଡ୍ରୋନ୍ ଓ ନୌକା ସାହାଯ୍ୟରେ ନିଖୋଜଙ୍କୁ ଖୋଜୁଛି । ଟେକ୍ସାସ ଗଭର୍ଣ୍ଣର ଗ୍ରେଗ ଆବୋଟ୍ ବିପର୍ଯ୍ୟୟ ଘୋଷଣା କରି ଉଦ୍ଧାର କାର୍ଯ୍ୟକୁ ତ୍ୱରାନିତ୍ୱ କରିଛନ୍ତି ।

ସେପଟେ ଚୀନର ଉତ୍ତର ଓ ପଶ୍ଚିମ ଅଞ୍ଚଳରେ ପ୍ରବଳ ବର୍ଷା ପାଇଁ ରେଡ୍‌ଆଲର୍ଟ ଜାରୀ ରହିଛି । ବନ୍ୟା ଫଳରେ ୧୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଛି । ଚୀନର ପାଣିପାଗ ବିଭାଗ ଅନୁଯାୟୀ, ହେବେଇ ସମେତ ବେଜିଂ ଓ ତିଆନଜିନ୍ ଅଞ୍ଚଳରେ ଆଗାମୀ ୪୮ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ପୂର୍ବରୁ ହେବେଇରେ ବନ୍ୟା ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହୋଇଛି, ଅନେକ ଗାଁ ଜଳମଗ୍ନ ହୋଇଛି ଏବଂ ହଜାର ହଜାର ଲୋକ ବାସହରା ହୋଇଛନ୍ତି ।

# ମାତୃଭାଷା

କଟକ,ରବିବାର, ଜୁଲାଇ - ୬, ୨୦୨୫ ପୃଷ୍ଠା: ୨


## ଭାରତ - ରଷ୍ ବନ୍ଧୁତାକୁ ନେଇ ପାଶ୍ଚାତ୍ୟ ରାଷ୍ଟ୍ର ଅକାରଣେ ଜଳୁଛନ୍ତି

ବ୍ରିଟେନର ପ୍ରସିଦ୍ଧ ଖବରକାଗଜ ଦି ଟେଲିଗ୍ରାଫରେ ପୂର୍ବତନ ବ୍ରିଟିଶ ନୌସେନା ଅଧିକାରୀ ଟମ୍ ଶାର୍ପଙ୍କ ଏକ ଲେଖା ପ୍ରକାଶ ପାଇଛି, ଯାହାର ଶୀର୍ଷକ ଭାରତ ବିଷୟରେ ତାଙ୍କର ନକାରାତ୍ମକ ମତାମତକୁ ଦର୍ଶାଉଛି। ଲେଖାର ଶୀର୍ଷକ ହେଉଛି- 'ଭାରତ ଏକ ଶତ୍ରୁ - ବନ୍ଧୁ କିମ୍ବା ନିରପେକ୍ଷ ନୁହେଁ।' ଏହା କେବଳ ଏକ ଲେଖା ନୁହେଁ, ବରଂ ପାଶ୍ଚାତ୍ୟ ଦେଶଗୁଡ଼ିକର କିଛି ବିଶେଷଜ୍ଞଙ୍କ ହତାଶ ମାନସିକତାର ପ୍ରତିଫଳନ, ଯେଉଁମାନେ ଏବେ ବି ୧୯୪୭ ପୂର୍ବ ଯୁଗରେ ବାସ କରୁଛନ୍ତି। ଏହି ଲେଖାଟି ସେତେବେଳେ ପ୍ରକାଶିତ ହୋଇଛି, ଯେତେବେଳେ ଭାରତ ରୁଷିଆର ସହଯୋଗରେ ନିର୍ମିତ ଏକ ନୂତନ ଷ୍ଟିଲଥ୍ ଯୁଦ୍ଧଜାହାଜ ଆଇ,ଏନ୍,ଏସ୍, ତମାଲକୁ ନୌସେନାରେ ସାମିଲ କଲା। ଏହା ଉପରେ ମତାମତ ଦେଇ ଦି ଟେଲିଗ୍ରାଫ ଭାରତକୁ 'ପୁଟିନଙ୍କ ଆର୍ଥିକ ପ୍ରଦାତା' ଏବଂ 'ପଶ୍ଚିମ ଦେଶଗୁଡ଼ିକର ଶତ୍ରୁ' ବୋଲି କହିଛି।

ବ୍ରିଟେନ ଭଳି ଦେଶରେ ବସିଥିବା ଅନେକ ବିଶେଷଜ୍ଞ ଏପର୍ଯ୍ୟନ୍ତ ବୁଝିପାରି ନାହାଁନ୍ତି ଯେ ଭାରତ ଆଉ ଦାସ ନୁହେଁ। ଭାରତର ବୈଦେଶିକ ନୀତି 'ଭାରତ ପ୍ରଥମ' ଚିନ୍ତାଧାରା ଉପରେ ଆଧାରିତ। ରୁଷ ସହିତ ଭାରତର ସାମରିକ ସମ୍ପର୍କ ନୂଆ ନୁହେଁ, ଏହା ୧୯୭୦ ଏବଂ ୮୦ ଦଶକରୁ ଚାଲିଛି। ଏହି ଲେଖାଟି ବ୍ରହ୍ମୋସ କ୍ଷେପଣାସ୍ତ୍ରର ଶକ୍ତିକୁ ନ୍ୟୁନ କରି ଦର୍ଶାଇବାକୁ ଚେଷ୍ଟା କରିଛି। ବ୍ରହ୍ମୋସର ମାରକ କ୍ଷମତା କେତେ ଭୟଙ୍କର, ସେ କଥା ଟମ୍ ଶାର୍ପ୍ ପାକିସ୍ତାନକୁ ପଚାରିବା ଉଚିତ, ଯାହାକି ନିକଟରେ ଅପରେସନ ସିନ୍ଦୁର ସମୟରେ ପାକିସ୍ତାନ ଏହାକୁ ଅନୁଭବ କରିସାରିଛି। ଏସ୍-୪୦୦ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଏବଂ ଆଇ,ଏନ୍,ଏସ୍, ତମାଲ ପାଇଁ ଚୁକ୍ତି ୨୦୨୨ ପୂର୍ବରୁ ଚୁକ୍ତିର ଅଂଶ। ବ୍ରିଟେନ କଣ ଚାହୁଁଛି ଯେ ଭାରତ ଯୁଦ୍ଧ ପରିସ୍ଥିତି ସମୟରେ ତାର ପ୍ରତିରକ୍ଷା କ୍ରୟ ବନ୍ଦ କରୁ ଏବଂ ତାର ସୁରକ୍ଷାକୁ ବାଜିରେ ଲଗାଉ, ଯାହା ଦ୍ୱାରା ପଶ୍ଚିମ ଦେଶମାନେ ଖୁସି ହେବେ ?

ଶୀତଳ ଯୁଦ୍ଧ ସମୟରୁ ଭାରତ ଏକ ସନ୍ତୁଳିତ ବୈଦେଶିକ ନୀତି ଅନୁସରଣ କରିଆସୁଛି। କ୍ୱାଡରେ ଆମେରିକା, ଜାପାନ ଏବଂ ଅଷ୍ଟ୍ରେଲିଆ ସହିତ ହାତ ମିଳାଇ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଶାନ୍ତି ଏବଂ ସ୍ଥିରତା ବଜାୟ ରଖିବା ହେଉ, ଜି -୨୦ ର ଅଧ୍ୟକ୍ଷତା କରି ବିଶ୍ୱ ନେତୃତ୍ୱ ପ୍ରଦାନ କରିବା ହେଉ, କିମ୍ବା ଏସ୍,ସି,ଓ, ଭଳି ମଞ୍ଚରେ ସ୍ୱାଧୀନ ଦୃଷ୍ଟିକୋଣ ପ୍ରଦର୍ଶନ କରିବା ହେଉ, ଭାରତ ବାରମ୍ବାର ପ୍ରମାଣିତ କରିଛି ଯେ ଏହା କୌଣସି ବ୍ଲକ୍ର ଅଂଶ ନୁହେଁ। ଟେଲିଗ୍ରାଫ୍ ଭାରତକୁ 'ଶତ୍ରୁ' ବୋଲି କହିବା କେବଳ ତଥ୍ୟଗତ ଭାବରେ ଭୁଲ ନୁହେଁ, ବରଂ ଏହା ଉପନିବେଶବାଦୀ ଚିନ୍ତାଧାରାର ଏକ ଉଦାହରଣ ଯାହା ଭାରତକୁ ନିଜ ସର୍ତ୍ତରେ ଚଳାଇବାକୁ ଚାହେଁ। ଭାରତ ବି,ଆର,ଆଇ, ପରି ଚୀନ୍ ପ୍ରକଳ୍ପକୁ ପ୍ରତ୍ୟାଖ୍ୟାନ କରିଛି, ସମ୍ପ୍ରତି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏସ୍,ସି,ଓ, ପ୍ରସ୍ତାବରେ ସ୍ୱାକ୍ଷର କରିବାକୁ ମନା କରିଦେଇଥିଲେ, ଏବଂ ଜି-୭ ଭଳି ମଞ୍ଚରେ ଭାରତ ନିରନ୍ତର ସକ୍ରିୟ ରହିଛି। ଏହା ସତ୍ତ୍ୱେ ରୁଷ ସହିତ ରଣନୈତିକ ସମ୍ପର୍କ ବଜାୟ ରଖିଲେ ପାଶ୍ଚାତ୍ୟ ଗଣମାଧ୍ୟମ ଚିହିଙ୍କି ଉଠୁଛି।

ଟମ୍ ଶାର୍ପ୍ ତାଙ୍କ ଲେଖାରେ ଭାରତର ରୁଷରୁ ତୈଳ ଆମଦାନୀକୁ 'ପୁଟିନଙ୍କ ଅତ୍ୟାଚାରକୁ ବିତ୍ତ ପୋଷଣ' ବୋଲି କହିଛନ୍ତି। ଏହା ସମ୍ପୂର୍ଣ୍ଣ ଭୁଲ। ଭାରତ ଅନେକ ଥର ସ୍ପଷ୍ଟ କରିଛି ଯେ ଶସ୍ତା ରୁଷ ତେଲ ଏହାର ଶକ୍ତି ସୁରକ୍ଷା ଏବଂ ଅର୍ଥନୀତି ପାଇଁ ଅତ୍ୟାବଶ୍ୟକ। ଯେତେବେଳେ ବିଶ୍ୱ ସ୍ତରରେ ତୈଳ ମୂଲ୍ୟ ଆକାଶଛୁଆଁ ଥିଲା, ଭାରତ ଏହାର ୧୪୦ କୋଟି ନାଗରିକଙ୍କ ଆବଶ୍ୟକତାକୁ ପ୍ରାଥମିକତା ଦେଇଥିଲା। ଏହା କ'ଣ ଭୁଲ ? ଯଦି ଭାରତର ତୈଳ ଆମଦାନୀ ଭୁଲ, ତେବେ ଜୁନ୍ ୨୦୨୫ ଠାରୁ ରୁଷରୁ ତେଲ କିଣୁଥିବା ଜାପାନ ଉପରେ ପାଶ୍ଚାତ୍ୟ ଦେଶମାନଙ୍କର ନୀରବତା କାହିଁକି ? ଏହି ଦ୍ୱନ୍ଦ୍ୱ ମାନଦଣ୍ଡ ଭାରତକୁ ଟାର୍ଗେଟ କରିବାର ପ୍ରୟାସର ପର୍ଦ୍ଦାଫାସ କରେ।

ଯଦି ଆମେ ପ୍ରତିରକ୍ଷା ଚୁକ୍ତି ବିଷୟରେ କଥା ହେବା, ତେବେ ଆଇଏନ୍ଏସ୍ ତମାଲ, ଏସ୍-୪୦୦ ଏବଂ ବ୍ରହ୍ମୋସ ଭଳି ସମସ୍ତ ଚୁକ୍ତି ୟୁକ୍ରେନ ଯୁଦ୍ଧ ପୂର୍ବର। ରୁଷ ଉପରେ ଭାରତର ପ୍ରତିରକ୍ଷା ନିର୍ଭରଶୀଳତା ଐତିହାସିକ, କିନ୍ତୁ ଏହା ଏବେ ଦ୍ରୁତ ଗତିରେ ହ୍ରାସ ପାଉଛି। ଷ୍ଟକହୋମ ଇଣ୍ଟରନ୍ୟାସନାଲ ପିସ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ (ଏସ୍,ଆଇ,ପି,ଆର,ଆଇ,) ଅନୁଯାୟୀ ଭାରତର ମୋଟ ଅସ୍ତ୍ରଶସ୍ତ୍ର ଆମଦାନୀରେ ରୁଷର ଅଂଶ ୩୬%, ଏହା ୨୦୧୫-୨୦୧୯ ରେ ୫୫% ଏବଂ ୨୦୧୦-୨୦୧୪ ରେ ୭୨% ଥିଲା। ଅର୍ଥାତ୍ ଭାରତ ନିରନ୍ତର ରୁଷ ଉପରେ ନିର୍ଭରଶୀଳତା ହ୍ରାସ କରୁଛି। ଭାରତ ଫ୍ରାନ୍ସ ସମେତ ଅନେକ ପାଶ୍ଚାତ୍ୟ ଦେଶ ସହିତ ପ୍ରତିରକ୍ଷା ସହଯୋଗ ବୃଦ୍ଧି କରିଛି। ଏସ୍,ଆଇ,ପି,ଆର,ଆଇ, ଅନୁଯାୟୀ ରୁଷ ପରେ ଫ୍ରାନ୍ସ ଭାରତର ଦ୍ୱିତୀୟ ସର୍ବବୃହତ ଅସ୍ତ୍ରଶସ୍ତ୍ର ଯୋଗାଣକାରୀ, ଯାହାର ଅଂଶ ୩୩%। ଏହା ବ୍ୟତୀତ, ଭାରତ ଏବେ ତେଜସ, ଆଇଏନ୍ଏସ୍ ବିକ୍ରାନ୍ତ ଏବଂ ସ୍ୱଦେଶୀ କ୍ଷେପଣାସ୍ତ୍ର ପ୍ରଣାଳୀ ଭଳି ପ୍ରକଳ୍ପରେ ଆତ୍ମନିର୍ଭରଶୀଳତା ଆଡକୁ ଅଗ୍ରସର ହେଉଛି।

ପାକିସ୍ତାନ ପ୍ରତି ପାଶ୍ଚାତ୍ୟ ଦେଶଗୁଡ଼ିକ ବିଶେଷକରି ୟୁକେ ଏବଂ ଆମେରିକାର ମନୋଭାବ ଭାରତ ପାଇଁ ସବୁଠାରୁ ବଡ଼ ସମସ୍ୟା ହୋଇଛି। ୨୦୦୮ ମୁମ୍ବାଇ ଆକ୍ରମଣଠାରୁ ୨୦୧୯ ପୁଲୱାମା ଆକ୍ରମଣ ପର୍ଯ୍ୟନ୍ତ, ଭାରତ ବାରମ୍ବାର ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦ ବିଷୟରେ ଅଭିଯୋଗ କରିଆସିଛି। ଏହା ସତ୍ତ୍ୱେ ବ୍ରିଟେନ ଏବଂ ଆମେରିକା ପାକିସ୍ତାନକୁ ସାମରିକ ଏବଂ ଆର୍ଥିକ ସହାୟତା ଦେଇଥିଲେ, ଏବଂ ୟୁକେରେ ଖଲିସ୍ତାନି କାର୍ଯ୍ୟକଳାପକୁ ଅଣଦେଖା କରିଥିଲେ। ଭାରତ ମଧ୍ୟ କାଶ୍ମୀର ଭଳି ଭାରତର ଆଭ୍ୟନ୍ତରୀଣ ମାମଲାରେ ୟୁକେର ମନ୍ତବ୍ୟକୁ ହସ୍ତକ୍ଷେପ ବୋଲି ଅନୁଭବ କରିଛି। କିନ୍ତୁ ଯେତେବେଳେ ଭାରତ ରୁଷଠାରୁ ତେଲ କିମ୍ବା ଅସ୍ତ୍ରଶସ୍ତ୍ର କିଣେ, ସେତେବେଳେ ସେହି ଭାରତ ସେମାନଙ୍କ ଦୃଷ୍ଟିରେ 'ପୁଟିନଙ୍କ ସମର୍ଥକ' ହୋଇଯାଏ। ଯଦି ଏହି ଦେଶଗୁଡ଼ିକର ଭାରତର ଶତ୍ରୁ ସହିତ ଭଲ ସମ୍ପର୍କ ରଖିବାର ଅଧିକାର ଅଛି, ତେବେ ଭାରତର ମଧ୍ୟ ସିଧାସଳଖ ସମାନ ଅଧିକାର ଅଛି। ସର୍ବୋପରି କୂଟନୈତିକ ସମ୍ପର୍କ ଦୁଇ ସମାନ ପକ୍ଷ ମଧ୍ୟରେ ହୁଏ।

ଭାରତ ବିରୋଧୀ କାହାଣୀକୁ ପ୍ରୋତ୍ସାହିତ କରିବା- ଟମ୍ ଶାର୍ପ ଭାରତର ଆଭିମୁଖ୍ୟକୁ ପସନ୍ଦ କରନ୍ତୁ କି ଅପସନ୍ଦ କରନ୍ତୁ, ଆମେ ଆମର ହିତକୁ ଦୃଷ୍ଟିରେ ରଖିବା ସହ ସନ୍ତୁଳନ ବଜାୟ ରଖି ନିଜ ହିସାବରେ ଚାଲିବୁ । ବର୍ତ୍ତମାନ ଦି ଟେଲିଗ୍ରାଫର ଏହି ଲେଖାଟି ଭାରତକୁ ବଦନାମ କରିବା ପାଇଁ ଏକ ଯୋଜନାବଦ୍ଧ ପ୍ରୟାସର ଅଂଶ ପରି ମନେ ହେଉଛି। ଅନେକ ଆମେରିକୀୟ ଏବଂ ବ୍ରିଟିଶ ନାଗରିକ ଏହାକୁ ସମାଲୋଚନା କରିଛନ୍ତି। କିନ୍ତୁ ଚିନ୍ତାଜନକ କଥା ହେଉଛି ଯେ ଏପରି ରିପୋର୍ଟ ପଶ୍ଚିମରେ ଭାରତ ବିରୋଧୀ ଭାବନାକୁ ଉସ୍କାଇପାରେ। ଏବେ ପ୍ରଶ୍ନ ହେଉଛି ପଶ୍ଚିମର ଲୋକମାନେ ଏହି କାହାଣୀଗୁଡ଼ିକୁ ଗ୍ରହଣ କରିବେ ନା ପ୍ରତ୍ୟାଖ୍ୟାନ କରିବେ ?

# ମହାପ୍ରଭୁଙ୍କ ସୁନାବେଶ

**କ୍ଷୀରୋଦିନୀ ବେହେରା**



ନକ୍ଷତ୍ରମାନଙ୍କ ମଧ୍ୟରେ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ଯେଭଳି ଶ୍ରେଷ୍ଠ ସମସ୍ତ ଦେବତା ମାନଙ୍କ ମଧ୍ୟରେ ଶ୍ରୀ ପୁରୁଷୋତ୍ତମ (ଜଗନ୍ନାଥ) ହେଉଛନ୍ତି ସେହିଭଳି ଶ୍ରେଷ୍ଠ ବା ରାଜା। ଯେପରି - " ସର୍ବେଷାଂ ଚୈବ କ୍ଷେତ୍ରାଣାଂ ରାଜା ଶ୍ରୀ ପୁରୁଷୋତ୍ତମ। ସର୍ବେଷାଂ ଚୈବ ବେଦାନାଂ ରାଜାଶ୍ରୀ ପୁରୁଷୋତ୍ତମ।" (କପିଳ ସଂହିତା) ପ୍ରତିବର୍ଷ ମହାପ୍ରଭୁଙ୍କର ଏହି ରାଜବେଶ ବା ସୁନାବେଶ ପ୍ରାୟ ପାଞ୍ଚଥର ଅନୁଷ୍ଠିତ ହୋଇଥାଏ। ଏହା ସାଧାରଣତଃ ବିଜୟା ଦଶମୀ (ଦଶହରା), ପୌଷ ପୂର୍ଣ୍ଣମୀ (ପୁଷ୍ୟାଭିଷେକ), ଦୋଳ ପୂର୍ଣ୍ଣମୀ, କାର୍ତ୍ତିକ ପୂର୍ଣ୍ଣମୀ ଓ ଆଷାଢ଼ ଶୁକ୍ଳ ଏକାଦଶୀ (ରଥ ଉପରେ) ଦିନ ଅନୁଷ୍ଠିତ ହୋଇଥାଏ। ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ଏହି ପବିତ୍ର ସୁନାବେଶର ଉତ୍ପତ୍ତି ସଂପର୍କରେ ଆମେ ଯାହା ଐତିହାସିକ ଓ ପୌରାଣିକ ତଥ୍ୟ ସଂଗ୍ରହ କରିଥିଲୁ ଏହାର ମୁତାବକ ତ୍ରୟୋଦଶ ଶତାବ୍ଦୀରେ ଗଙ୍ଗବଂଶର ମହାନ ରାଜା ତୃତୀୟ ଅନଙ୍ଗଭୀମ ଦେବ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ରାଷ୍ଟ୍ର ଦେବତା ଭାବେ ଘୋଷଣା କରିଥିଲେ।

ଏପରିକି ଏକ ଶିଳାଲିପିର ତଥ୍ୟ ଅନୁଯାୟୀ ପ୍ରଚୁର ପରିମାଣରେ ସ୍ୱର୍ଣ୍ଣ, ରୌପ୍ୟ, ମଣି, ମୁକ୍ତା ହୀରା, ନୀଳା ଇତ୍ୟାଦି ମୂଲ୍ୟବାନ ରତ୍ନ , ଅଳଙ୍କାର ଶ୍ରୀ ଜୀଉମାନଙ୍କୁ ଅର୍ପଣ କରିଥିବାରୁ ସେ ସମୟରେ ରୀତି, ନୀତି ଓ ପରଂପରାକୁ ନେଇ ସୁନାବେଶର ସୃଷ୍ଟି ହୋଇଥିବା ଅଧିକ ସମ୍ଭବ ମନେହୁଏ। ସେହିପରି କେତେକ ଐତିହାସିକଙ୍କ ଗବେଷଣାଲବ୍ଧ ତଥ୍ୟ ଅନୁଯାୟୀ ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଐଶ୍ୱର୍ଯ୍ୟ ମାଧୁର୍ଯ୍ୟର ମିଳିତ ବିଗ୍ରହ । ସୁନାବେଶର ଐଶ୍ୱର୍ଯ୍ୟ ଭାବ ପ୍ରକାଶିତ ହୋଇଥାଏ । ଗବେଷକ ମାନେ ସୁନା ବେଶର ଉତ୍ପତ୍ତି ୧୨୩୨ ଖ୍ରୀଷ୍ଟାବ୍ଦ ବୋଲି ନିରୁପଣ କରିଛନ୍ତି। ଦକ୍ଷିଣ ଭାରତ ବିଜୟ କରି ୧୪୬୦ ସାଲର ରାଜା କପିଳେନ୍ଦ୍ର ଦେବ ୧୬ଟି ହସ୍ତୀରେ ବୋଝେଇ ବିପୁଳ ଧନରତ୍ନ ଆଣି ଶ୍ରୀମନ୍ଦିରରେ ମହାପ୍ରଭୁମାନଙ୍କୁ ଉତ୍ସର୍ଗ କରିଥିଲେ ।

ସୁନାବେଶ ଲାଗି ହେଉଥିବା ସ୍ୱର୍ଣ୍ଣ ଅଳଙ୍କାରଗୁଡ଼ିକ ସଂର୍ପରେ ପୁରାତନ ରେକର୍ଡ଼ରୁ କିଛି (ସଂପୂର୍ଣ୍ଣ ନୁହେଁ) ସୂଚନା ଯାହା ଆମେ ସଂଗ୍ରହ କରିଥିଲୁ। ଏହି ସୂଚନା ମୁତାବକ ଶ୍ରୀ ବଳଭଦ୍ରଙ୍କୁ ଶ୍ରୀପୟର, ଶ୍ରୀଭୁଜ, କିରୀଟ, ଓଡ଼ିଆଣୀ, କୁଣ୍ଡଳ, ଚନ୍ଦ୍ରସୂର୍ଯ୍ୟ, ଆଡ଼କାନି, ଘାଗଡ଼ା ମାଳ, କଦମ୍ବମାଳି, ତିଳକ, ଚନ୍ଦ୍ରିକ, ଅଳକା, ଝୋବାକଣ୍ଠି, ହଳ ମୂଷଳ, ବାହାଡ଼ାମାଳି, ବାଘନଖ ମାଳି, ସେବତୀ ମାଳି, ତ୍ରିଖଣ୍ଡିକା କମରପଟି, ଦେବୀ ସୁଭଦ୍ରାଙ୍କୁ କିରୀଟ, ଓଡ଼ିଆଣୀ କାନ, ସୂର୍ଯ୍ୟଚନ୍ଦ୍ର, ଘାଗଡ଼ାମାଳି, କଦମ୍ବ ମାଳି, ଆୟୁଧ ସେବତୀ ମାଳି ଏବଂ ଶ୍ରୀଜଗନ୍ନାଥଙ୍କୁ କିରୀଟ, ଶ୍ରୀଭୂଜ, ଶ୍ରୀ ପୟର, ଓଡ଼ିଆଣୀ, ଚନ୍ଦ୍ରସୂର୍ଯ୍ୟ, କାନ, ଆଡ଼କାନି, ଘାଗଡ଼ା ମାଳି, କଦମ୍ବ ମାଳି, ତିଳକ, ଚନ୍ଦ୍ରିକା, ଅଳକା, ଝୋବାକଣ୍ଠି, ସ୍ୱର୍ଣ୍ଣଚକ୍ର, ରୌପ୍ୟଶଙ୍ଖ, ହରିଡ଼ା କଦମ୍ବ ମାଳି, ତାବିଜ ମାଳି, ସେବତୀ ମାଳି, ତ୍ରିଖଣ୍ଡିକା କମରପଟି ଆଦି ରତ୍ନ ଖଚିତ ସ୍ୱର୍ଣ୍ଣ ଅଳଙ୍କାର ଲାଗି ହେଉଥିଲା । ସୁରକ୍ଷା ଦୃଷ୍ଟିରୁ ରଥ ଉପରେ ହେଉଥିବା ସୁନାବେଶରେ କେତେକ ଦୁର୍ଲଭ ସ୍ୱର୍ଣ୍ଣ ଅଳଙ୍କାର ଲାଗି ହେଉ ନଥିଲା ।

ରାଜା କପିଳେନ୍ଦ୍ର ଦେବଙ୍କ ଆଦେଶରେ ପ୍ରସ୍ତୁତ ପ୍ରତ୍ୟେକ ଅଳଙ୍କାର ପଛରେ ଏକ ନିର୍ଦ୍ଦିଷ୍ଟ ଇତିହାସ ଲୁଚି ରହିଛି । ଏହି ଅବ୍ୟକ୍ତ ଇତିହାସର ମୂଲ୍ୟାଙ୍କନ ମଧ୍ୟ ଦୂରୁହ ବ୍ୟାପାର । ରଥ ପର କେବଳ ଲାଗି ହେଉଥିବାର ସ୍ୱର୍ଣ୍ଣ ଅଳଙ୍କାର ଗୁଡ଼ିକର ମୂଲ୍ୟକୁ ନେଇ ନିର୍ଦ୍ଦିଷ୍ଟ ତଥ୍ୟ ନାହିଁ । କିଏ କହୁଛି ୫୦୦ କୋଟି ତ ଅନ୍ୟ କିଏ କହୁଛି ଏକ ହଜାର କୋଟି ଟଙ୍କା ହେବ। କିନ୍ତୁ ମହାପ୍ରଭୁଙ୍କ ଏହି ବିରଳ ଅଳଙ୍କାରର ପ୍ରକୃତ ମୂଲ୍ୟାଙ୍କନ ଅସମ୍ଭବ ଏଥିରେ ସନ୍ଦେହ ନାହିଁ ।

ପଣ୍ଡିତ ସଦାଶିବ ରଥଶର୍ମାଙ୍କ ଗବେଷଣା ପ୍ରସ୍ତୁତ ତଥ୍ୟାନୁସାରେ ଗଜପତି କପିଳେନ୍ଦ୍ର ଦେବ ତାଙ୍କର ବିଜ ବାହୁଡ଼ା ପରେ ଖ୍ରୀ ୧୪୬୦ ମସିହାରେ ୧୬ ଗୋଟି ହାତୀରେ ବୋଝାଇ ଆଣିଥିବା ଦେବ ତାଙ୍କର ବାହୁଡ଼ା ପରେ ଖ୍ରୀ ୧୪୬୦ ମସିହାରେ ୧୬ଗୋଟି ହାତୀରେ ବୋଝାଇ ଆଣିଥିବା ସ୍ୱର୍ଣ୍ଣରତ୍ନରେ ସ୍ୱର୍ଣ୍ଣମୁକୁଟ, ସ୍ୱର୍ଣ୍ଣଶ୍ରୀପୟର, ପଦକ, କୁଣ୍ଡଳ ନଳୀଭୁଜ, ତିଳକ, 'ବଡ଼ ତଡ଼ଉ' ନାମକ କଣ୍ଠମାଳା ଆଦି ନିର୍ମାଣ କରାଇ ଗୁଣ୍ଡିଚା ଘରୁ ରଥ ଫେରିବା ପରେ ଜୀଉମାନଙ୍କୁ ପ୍ରଥମେ ଏହି ବେଶ କରାଇଥିଲେ । ଅତୀତରେ ଏହା 'ବଡ଼ଚଢ଼ଉ ବେଶ' ନାମରେ ମଧ୍ୟ ପରିଚିତ ଥିଲା । ମୟୂରଭଞ୍ଜ, ପାରଳା ଖେମୁଣ୍ଡି ପ୍ରଭୃତି ସ୍ୱନାମଧନ୍ୟ ରାଜାମାନେ ଏହି ରାଜ୍ୟ ବିଜୟର ସ୍ମାରକ ବେଶ ଦେଖିବାକୁ ଆସୁଥିଲେ ଏବଂ ପ୍ରଭୁଙ୍କୁ ଉତ୍କଳର ସମ୍ରାଟ ବା ରାଜାଧିରାଜ ରୂପେ ବନ୍ଦାପନା କରୁଥିଲେ । ଏ ବେଶର ବନ୍ଦନା ତଥା ପୁଷ୍ପାଞ୍ଜଳୀ ମନ୍ତ୍ରଟି ବେଶ ତାତ୍ପର୍ଯ୍ୟପୂର୍ଣ୍ଣ। "ସ୍ୱରାଟରାଟ ଶ୍ରୀ ଜଗନ୍ନାଥ ତ୍ରିକଳିଙ୍ଗ ପତିର୍ଷତିଃ, ରାଜାଧିରାଜ ଶ୍ରୀ ଦେବଃ ଦେହି ଶ୍ରୀ ବିଜୟ ସଦା ।"


*ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତୀୟ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦*


# 'ମୋତେ ଧର, ଜୀବନରେ ଗ୍ରହଣ କର...'

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ବିଶ୍ୱର ବିଭିନ୍ନ ଧର୍ମ ଚେତନାରେ ଭଗବାନ ଓ ଭକ୍ତ ଦୁଇଟି ସ୍ୱତନ୍ତ୍ର ସତ୍ତା ଭାବେ ପରସ୍ପରଠାରୁ ଅନତିକ୍ରମ୍ୟ ଦୂରତ୍ୱରେ ରହିଥିବା ବେଳେ ହିନ୍ଦୁ ଧର୍ମ ଭାବନାରେ ଦେବଦେବୀମାନେ ସର୍ବଦା ମାନବୀୟ ପ୍ରକୃତି ଓ ଆଚରଣ ପ୍ରଦର୍ଶନ କରି ମଣିଷର ପାଖେ ପାଖେ ରହିଛନ୍ତି। ଦେବ-ମାନବର ଏହି ସମନ୍ୱିତ ଲୀଳାଖେଳାର ମହତ୍ତମ ପ୍ରତୀକ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ସେ ସାଧାରଣ ମଣିଷଟିଏ ପରି ଦୈନନ୍ଦିନ ଓ ଅନ୍ୟାନ୍ୟ ବିଶେଷ କର୍ମମାନ ସମ୍ପାଦନ କରିବା ସହିତ ଜନ୍ମ ଓ ମୃତ୍ୟୁ ମଧ୍ୟ ପ୍ରାପ୍ତ ହୁଅନ୍ତି। ଜନ୍ମ-ଜୀବନ-ମୃତ୍ୟୁ, ମୃତ୍ୟୁ ପରେ ପୁଣି ଜୀବନ ଓ ଜୀବନର ପୁନଶ୍ଚ ମୃତ୍ୟୁ; ସାରା ଜୀବଜଗତ ପାଇଁ ଏହା ଏକ ସ୍ୱାଭାବିକ ପ୍ରବାହ। ମାତ୍ର, ଜୀବ-ପରମ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନ ଯେତେବେଳେ ମର୍ତ୍ତ୍ୟ ବୈକୁଣ୍ଠରେ ନିଜକୁ ଏହି ଜନ୍ମ ମୃତ୍ୟୁର ପ୍ରବାହରେ ଭସାଇ ଦିଅନ୍ତି; ତା'ଭକ୍ତଙ୍କ ପାଇଁ ପାଲଟିଯାଏ ଏକ ଦିବ୍ୟ ଅନୁଭବ। ମହାପ୍ରଭୁ ଏହି ଅନୁପମ ଲୀଳା ମାଧ୍ୟମରେ ସୂଚେଇ ଦିଅନ୍ତି ଯେ ଜନ୍ମ, ଜୀବନ କି ମୃତ୍ୟୁ; କୌଣସିଟି ସମ୍ପୂର୍ଣ୍ଣ ନୁହେଁ। ସମ୍ପୂର୍ଣ୍ଣର ଏହା ଗୋଟିଏ ଗୋଟିଏ ଅଂଶ କେବଳ। ତେଣୁ, ତାକୁ ଅବଲୋକନ କରୁଥିବା ଭକ୍ତଟିର ଜୀବନ ପ୍ରତି ଦୃଷ୍ଟିଭଙ୍ଗୀ ବଦଳିବା ସଙ୍ଗେ ସଙ୍ଗେ ମୃତ୍ୟୁ ଭୟରୁ ମଧ୍ୟ ସେ ମୁକ୍ତି ପାଇଥାଏ। ଭାରତୀୟ ଧର୍ମ ଓ ସଂସ୍କୃତିକୁ ପ୍ରାଥମିକ ରୂପ ଦେଇଥିବା ବେଦାନ୍ତ ଦର୍ଶନ ଯେଉଁ ନିରୁପାଧି ପରଂବ୍ରହ୍ମ ସତ୍ତାର ପରିକଳ୍ପନା କରିଥିଲା ତା'ର ସାକାର ବିଗ୍ରହ ହିଁ ଶ୍ରୀଜଗନ୍ନାଥ। ଶ୍ରୀଜଗନ୍ନାଥଙ୍କ ସ୍ୱରୂପକୁ ନିରକ୍ଷଣ କଲେ ସ୍ପଷ୍ଟ ହୁଏ ଯେ ତାହା ଅନ୍ୟ ଦେବତାଙ୍କ ପରି ନୁହେଁ; ଏକ ଭିନ୍ନ ରୂପରେ ସେ ପ୍ରମୂର୍ତ୍ତ। ବ୍ରହ୍ମଙ୍କ ଏକ ପ୍ରତୀକାତ୍ମକ ଚରିତ୍ର ହେଉଛନ୍ତି ଏ ବିଗ୍ରହ।

ଭାରତୀୟ ଧର୍ମ ଓ ସଂସ୍କୃତିକୁ ପ୍ରାଥମିକ ରୂପ ଦେଇଥିବା ବେଦାନ୍ତ ଦର୍ଶନ ଯେଉଁ ନିରୁପାଧି ପରଂବ୍ରହ୍ମ ସତ୍ତାର ପରିକଳ୍ପନା କରିଥିଲା ତା'ର ସାକାର ବିଗ୍ରହ ହିଁ ଶ୍ରୀଜଗନ୍ନାଥ। ଶ୍ରୀଜଗନ୍ନାଥଙ୍କ ସ୍ୱରୂପକୁ ନିରୀକ୍ଷଣ କଲେ ସ୍ପଷ୍ଟ ହୁଏ ଯେ ତାହା ଅନ୍ୟ ଦେବତାଙ୍କ ପରି ନୁହେଁ; ଏକ ଭିନ୍ନ ରୂପରେ ସେ ପ୍ରମୂର୍ତ୍ତ। ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କର ପିତାମାତା ଜାନକୀ ନାଥ ବୋଷ ଓ ତାଙ୍କ ସହଧର୍ମିଣୀ ପ୍ରଭାବତୀ ଦେବୀ ପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଦୀକ୍ଷା ଶିଷ୍ୟ ଥିଲେ ଓ ସେମାନଙ୍କର ସନିର୍ବନ୍ଧ ଅନୁରୋଧକ୍ରମେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କ ମାତା ଜନନୀ ମନମୋହିନୀ ଦେବୀ ଓ ଶତାଧିକ ଭକ୍ତଙ୍କ ସହ ସୁଦୂର ବାଂଲାଦେଶର ପାବନା-ହିମାୟିତପୁରରୁ ଆସି ମାସାଧିକ କାଳ ନୀଳାଚଳ ଧାମରେ ଲୀଳାଖେଳ କରିଥିଲେ। ଯୁଗାବତାର ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆଲୋଚନା ପ୍ରସଙ୍ଗରେ ଭକ୍ତ ମାନଙ୍କ ସମ୍ମୁଖରେ କହିଥିଲେ - ଭଗବାନ ଶ୍ରୀକୃଷ୍ଣ ପୁରୀ ନୀଳାଚଳ ଧାମରେ ଶ୍ରୀ ଜଗନ୍ନାଥ ରୂପେ ପ୍ରକଟ, ସାଙ୍ଗରେ ଅଛନ୍ତି ଜ୍ୟେଷ୍ଠଭ୍ରାତା ଶ୍ରୀବଳରାମ ଓ ଭଗ୍ନୀ ମା ସୁଭଦ୍ରା। ଶ୍ରୀ ଜଗନ୍ନାଥଙ୍କର ହାତ ନାହିଁ। ଏହି ତାତ୍ପର୍ଯ୍ୟରେ ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ଶ୍ରୀଜଗନ୍ନାଥଙ୍କର ହାତ ନାହିଁ, ଅର୍ଥାତ୍ ସେ କାହାକୁ ଧରନ୍ତି ନାହିଁ। ତାଙ୍କୁ ଧରିବାକୁ ହୁଏ। ତାଙ୍କୁ ଧରିଲେ, ତାଙ୍କର ଆଦେଶ ପାଳନ କରିଚାଲିଲେ ମନୁଷ୍ୟ ତ୍ରିତାପଜ୍ୱାଳାକୁ ଏଡ଼ାଇବାକୁ ସକ୍ଷମ ହୁଏ। କୃପାମାନେ କରି ପାଇବା। ଶ୍ରୀ ଶ୍ରୀ ଠାକୁର କହିଲେ - ଶ୍ରୀ ଜଗନ୍ନାଥଙ୍କର ହାତ ନାହିଁ ଅର୍ଥ ଧରିବା ଓ କରିବାର ଦାୟିତ୍ୱ ଭକ୍ତ ମାନଙ୍କର, ପ୍ରଭୁଙ୍କର ନୁହେଁ। ଶ୍ରୀଜଗନ୍ନାଥ କହୁଛନ୍ତି - ମୋତେ ଧର, ଜୀବନରେ ଗ୍ରହଣ କର, ମୋର ଅନୁଶାସନ ମାନି ଚାଲ, ମୋତେ ରକ୍ଷା କର, ନ ମେ ଭକ୍ତ ପ୍ରଣଶ୍ୟତି।



ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦାରୁବ୍ରହ୍ମର ସ୍ୱରୂପ ସବୁ ଧର୍ମ, ସବୁ ଉପାସନା ଚିନ୍ତନ, ସବୁ ସମ୍ପ୍ରଦାୟ ଓ ସବୁ ଆଧ୍ୟାତ୍ମିକ ଚେତନା ଭିତରେ ତାଙ୍କ ଦାରୁ ଉପାସନାକୁ ସ୍ୱୀକାର କରନ୍ତି। ଇସ୍ଲାମ ଧର୍ମଗ୍ରନ୍ଥ କୋରାନ୍ ମତରେ ସ୍ୱର୍ଗ ପର୍ଯ୍ୟନ୍ତ ପରିବ୍ୟାପ୍ତ ହେଉଥିବା ଏ ବିଶ୍ୱ ଏକ ବୃକ୍ଷ ଯାହାର ଅଗ୍ରଭାଗ ସ୍ୱର୍ଗ ପର୍ଯ୍ୟନ୍ତ ପରିବ୍ୟାପ୍ତ। ଏହି ବୃକ୍ଷରେ ଆହ୍ଲା ବିରାଜମାନ କରିଥାନ୍ତି। ଖ୍ରୀଷ୍ଟିୟାନ ଧର୍ମର ଦି ବୁକ୍ ଅଫ୍ ଖ୍ରୀଷ୍ଟିୟାନିଟିରେ ଜ୍ଞାନତରୁ ବିଷୟରେ ବର୍ଣ୍ଣିତ। ସେହିପରି ବୌଦ୍ଧମାନଙ୍କ ବୋଧିଦ୍ରୁମ ଓ ଜୈନମାନଙ୍କର କଳ୍ପପାଦପ ଉପାସନାରେ ଏହି ବୃକ୍ଷ ବା ଦାରୁ ଉପାସନା ହିଁ ପରିଲକ୍ଷିତ ହୋଇଥାଏ। ଜନଜାତି ଆଦିବାସୀ ସଂସ୍କୃତିରେ ବୃକ୍ଷ ପୂଜାର ପରମ୍ପରାର ବହୁ ପ୍ରାଚୀନ। ତେଣୁ ବୈଦିକ ସଂସ୍କୃତିରେ ଦାରୁ ଉପାସନା ଏକ ବହୁ ପ୍ରଚଳିତ ପଦ୍ଧତି। ଶ୍ରୀପୁରୁଷୋତ୍ତମ ମହାପ୍ରଭୁ ଶ୍ରୀଜଗନ୍ନାଥ କୌଣସି ଜଣକର ନୁହଁନ୍ତି ସେ ହେଉଛନ୍ତି ଗଣର ଦେବତା। ବର୍ଷକରେ ଗୋଟିଏ ଦିନ ପାଇଁ ବଡ଼ଦାଣ୍ଡର ଜନସମୁଦ୍ର ଆଧ୍ୟାତ୍ମିକ ଶ୍ରଦ୍ଧାଳୁଙ୍କୁ ପାବନ କୃପା ପ୍ରଦର୍ଶନ ପାଇଁ ସେ ହେଉଛନ୍ତି ପତିତପାବନ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପତିତପାବନ ଯାତ୍ରାରେ ଏହି ଚିନ୍ତନ ସମସ୍ତଙ୍କୁ ମାର୍ଗ ଦେଖାଉ। ଜୀବନରେ ପ୍ରତ୍ୟେକ ମୁହୂର୍ତ୍ତ ହେଉଛି ଭଗବାନଙ୍କର ଅମୂଲ୍ୟ ଦାନ । ତେଣୁ ଏହାର ସଦ୍‌ବ୍ୟବହାର କରାଯିବା ଆବଶ୍ୟକ । ପୁରୁଷୋତ୍ତମ ଭଗବାନ କଳକୀ ବିଗ୍ରହ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଦୃଢ଼କଣ୍ଠରେ ଉଦ୍‌ଘୋଷଣା କଲେ - ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅନାହିଁ, ସାବଧାନ ହୁଅ ଠକିଯିବ; ତୁମର ଠାକୁରତ୍ୱ ଜାଗ୍ରତ ନ ହେଲେ କେହି ତୁମର କେନ୍ଦ୍ର ବି ନୁହଁନ୍ତି, ଠାକୁର ବି ନୁହଁନ୍ତି, ଫାଙ୍କି ଦେଲେ ତାହା ହିଁ ପାଇବ। ଜୀବନର ପ୍ରତିଟି କ୍ଷଣ, ମୁହୂର୍ତ୍ତ ଏବଂ କାଳର ପ୍ରତି ପାଦରେ ଭଗବାନଙ୍କ ନାମ ସ୍ମରଣ ପୂର୍ବକ ପରୋପକାର ଓ ସତ୍‌କର୍ମ ପାଇଁ ଏହି ଦେହର ରଥକୁ ସାରଥୀ ପରି ଆଧ୍ୟାତ୍ମିକ ମାର୍ଗରେ ପରିଚାଳନା କରିବା ହିଁ ଜୀବନର ମାନବୀୟ ମୂଲ୍ୟବୋଧ। କେବଳ ଧନୀ ବା ବିତ୍ତଶାଳୀ ନୁହଁନ୍ତି ଜଣେ ନିର୍ଧନଟି ବି ନିଜ ମୁଖରେ ସନ୍ତୋଷପୂର୍ଣ୍ଣକ ହୃଦୟ ଆନନ୍ଦକୁ ପରିପୂର୍ଣ୍ଣ କରୁଥିବା ମିଷ୍ଟ ବାଣୀ ଦ୍ୱାରା ଜଣକୁ ସନ୍ତୋଷ ପ୍ରଦାନ କରିପାରିବ। ପାଣି ମୁନ୍ଦାଏ ହେଉ ବା ଅସହାୟ ମୁହୂର୍ତ୍ତରେ ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ କରୁଣାର ହାତ ବଢ଼ାଇବା ଦ୍ୱାରା ଜଣେ ଜୀବନ ରଥର ଶ୍ରେଷ୍ଠ ସାରଥୀ ଭାବେ ନିଜ ଜୀବନକୁ ଦିବ୍ୟପଥରେ ଅଗ୍ରଗାମୀ କରିପାରିବ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପତିତପାବନ ଯାତ୍ରାରେ ଏହି ଚିନ୍ତନ ସମସ୍ତଙ୍କୁ ମାର୍ଗ ଦେଖାଉ। ଜୀବନରେ ପ୍ରତ୍ୟେକ ମୁହୂର୍ତ୍ତ ହେଉଛି ଭଗବାନଙ୍କର ଅମୂଲ୍ୟ ଦାନ । ତେଣୁ ଏହାର ସଦ୍‌ବ୍ୟବହାର କରାଯିବା ଆବଶ୍ୟକ ।


ପ୍ରତିରତ୍ନିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ୯୪୩୭୦୫୧୯୫୭


# ସୃଜନଶୀଳ ପ୍ରଶାସନ ଦ୍ୱାରା ପରିବେଶର ସ୍ଥାୟୀ ପରିବର୍ତ୍ତନ



**ଭୂପେନ୍ଦ୍ର ଯାଦବ**
କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ

ପରିବେଶ କୁଜନେଟ୍‌ସ ବକ୍ରରୁ ମିଳିଥିବା ପରିବେଶ ପ୍ରଶାସନ ସହିତ ଜଡ଼ିତ ପାରମ୍ପରିକ ଜ୍ଞାନ ଅନୁସାରେ ଦେଶ ପ୍ରଥମେ ବିକଶିତ ହୁଏ, ତା ପରେ ସଫେଇ କାମ କରାଯାଏ। ଏହି ଅଭିଜ୍ଞତା ସେହି ଦେଶଗୁଡ଼ିକରୁ ମିଳିଛି ଯେଉଁ ଦେଶ ଆଗରୁ ହିଁ ବିକଶିତ ହୋଇସାରିଲେଣି, ଯେଉଁମାନେ ବିକାଶ ପ୍ରକ୍ରିୟା ପାଇଁ ଦରକାର ହେଉଥିବା ସମ୍ବଳର ଆବଶ୍ୟକତାକୁ ପୂରଣ କରିବା ପାଇଁ ଦେଶ ବିଦେଶରେ ପ୍ରାକୃତିକ ପରିବେଶକୁ ଜଳାଞ୍ଜଳି ଦେଇଛନ୍ତି। କିନ୍ତୁ ଏପରି ସୁଯୋଗ ଭାରତ ପରି ଦେଶର ଭାଗ୍ୟରେ ନାହିଁ ଯେଉଁମାନଙ୍କୁ ନିଜର ବିଶାଳ ଜନସଂଖ୍ୟାକୁ ବିକାଶ ସଂପର୍କିତ ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରିବା ପାଇଁ ଏବେ ମଧ୍ୟ ଦ୍ରୁତ ଗତିରେ ବିକାଶ କରିବାର ଆବଶ୍ୟକତା ଅଛି। ଯେତେବେଳେ ୨୦୧୪ରେ ଏନ୍ ?ଡିଏ କ୍ଷମତାକୁ ଆସିଲା, ସେତେବେଳେ ଚ୍ୟାଲେଞ୍ଜ ଥିଲା-ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମୂଳ ସିଦ୍ଧାନ୍ତ –" ସୁଧାର, ପ୍ରଦର୍ଶନ ଓ ପରିବର୍ତ୍ତନ"- ଆଧାରରେ ବିକାଶ ଓ ପ୍ରଗତିକୁ କେମିତି ଗତି ପ୍ରଦାନ କରାଯିବ। ଏହି ସିଦ୍ଧାନ୍ତ ଅନୁସାରେ ପରିବେଶ ସୁରକ୍ଷାର କଡ଼ା ନିୟମ ସହିତ ସାଲିସ ନ କରି କେମିତି ଆବଶ୍ୟକତା ଅନୁସାରେ 'ସହଜରେ ବ୍ୟବସାୟ କରିବା'ର ସୁବିଧା ପ୍ରଦାନ କରି ଦ୍ରୁତ ଗତିରେ ବିକାଶ କରାଯିବ। ଆଜି ୨୦୨୫ରେ ଆମେ ଯେ କେବଳ ସେହି ଚ୍ୟାଲେଞ୍ଜର ମୁକାବିଲା କରିବାରେ ସଫଳ ହୋଇଛୁ ତାହା ନୁହେଁ, ଆମେ ଶାସନର ଏମିତି ମଡେଲ ପ୍ରସ୍ତୁତ କରିଛୁ ଯାହାକୁ ସାରା ବିଶ୍ୱ ପ୍ରଶଂସା କରୁଛି। ପ୍ରଧାନମନ୍ତ୍ରୀ ମୋଦୀଙ୍କ ଆଭିମୁଖ୍ୟ ପୁରା ସ୍ପଷ୍ଟ ଥିଲା-ଏହି ବ୍ୟବସ୍ଥାକୁ ଏମିତି କରାଯିବ ଯାହାକି ଉଭୟ ପରିବେଶ ଓ ଅର୍ଥନୀତି ପାଇଁ ଲାଭଦାୟକ ହେବ। ୨୦୧୪ରେ ରେ 'ସ୍ୱଚ୍ଛ ଭାରତ ମିଶନ'ର ଶୁଭାରମ୍ଭ ଆମର ପ୍ରଥମ ବଡ଼ ଅଭିଯାନ ଥିଲା। ଏହି ଅଭିଯାନ ସ୍ୱଚ୍ଛତାରୁ ଆଗକୁ ଯାଇ ପରିବେଶର ସୁରକ୍ଷା ପାଇଁ ଆବର୍ଜନାର ପରିଚାଳନାକୁ ଏକ ସୁବ୍ୟବସ୍ଥିତ ବ୍ୟବସ୍ଥାରେ ପରିଣତ କରିଛି। ଏହି ମିଶନ ପରିବେଶ ସହିତ ଜଡ଼ିତ ସମସ୍ୟାକୁ ସାମାଜିକ ବିକାଶ ସହିତ ଯୋଡ଼ିବାର ଆମର ପ୍ରତିଶ୍ରୁତିବଦ୍ଧତାକୁ ପ୍ରଦର୍ଶିତ କରୁଛି। ସମସ୍ତ ଜନସାଧାରଣଙ୍କୁ ଏଥିରେ ସାମିଲ କରାଯାଇ ଏହି ଅଭିଯାନକୁ ଏକ ଏକ ଜନଆନ୍ଦୋଳନ ଭାବେ ଆରମ୍ଭ କରାଯାଇଥିଲା। ଏକ ସ୍ୱଚ୍ଛ ଓ ସମ୍ବଳ ପ୍ରସଙ୍ଗରେ ଅପେକ୍ଷାକୃତ ଅଧିକ କୁଶଳୀ ଭାରତର ଲକ୍ଷ୍ୟକୁ ଆଗକୁ ନିଆଯାଇଥିଲା। ବିଭିନ୍ନ ସହରରେ ବାସ୍ତବିକ ସମୟରେ ନିର୍ଭୁଲ ଭାବେ ଜନସାଧାରଣଙ୍କୁ ବାୟୁପ୍ରଦୂଷଣର ସ୍ଥିତିର ସୂଚନା ପ୍ରଦାନ କରାଯାଇଥିଲା। ପରେ ପରେ ଜାତୀୟ ବାୟୁ ମାନକ ସୂଚକାଙ୍କର ଶୁଭାରମ୍ଭ କରାଯାଇଥିଲା। ୨୦୧୪ରେ ଆରମ୍ଭ କରାଯାଇଥିବା 'ମେକ୍ ଇନ୍ ଇଣ୍ଡିଆ' ଅଭିଯାନରେ ମଧ୍ୟ ଅନେକ କଡ଼ା ପରିବେଶ ନିୟମ ମାନକକୁ ସାମିଲ କରାଯାଇଥିଲା। ଏଥିରୁ ପ୍ରମାଣିତ ହୋଇଥିଲା ଯେ, ଆମେ ପରିବେଶର ସ୍ଥିରତାକୁ ବଜାୟ ରଖି ଅପେକ୍ଷାକୃତ ବଡ଼ ଆକାରରେ ଓ ଦ୍ରୁତ ଗତିରେ ମ୍ୟାନୁଫ୍ୟାକଚରିଂକୁ ପ୍ରୋତ୍ସାହିତ କରିପାରିବା। ଶକ୍ତି ସଂପର୍କିତ ଦକ୍ଷତାକୁ ପ୍ରୋତ୍ସାହନ ଦେବା ପାଇଁ ଓ ଶକ୍ତି ଉପରେ ଆଧାରିତ ଅଧିକ ସଂଖ୍ୟକ ଶିଳ୍ପକୁ ସାମିଲର ଲକ୍ଷ୍ୟ ନେଇ ୨୦୧୫ରେ ପ୍ରଦର୍ଶନ, ଉପଲବ୍ଧି ଓ ରୂପାନ୍ତର (ପିଏଟି) ଯୋଜନାକୁ ବ୍ୟାପକ କରାଗଲା। ଏହା ଦ୍ୱାରା ଶକ୍ତି ସଂପର୍କିତ ଦକ୍ଷତା ବୃଦ୍ଧି ପାଇଁ ବଜାର-ଆଧାରିତ ପ୍ରଶାସନର ନିର୍ମାଣ ହେଲା। ଆବର୍ଜନାର ପ୍ରଭାବୀ ପରିଚାଳନା, ସମ୍ବଳ ସଂପର୍କିତ ଦକ୍ଷତାର ବୃଦ୍ଧି ଓ ଅର୍ଥନୀତିର ଚକ୍ରକୁ ପ୍ରୋତ୍ସାହନ ପ୍ରଦାନର ଲକ୍ଷ୍ୟ ନେଇ ୨୦୧୬ରୁ ଆବର୍ଜନା ପରିଚାଳନାର ସମସ୍ତ ପ୍ରମୁଖ ନିୟମକୁ ନିୟମିତ ଭାବେ ଅନୁଧ୍ୟାନ କରାଯାଉଛି। ଏହି ଦୃଷ୍ଟିକୋଣର ମୂଳଦୁଆ ସିଦ୍ଧାନ୍ତ ବଜାର ଆଧାରିତ ପ୍ରଶାସନ ଓ 'ପ୍ରଦୂଷଣକାରୀ ଦ୍ୱାରା ପ୍ରଦାନର ନିୟମ' ଉପରେ ଆଧାରିତ ବିସ୍ତାରିତ ଉତ୍ପାଦକ ଉତ୍ତରଦାୟିତ୍ୱସହିତ ଜଡ଼ିତ ଢାଞ୍ଚା ଉପରେ ନିର୍ଭରଶୀଳତାରେ ନିହିତ ଅଛି। ପ୍ଲାଷ୍ଟିକ ଆବର୍ଜନା ପରିଚାଳନା ଆଇନ, ଇ-ଆବର୍ଜନା ପରିଚାଳନା ନିୟମ ତଥା ଟାୟାର, ବ୍ୟାଟେରି ଓ ବ୍ୟବହୃତ ତେଲର ଅବଶିଷ୍ଟାଂଶ ପରିଚାଳନା ନିୟମ ଆଦି ସେହି ସିଦ୍ଧାନ୍ତଙ୍କ ଆଧାରରେ ପ୍ରସ୍ତୁତ କରାଯାଇଥିଲା। ଏହା ଦ୍ୱାରା ଏପରି ଏକ ବ୍ୟବସ୍ଥାର ନିର୍ମାଣ ହେଲା, ଯାହା ଦ୍ୱାରା ବିଭିନ୍ନ ସାମଗ୍ରୀରେ ପ୍ରାୟ ୪୦୦୦ ପୁନର୍ବ୍ୟବହାରକାରୀଙ୍କୁ ପଂଜୀକୃତ ପୁନର୍ବ୍ୟବହାରକାରୀ ଭାବେ ଅଣସଂଗଠିତ କ୍ଷେତ୍ରରୁ ହଟାଇ ସଂଗଠିତ କ୍ଷେତ୍ରକୁ ଅଣାଗଲା। ଏହି ପଦକ୍ଷେପ ଦ୍ୱାରା ୨୦୨୪-୨୫ ଆର୍ଥିକ ବର୍ଷରେ ୧୬୦୦ କୋଟିରୁଅଧିକ ରାଜସ୍ୱ ମିଳିଛି। ୨୦୨୨ରେ ଆରମ୍ଭ କରାଯାଇଥିବା ବିସ୍ତାରିତ ଉତ୍ପାଦକ ଉତ୍ତରଦାୟିତ୍ୱ (ଇପିଆର୍ ) ପୋର୍ଟାଲ ପୁଃନବ୍ୟବହାର ଅର୍ଥବ୍ୟବସ୍ଥା ଦିଗରେ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ। ୨୦୨୪-୨୫ ଆର୍ଥିକ ବର୍ଷରେ ୬୧,୦୫୫ ସାମଗ୍ରୀକୁ ଅଣପ୍ଲାଷ୍ଟିକ ପ୍ୟାକେଜିଂ, ଇ-ଆବର୍ଜନା, ଅଦରକାରୀ ଟାୟାର, ବ୍ୟାଟେରି ଆବର୍ଜନା ଓ ବ୍ୟବହୃତ ହୋଇଥିବା ତେଲ କ୍ଷେତ୍ରରେ କାମ କରିବା ପାଇଁ ପିଆର୍ ପୋର୍ଟାଲରେ ପଂଜୀକରଣ କରାଯାଇଛି। ଅପଶିଷ୍ଟ ନିୟମ ୨୦୨୨ ବିଜ୍ଞପ୍ତି ପ୍ରକାଶ ଓ ଇପିଆର୍ ପୋର୍ଟାଲର ଆରମ୍ଭ ପରେ ଶୋଧିତ ଅବଶିଷ୍ଟର ମାତ୍ରା ୨୦୨୪-୨୫ ଆର୍ଥିକ ବର୍ଷରେ ଏହି ନିୟମ ଲାଗୁ ହେବା ପୂର୍ବରୁ ୩.୬ ଏମଏମଟି ପ୍ରତି ବର୍ଷ ତୁଳନାରେ ବୃଦ୍ଧି ହୋଇ ୧୨୭.୪୮ ଏମଏମଟି ପ୍ରତି ବର୍ଷ ହେଲାଣି। ସମସ୍ତ ହିତାଧିକାରୀଙ୍କ ସହଯୋଗ ଓ ସମର୍ଥନ ପାଇଁ ଏହା ସମ୍ଭବ ହୋଇପାରିଛି। ବ୍ୟବସ୍ଥାଗତ ବିଳମ୍ବକୁ ହ୍ରାସ କରିବା ପାଇଁ ଓ ଏକ ବ୍ୟାପକ ପରିବେଶ ସଂକ୍ରାନ୍ତୀୟ ମୂଲ୍ୟାଙ୍କନ କରିବା ପାଇଁ ୨୦୧୮ରେ 'ପରିବେଶ' ( ପ୍ରୋ-ଆକ୍ଟିଭ ଆଣ୍ଡ ରେସ୍ ?ପନସିଭ୍ ବାଇ ଇଣ୍ଟରଏକ୍ଟିଭ, ଭର୍ଚ୍ଚୁଅସ୍ ଆଣ୍ଡ ଏନଭାରମେଣ୍ଟାଲ ସିଙ୍ଗଲ ୱିଣ୍ଡୋ ହବ୍) ନାମରେ ଏକ ଅନଲାଇନ ଆଇଟି ଟୁଲ୍ ?ର ଶୁଭାରମ୍ଭ କରାଯାଇଛି। ପ୍ରଧାନମନ୍ତ୍ରୀ ମୋଦୀଙ୍କ 'ଡିଜିଟାଲ ଇଣ୍ଡିଆ'ର ଲକ୍ଷ୍ୟକୁ ସାକାର କରି ଏହି ଡିଜିଟାଲ ପ୍ଲାଟଫର୍ମ ବ୍ୟବସାୟ ଜଗତ ଓ ପରିବେଶ ନିୟମ ମଧ୍ୟରେ ସଂପର୍କରେ ବୈପ୍ଳବିକ ପରିବର୍ତ୍ତନ ଆଣିଛି। 'ପରିବେଶ' ପରିବେଶ ସମ୍ବନ୍ଧିତ ଅନୁମୋଦନର ଜଟିଳ ଓ କାଗଜପତ୍ର ଆଧାରିତ ପ୍ରକ୍ରିୟାକୁ ଏକ ସୁବ୍ୟବସ୍ଥିତ ଏବଂ ମଜଭୁତ ଡିଜିଟାଲ ଅଭିଜ୍ଞତାରେ ପରିଣତ କରିଦେଇଛି। ଏହି ଦୃଷ୍ଟିକୋଣରୁ ପରିବେଶ ସଂପର୍କିତ କଡ଼ା ମୂଲ୍ୟାୟନକୁ ବଜାୟ ରଖାଯିବା ସହିତ ଏହି ପ୍ରକ୍ରିୟାର ସମୟକୁ ହ୍ରାସ କରାଯାଇଛି ଓ ଦକ୍ଷତା ବୃଦ୍ଧି କରାଯାଇଛି। ୨୦୧୯ ମସିହାରେ ସହରଗୁଡ଼ିକୁ କେନ୍ଦ୍ର କରି ହୋଇଥିବା ଯୋଜନାରେ ଭରପୁର 'ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ (ଏନ୍‌ସିଏପି) ର ଆନୁଷ୍ଠାନିକ ଶୁଭାରମ୍ଭ ଆମକୁ ନୀତି ନିର୍ମାତା ଏବଂ ନିୟାମକରୁ କାର୍ଯ୍ୟାନ୍ୱୟନକାରୀରେ ପରିଣତ କରିଛି। ଏନସିଏପି ଲକ୍ଷ୍ୟ ରଖିଛି ୨୦୨୫-୨୬ ସୁଦ୍ଧା ପିଏମ ୧୦ ସାନ୍ଦ୍ରତାକୁ ୪୦ ପ୍ରତିଶତ ହ୍ରାସ କରାଯିବ କିମ୍ବା ୨୦୧-୧୮ ମୂଳ ବର୍ଷ ତୁଳନାରେ ପ୍ରତି ଘନ ମିଟରରେ ୬୦ ମାଇକ୍ରୋଗ୍ରାମର ଜାତୀୟ ମାନଦଣ୍ଡ ହାସଲ କରାଯିବ। ଏନ୍‌ସିଏପି ସହିତ ସିପିସିବି ମଧ୍ୟ ଏନ୍‌ସିଏପି ଅଧୀନରେ ଥିବା ୧୩୧ ଟି ସହରରେ ବାୟୁର ମାନ କେମିତି ଅଛି, ତାର ଧାରା ଉପରେ କଡ଼ା ନଜର ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହା ଦ୍ୱାରା ବାୟୁ ଗୁଣବତ୍ତାରେ ନିରନ୍ତର ଉନ୍ନତି ଆସିଛି। ୨୦୨୧ ମସିହାରେ କାଗଜବିହୀନ ପ୍ରକଳ୍ପ ପରିଚାଳନା ପାଇଁ ଏକକ ୱେବ୍-ଆଧାରିତ ଉପକରଣ ଭାବରେ ଅଣ-ପ୍ରାପ୍ତି ସହରଗୁଡ଼ିକରେ ବାୟୁ ଗୁଣବତ୍ତା ନିୟନ୍ତ୍ରଣ ପାଇଁ ପୋର୍ଟାଲ୍ (ଚଜଇଘଇ) ଆରମ୍ଭ କରାଯାଇଥିଲା। ଏହା ଦ୍ୱାରା ସ୍ୱଚ୍ଛ ବାୟୁ ସମ୍ପର୍କିତ ପଦକ୍ଷେପଗୁଡ଼ିକର କାର୍ଯ୍ୟାନ୍ୱୟନର ଭୌତିକ ଏବଂ ଆର୍ଥିକ ପ୍ରଗତି ଉପରେ ନଜର ରଖିବା ସମ୍ଭବ ହେବ। ୧ ଜୁଲାଇ ୨୦୨୨ ରୁ ଥରେ ମାତ୍ର ବ୍ୟବହାର ହେଉଥିବା ପ୍ଲାଷ୍ଟିକ ଉପରେ ନିଷେଧାଦେଶ ଏବଂ ୩୧ ଡିସେମ୍ବର ୨୦୨୨ ରୁ ୧୨୦ ମାଇକ୍ରନରୁ ଅଧିକ ମୋଟେଇ ପ୍ଲାଷ୍ଟିକ ଉପରେ ନିଷେଧାଦେଶ ପରିବେଶ କ୍ଷେତ୍ରରେ ସାହସିକ ନେତୃତ୍ୱର ପରିଚୟ ଦେଇଥିବା ବେଳେ ସେହି ବର୍ଷ ଆରମ୍ଭ ହୋଇଥିବା ‹୪୭୩୯;ଜଳ ଜୀବନ ମିଶନ‹୪୭୩୯; ଜଳ ଉପଲବ୍ଧତାକୁ ପରିବେଶଗତ ସ୍ଥିରତା ସହିତ ଯୋଡ଼ିଛି। ଏକ ବ୍ୟାପକ ‹୪୭୩୯; ଭାରତ ଶୀତଳୀକରଣ କାର୍ଯ୍ୟଯୋଜନା‹୪୭୩୯; ବିକଶିତ କରିବାରେ ବିଶ୍ୱର ଅଗ୍ରଣୀ ଦେଶ ତାଲିକାରେ ସାମିଲ ହୋଇଛି ଭାରତ। ଏହି କାର୍ଯ୍ୟ ଯୋଜନାରେ ବିଭିନ୍ନ କ୍ଷେତ୍ରକୁ ଅତି ଥଣ୍ଡା ରଖିବାର ଆବଶ୍ୟକତା ପୂରଣ କରିବା ପାଇଁ ଏକ ଦୀର୍ଘକାଳୀନ ଲକ୍ଷ୍ୟ ରହିଛି। ଏହା ସହିତ ଏପରି କାମର ତାଲିକା ଦିଆଯାଇଛି ଯାହାକି ଶୀତଳୀକରଣ ସହିତ ଜଡିତ ଚାହିଦାକୁ ହ୍ରାସ କରିବାରେ ସାହାଯ୍ୟ କରିପାରିବ। ବିଭିନ୍ନ କ୍ଷେତ୍ରରେ ଶୀତଳୀକରଣର ଆବଶ୍ୟକତା ରହିଛି ଏବଂ ଏହା ଆର୍ଥିକ ବିକାଶର ଏକ ଅତ୍ୟାବଶ୍ୟକୀୟ ଅଂଶ। ଆବାସିକ ଏବଂ ବାଣିଜ୍ୟିକ କୋଠା, କୋଲ୍ଡ-ଚେନ୍, ରେଫ୍ରିଜରେସନ୍, ପରିବହନ ଏବଂ ଶିଳ୍ପ ଭଳି ଅର୍ଥନୀତିର ବିଭିନ୍ନ କ୍ଷେତ୍ରରେ ଏହାର ଆବଶ୍ୟକତା ରହିଛି। ହାଇଡ୍ରୋଫ୍ଲୋରୋକାର୍ବନ (ଏଚ୍ ?ଏଫ୍ ?ସିଏସ୍) ର ନିର୍ଗମନକୁ ପର୍ଯ୍ୟାୟ କ୍ରମେ ହ୍ରାସ କରିବା ପାଇଁ ଭାରତ ୨୭ ସେପ୍ଟେମ୍ବର ୨୦୨୧ ରେ ମଣ୍ଟ୍ରିଲ ପ୍ରୋଟୋକଲର କିଗାଲି ସଂଶୋଧନକୁ ଅନୁମୋଦନ କରିଥିଲା। ଏହା ଅଧୀନରେ, ୨୦୩୨ ପରେ ଚାରିଟି ପର୍ଯ୍ୟାୟରେ ପର୍ଯ୍ୟାୟ କ୍ରମେ ଏହାକୁ ସଂପୂର୍ଣ୍ଣ କରିବାର ପ୍ରତିଶ୍ରୁତି ଦିଆଯାଇଛି ଏବଂ ୨୦୩୨, ୨୦୩୭, ୨୦୪୨ ଓ ୨୦୪୭ ମସିହାରେ ଯଥାକ୍ରମେ ୧୦ ପ୍ରତିଶତ, ୨୦ ପ୍ରତିଶତ, ୩୦ ପ୍ରତିଶତ ଏବଂ ୮୫ ପ୍ରତିଶତ ନିର୍ଗମନ ହ୍ରାସ କରାଯିବ। ୨୦୨୨ ମସିହାରେ ଗୃହୀତ ହୋଇଥିବା ଶକ୍ତି ସଂରକ୍ଷଣ (ସଂଶୋଧନ) ଆଇନ ଭାରତର କାର୍ବନ କ୍ରେଡିଟ୍ ବାଣିଜ୍ୟ ଯୋଜନାର ଶୁଭାରମ୍ଭ କରିଥିଲା। ଏହା ଦ୍ୱାରା କାର୍ବନ ନିର୍ଗମନ ହ୍ରାସ ପାଇଁ ଏକ ବଜାର- ଆଧାରିତ ପ୍ରଶାସନ ସୃଷ୍ଟି ହୋଇଥିଲା। ୨୦୨୩ ମସିହାରେ ଶକ୍ତି ଦକ୍ଷତା ବ୍ୟୁରୋ ଅଧୀନରେ ଆମର କାର୍ବନ କ୍ରେଡିଟ୍ ବାଣିଜ୍ୟ ଯୋଜନାର କାର୍ଯ୍ୟକାରୀତା ଦେଶର ପ୍ରଥମ ବ୍ୟାପକ କାର୍ବନ ବଜାର ନିର୍ମାଣ ପଥରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ୧ ନଭେମ୍ବର ୨୦୨୧ ରେ ଗ୍ଲାସଗୋରେ ସିଓପି ୨୬ ସମୟରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦ୍ୱାରା ଘୋଷଣା କରାଯାଇଥିବା ‹୪୭୩୯;ମିଶନ ଲାଇଫ‹୪୭୩୯; (ପରିବେଶ ପାଇଁ ଜୀବନ ଶୈଳୀ) ହେଉଛି ମାନବ ଆଚରଣକୁ ନିୟନ୍ତ୍ରଣ କରି ସ୍ଥାୟୀ ବ୍ୟବହାର ଢାଞ୍ଚାକୁ ପ୍ରୋତ୍ସାହିତ କରିବାର ଆଉ ଏକ ଦୃଷ୍ଟାନ୍ତମୂଳକ ପଦକ୍ଷେପ। କାର୍ବନ କ୍ରେଡିଟ୍ ବ୍ୟତୀତ, ୨୦୨୩ ମସିହାରେ ୟୁଏଇରେ ସିଓପି ୨୮ ସମୟରେ 'ଗ୍ରୀନ୍ କ୍ରେଡିଟ୍ ପ୍ରୋଗ୍ରାମ୍'; ରୂପରେ ଏକ ସକାରାତ୍ମକ ପଦକ୍ଷେପ ଆରମ୍ଭ କରାଯାଇଛି। ଏହାର ଲକ୍ଷ୍ୟ ହେଲା ପରିବେଶ ସୁରକ୍ଷା ଦିଗରେ ସକାରାତ୍ମକ କାର୍ଯ୍ୟକୁ ପୁରସ୍କୃତ କରାଯାଇପାରିବ ଓ ସ୍ୱେଚ୍ଛାକୃତ ପରିବେଶ ପରିଚାଳନାକୁ ଉତ୍ସାହିତ କରିବା ପାଇଁ ପ୍ରୋତ୍ସାହନ ସୃଷ୍ଟି କରିବା। ୨୦୨୪ରେ ସାରା ଦେଶରେ ଭାରତ ଷ୍ଟେଜ୍ ଷଷ୍ଠ (ବିଏସ୍ –ଷଷ୍ଠ ) ନିର୍ଗମନ ମାନଦଣ୍ଡକୁ ପୂର୍ଣ୍ଣ ଭାବରେ କାର୍ଯ୍ୟକାରୀ କରାଯାଇଥିଲା। ଏହା ସହିତ ସ୍ଥାୟୀ ଆର୍ଥିକ ବ୍ୟବସ୍ଥା ପାଇଁ ଆମର ସବୁଜ କର ବ୍ୟବସ୍ଥା (ଗ୍ରୀନଟେକ୍ସୋନମି)ର ବିକାଶ ଏପରି ପଦକ୍ଷେପ ଯାହା କି ଏକ ସ୍ୱଚ୍ଛ ଏବଂ ସବୁଜ ପରିବେଶ ପ୍ରତି ଭାରତର ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ଏହି ପଦକ୍ଷେପଗୁଡ଼ିକ ଏହା ମଧ୍ୟ ଦର୍ଶାଏ ଯେ ପରିବେଶଗତ ପ୍ରଶାସନ କିପରି ପ୍ରଯୁକ୍ତିବିଦ୍ୟା ପ୍ରଗତି ଏବଂ ଆର୍ଥିକ ନବସୃଜନକୁ ପ୍ରୋତ୍ସାହିତ କରିପାରେ। ପରିବେଶ ଅନୁକୂଳ ଏବଂ ଗୁଣାତ୍ମକ ମଜଭୁତ ଉତ୍ପାଦର ଉତ୍ପାଦନ ଏବଂ ବ୍ୟବହାରକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ମନ୍ତ୍ରଣାଳୟ ଇ(ପି) ଆଇନ, ୧୯୮୬ ଅନ୍ତର୍ଗତ ଇକୋମାର୍କ ନିୟମ, ୨୦୨୪ର ବିଜ୍ଞପ୍ତି ପ୍ରକାଶ କରିଛି। ଏଥିରେ ଉତ୍ପାଦନ ଏବଂ ଉପଯୋଗର ମଜଭୁତ ପଦ୍ଧତିକୁ ପ୍ରୋତ୍ସାହିତ କରିବା ପାଇଁ ୮୦ଟି ଉପ-ବର୍ଗ ଉତ୍ପାଦ ସହିତ ୧୭ ଟି ବ୍ୟାପକ ବର୍ଗକୁ ସାମିଲ କରାଯାଇଛି ଏବଂ ସିପିସିବିକୁ ପ୍ରମୁଖ ପ୍ରାଶାସନିକ ସଂସ୍ଥା ଭାବରେ ନାମିତ କରାଯାଇଛି। ... ୨୦୧୮ ରେ 'ପରିବେଶ' ଆରମ୍ଭ ହେବାଠୁ ଆରମ୍ଭ କରି ୨୦୨୪ରେ 'ପରିବେଶ ୨.୦' ପର୍ଯ୍ୟନ୍ତ ଏହାର ବିକାଶ, ପରିବେଶ ସଂପର୍କିତ ପରିଚାଳନା ଏବଂ ତଦାରଖ ପ୍ରକ୍ରିୟାରେ ନିରନ୍ତର ପ୍ରଯୁକ୍ତିବିଦ୍ୟା ଏବଂ ଗୁଣାତ୍ମକ ଉନ୍ନତି ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। 'ପରିବେଶ ୨.୦'ରେ ଜିଆଇଏସ୍ ସମେତ ଉନ୍ନତ ପରିବେଶଗତ ମୂଲ୍ୟାଙ୍କନ ବୈଶିଷ୍ଟ୍ୟର ଏକ ଆଧୁନିକ ନିଷ୍ପତ୍ତି ନେବା, ସମର୍ଥନ ପ୍ରଣାଳୀ ଅନ୍ତର୍ଭୁକ୍ତ। ଜାତୀୟ ସିଙ୍ଗଲ୍ ୱିଣ୍ଡୋ ସିଷ୍ଟମରେ ପରିବେଶଗତ ମଞ୍ଜୁରୀଗୁଡ଼ିକୁ ଏକୀକୃତ କରିବା ଦ୍ୱାରା ବ୍ୟବସାୟିକ ଅନୁମୋଦନ ପାଇଁ ଏକ 'ୱାନ୍-ଷ୍ଟପ୍'; ଡିଜିଟାଲ୍ ପ୍ଲାଟଫର୍ମ ସୃଷ୍ଟି ହୋଇଛି। ଏହା ବିଶ୍ୱ ବ୍ୟାଙ୍କର ସହଜ ବ୍ୟବସାୟ ତାଲିକାରେ ଭାରତର ସ୍ଥାନରେ ନାଟକୀୟ ଉନ୍ନତି ଆଣିଛି। ଭାରତ ୨୦୧୪ରେ ଏହି ରାଙ୍କିଙ୍ଗରେ ୧୪୨ତମ ସ୍ଥାନରେ ଥିବା ବେଳେ ୨୦୨୦ରେ ୬୩ତମ ସ୍ଥାନକୁ ଡେଇଁଛି। ୨୦୧୪-୨୦୨୦ ମଧ୍ୟରେ ଆମେ ୨,୧୧୫ ଟି ଆବେଦନ ମଧ୍ୟରୁ ପ୍ରାୟ ୨,୦୫୩ ଟି ପ୍ରକଳ୍ପକୁ ପରିବେଶଗତ ମଞ୍ଜୁରୀ ପ୍ରଦାନ କରିଛୁ। ଏହା ଆବେଦନ ପ୍ରକ୍ରିୟାକୁ ସଂପୂର୍ଣ୍ଣ କରିବାର ଦକ୍ଷତାରେ ଉଲ୍ଲେଖନୀୟ ଉନ୍ନତି ଆଣିଛି। ଶିଳ୍ପସଂସ୍ଥାଗୁଡ଼ିକରୁ ବର୍ଜ୍ୟବସ୍ତୁ ନିର୍ଗମନକୁ ହ୍ରାସ କରିବା ପାଇଁ ସର୍ବୋତ୍ତମ ପଦ୍ଧତି ଗ୍ରହଣ କରିବା ଲାଗି ଉତ୍ସାହିତ କରିବାକୁ ଏବଂ ନିୟମ ମାନିବାର ବୋଝକୁ ହ୍ରାସ କରିବା ପାଇଁ ଶିଳ୍ପସଂସ୍ଥାଗୁଡ଼ିକର ବର୍ଗୀକରଣର ଏକ ନୂତନ ପଦ୍ଧତି ପ୍ରଚଳନ କରାଯାଇଛି। ଏହି ବୈଜ୍ଞାନିକ ପଦ୍ଧତି ଅନୁଯାୟୀ, ବିଭିନ୍ନ କାର୍ଯ୍ୟକଳାପକୁ ଲାଲ, କମଳା, ସବୁଜ, ଧଳା ଏବଂ ନୀଳ ବର୍ଗରେ ବର୍ଗୀକୃତ କରାଯାଇଛି। ନୀଳ ରଙ୍ଗର ନୂଆ ବର୍ଗର ଶିଳ୍ପରେ ସ୍ୱେରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ, ସାର ଉତ୍ପାଦନ ୟୁନିଟ୍, ବାୟୋଗ୍ୟାସ୍ ପ୍ଲାଣ୍ଟଗୁଡ଼ିକ ସାମଗ୍ରୀ ପୁନରୁଦ୍ଧାର ସୁବିଧା ଭଳି ସକାରାତ୍ମକ ପରିବେଶ ଅନୁକୂଳ ପଦକ୍ଷେପ ରହିଛି। ଆମେ ଆଗକୁ ବଢ଼ିବା ସହିତ ଆମର ପରିବେଶ ସହିତ ଜଡ଼ିତ ଆମର ପ୍ରଶାସନ ଢାଞ୍ଚା ବିକଶିତ ହେଉଛି। ଏଥିରେ ରହିଛି ଉନ୍ନତ ଏଆଇ କ୍ଷମତା, ଉନ୍ନତ ଜନଭାଗିଦାରୀ ପ୍ରଶାସନ ଏବଂ ଭବିଷ୍ୟତର ଆବଶ୍ୟକତା ଅନୁଯାୟୀ ପରିବେଶ ପରିଚାଳନା ବ୍ୟବସ୍ଥା। ଉନ୍ନତ ଡିଜିଟାଲ ନିରୀକ୍ଷଣ ବ୍ୟବସ୍ଥା ଓ ଇଏସଜିରିପୋର୍ଟିଂର ଠୋସ୍ ବ୍ୟବସ୍ଥା ସମେତ ୨୦୨୫ ମସିହାରେ ହୋଇଥିବା ସାମ୍ପ୍ରତିକ ବିକାଶ ପ୍ରଦର୍ଶିତ କରୁଛି ଅତ୍ୟାଧୁନିକ ରହିବା ନେଇ ପ୍ରତିଶ୍ରୁତିବଦ୍ଧତା। ନାଲି ଫିତା ଶାସନରୁ ଆରମ୍ଭ କରି ସବୁଜ ସୃଜନଶୀଳ ପର୍ଯ୍ୟନ୍ତ ଏକ ଦଶନ୍ଧିର ଏହି ଯାତ୍ରା ଦର୍ଶାଉଛି ଯେ, ଦୂରଦୃଷ୍ଟି ସଂପନ୍ନ ନେତୃତ୍ୱ ବହୁତ କିଛି ହାସଲ କରିପାରିବ। ପରିବେଶ ସଂରକ୍ଷଣ ଓ ଆର୍ଥିକ ବିକାଶ ମଧ୍ୟରେ ସନ୍ତୁଳନ ରଖିବା ପାଇଁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦୃଷ୍ଟିକୋଣ ଶାସନର ଏପରି ଏକ ମଡେଲ ପ୍ରସ୍ତୁତ କରିଛି ଯାହାକି ଏକା ସାଙ୍ଗରେ ଅନେକ ଲକ୍ଷ୍ୟପୂରଣ କରୁଛି। ଏବେ ଯେତେବେଳେ ଆମେ ବିକଶିତ ଭାରତଅ୨୦୪୭ ଲକ୍ଷ୍ୟକୁ ପୂରଣ କରିବା ଦିଗରେ ଅଗ୍ରସର ହେଉଛୁ, ଏକ ଦଶକରୁ ଅଧିକ ସମୟରେ ଲାଗୁ କରାଯାଇଥିବା ପରିବେଶ ସଂପର୍କିତ ପ୍ରାଶାସନିକ ଢାଞ୍ଚା ସ୍ଥାୟୀ ବିକାଶ ପ୍ରତି ଦୃଢ଼ ମୂଳଦୁଆ ପ୍ରଦାନ କରୁଛି।

# ବୈଚିତ୍ରା




# ଦେଶରେ ବଢ଼ୁଛି ହାର୍ଟଆଟାକ୍

**୪୦ଦିନରେ ୨୨ ଜଣଙ୍କ ହୃଦଘାତରେ ଜୀବନ ଯାଇଥିଲା । ଯାହା କୋଭିଡ ଟିକାର ପାର୍ଶ୍ୱ ପ୍ରତିକ୍ରିୟା ବୋଲି ଅଭିଯୋଗ କରିଥିଲେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା । କିନ୍ତୁ ଏନେଇ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରିବା ସହ କୋଭିଡ ଟିକାର ହୃଦଘାତ ସହିତ କୌଣସି ସମ୍ବନ୍ଧ ନାହିଁ ବୋଲି କୁହାଯାଇଛି ।**

> ହେଉଥିଲା ଯେ କୋଭିଡ୍-୧୯ ଟିକା ନେବା ପରେ ଅନେକ ଯୁବକଙ୍କର ହାର୍ଟ ଆଟାକରୁ ହଠାତ୍ ମୃତ୍ୟୁ ହେଉଛି । ଏହାକୁ ନେଇ ଅନେକ ପ୍ରକାରର ଗୁଜବ ଏବଂ ଭୟ ମଧ୍ୟ ବ୍ୟାପିଥିଲା । କିନ୍ତୁ ବର୍ତ୍ତମାନ ଏହି ପ୍ରସଙ୍ଗ ଉପରେ ଦେଶର ଦୁଇଟି ସବୁଠାରୁ ବଡ଼ ମେଡିକାଲ୍ ଅନୁଷ୍ଠାନ ଆଇସିଏମଆର ଅର୍ଥାତ୍ ଭାରତୀୟ ଆୟୁର୍ବିଜ୍ଞାନ ଅନୁସନ୍ଧାନ ପରିଷଦ ଏବଂ ଏମ୍ସ ଅର୍ଥାତ୍ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ ବଡ଼ ଏବଂ ଗଭୀର ଯାଞ୍ଚ କରିଛନ୍ତି । ଏଥିରେ ସ୍ପଷ୍ଟ କୁହାଯାଇଛି ଯେ କୋଭିଡ୍ ଟିକା ଏବଂ ହଠାତ୍ ମୃତ୍ୟୁର କୌଣସି ସିଧା ସମ୍ପର୍କ ନାହିଁ ।



ବଢ଼ୁଥିବା ହାର୍ଟ ଆଟାକ୍ ମାମଲା ସହିତ କରୋନା ଟିକାର କିଛି ସମ୍ପର୍କ ଅଛି କି ? କରୋନା ଟିକା ଯୋଗୁଁ ଯୁବକମାନଙ୍କ ମଧ୍ୟରେ ହାର୍ଟ ଆଟାକ୍ ଯୋଗୁଁ ହଠାତ୍ ମୃତ୍ୟୁ ହେବାର ଗତି ବଢ଼ିଛି କି ? ହାର୍ଟ ଆଟାକ୍ ମାମଲାରେ କୋଭିଡ୍ ଟିକା ହିଁ ଦାୟୀ କି ? ଏହି ସମସ୍ତ ପ୍ରଶ୍ନରୁ ପରଦା ହଟିଯାଇଛି । ଆଇସିଏମଆର ଏବଂ ଏମ୍ସ ରିପୋର୍ଟରେ ଖୁଲାସା ହୋଇଛି ଯେ ଯୁବକମାନଙ୍କ ମଧ୍ୟରେ ବଢ଼ୁଥିବା ମୃତ୍ୟୁର କାରଣ କରୋନା ଟୀକା କି ନୁହେଁ । ସାରା ଦେଶରେ କିଛି ବର୍ଷ ଧରି ଏହା ଆଲୋଚନା ହେଉଥିଲା ଯେ କୋଭିଡ୍-୧୯ ଟିକା ନେବା ପରେ ଅନେକ ଯୁବକଙ୍କର ହାର୍ଟ ଆଟାକରୁ ହଠାତ୍ ମୃତ୍ୟୁ ହେଉଛି । ଏହାକୁ ନେଇ ଅନେକ ପ୍ରକାରର ଗୁଜବ ଏବଂ ଭୟ ମଧ୍ୟ ବ୍ୟାପିଥିଲା । କିନ୍ତୁ ବର୍ତ୍ତମାନ ଏହି ପ୍ରସଙ୍ଗ ଉପରେ ଦେଶର ଦୁଇଟି ସବୁଠାରୁ ବଡ଼ ମେଡିକାଲ୍ ଅନୁଷ୍ଠାନ ଆଇସିଏମଆର ଅର୍ଥାତ୍ ଭାରତୀୟ ଆୟୁର୍ବିଜ୍ଞାନ ଅନୁସନ୍ଧାନ ପରିଷଦ ଏବଂ ଏମ୍ସ ଅର୍ଥାତ୍ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ ବଡ଼ ଏବଂ ଗଭୀର ଯାଞ୍ଚ କରିଛନ୍ତି । ଏଥିରେ ସ୍ପଷ୍ଟ କୁହାଯାଇଛି ଯେ କୋଭିଡ୍ ଟିକା ଏବଂ ହଠାତ୍ ମୃତ୍ୟୁର କୌଣସି ସିଧା ସମ୍ପର୍କ ନାହିଁ । ଏହି ମୃତ୍ୟୁର କାରଣ ଜାଣିବା ପାଇଁ ଏନସିଡିସି ଏବଂ ଘଉଉଉ (ନ୍ୟାସନାଲ ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ) ମିଳିତ ଭାବରେ ଦୁଇଟି ଅଲଗା ଅଲଗା ରିସର୍ଚ୍ଚ କରିଥିଲେ । ଗୋଟିଏ ଷ୍ଟଡି ପୁରୁଣା ଡାଟା ଆଧାରରେ କରାଯାଇଥିଲା ଏବଂ ଅନ୍ୟଟି ପ୍ରକୃତ ସମୟରେ ଚାଲୁଛି । ତେବେ ଆସନ୍ତୁ ଜାଣିବା ପ୍ରଥମ ଏବଂ ଦ୍ୱିତୀୟ ରିପୋର୍ଟରେ କ'ଣ କ'ଣ ଅଛି ?

### ପ୍ରଥମ ଷ୍ଟଡି: ଆଇସିଏମଆର ର ରିପୋର୍ଟ

ଆଇସିଏମଆର ର ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଏପିଡେମିଓଲୋଜି (ଏନଆଇଏଫ୍) ମେ'ରୁ ଅଗଷ୍ଟ ୨୦୨୩ ମଧ୍ୟରେ ଏହି ଷ୍ଟଡି କରିଥିଲା । ଏଥିରେ ୧୯ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ପ୍ରଦେଶର ୪୭ଟି ବଡ଼ ହସ୍ପିଟାଲରୁ ଡାଟା ନିଆଯାଇଥିଲା । ଏଥିରେ ୧୮ରୁ ୪୫ ବର୍ଷ ବୟସର ସେହି ଲୋକମାନଙ୍କୁ ସାମିଲ କରାଯାଇଥିଲା, ଯେଉଁମାନେ ପୂର୍ବରୁ ସମ୍ପୂର୍ଣ୍ଣ ସୁସ୍ଥ ଦେଖାଯାଉଥିଲେ କିନ୍ତୁ ଅକ୍ଟୋବର ୨୦୨୧ ରୁ ମାର୍ଚ୍ଚ ୨୦୨୩ ମଧ୍ୟରେ ହଠାତ୍ ତାଙ୍କର ମୃତ୍ୟୁ ହୋଇଗଲା । ଏହି ରିସର୍ଚ୍ଚର ଫଳାଫଳ ସ୍ପଷ୍ଟ ଅଛି ଯେ କୋଭିଡ୍-୧୯ର ଟିକା ନେବା ଦ୍ୱାରା ହଠାତ୍ ମୃତ୍ୟୁର ବିପଦ ବଢ଼େ ନାହିଁ ।

### ଦ୍ୱିତୀୟ ଷ୍ଟଡି: ଆଇସିଏମଆର ର ରିପୋର୍ଟ

ଏମ୍ସ ଦିଲ୍ଲୀ ବର୍ତ୍ତମାନ ଆଉ ଏକ ଷ୍ଟଡି କରୁଛି । ଏଥିରେ ଦେଖାଯାଉଛି ଯେ ଯୁବକମାନଙ୍କର ହଠାତ୍ ମୃତ୍ୟୁର ପ୍ରକୃତ କାରଣ କ'ଣ । ପ୍ରାଥମିକ ରିପୋର୍ଟ କହୁଛି ଯେ ହାର୍ଟ ଆଟାକ୍ ଏହିଭଳି ମୃତ୍ୟୁର ସବୁଠାରୁ ସାଧାରଣ କାରଣ ଅଟେ । ଏହା ବ୍ୟତୀତ ଜେନେଟିକ୍ ଅର୍ଥାତ୍ ଆନୁବଂଶିକ କାରଣ ଏବଂ ପୁରୁଣା ରୋଗ ମଧ୍ୟ ଅନେକ ମାମଲାରେ କାରଣ ହେଉଛି । ରିସର୍ଚ୍ଚରେ ଏହା ମଧ୍ୟ ଦେଖାଯାଇଛି ଯେ ଗତ କିଛି ବର୍ଷରେ ହଠାତ୍ ମୃତ୍ୟୁର କାରଣଗୁଡ଼ିକରେ କୌଣସି ବଡ଼ ପରିବର୍ତ୍ତନ ହୋଇନାହିଁ ।

କୋଭିଡ୍ ଟିକା ସହିତ ମୃତ୍ୟୁର କୌଣସି ବୈଜ୍ଞାନିକ କିମ୍ବା ମେଡିକାଲ ସମ୍ବନ୍ଧ ବିଷୟରେ ତଥ୍ୟ ମିଳିନାହିଁ । ମୃତ୍ୟୁର ମାମଲାଗୁଡ଼ିକରେ ଅଧିକାଂଶ କାରଣ ହେଉଛି ଲାଇଫଷ୍ଟାଇଲ୍ (ଖାଦ୍ୟପାନ, ଚିନ୍ତା, ମଦ-ସିଗାରେଟ୍), ଆନୁବଂଶିକ କାରଣ ଏବଂ ପୂର୍ବରୁ ଥିବା ରୋଗ । କୋଭିଡ୍ ଟିକା ସମ୍ପୂର୍ଣ୍ଣ ସୁରକ୍ଷିତ ଅଟେ ଏବଂ ଏହାଦ୍ୱାରା ଲୋକଙ୍କ ଜୀବନ ବଞ୍ଚିଛି । ବୈଜ୍ଞାନିକ ଏବଂ ସରକାରଙ୍କ ମତରେ ବିନା କୌଣସି ପ୍ରମାଣରେ ଟିକା ଉପରେ ପ୍ରଶ୍ନ ଉଠାଇବା ବିପଦଜନକ ହୋଇପାରେ । ଏହାଦ୍ୱାରା ଲୋକଙ୍କ ମଧ୍ୟରେ ଭୟ ବ୍ୟାପିପାରେ ଏବଂ ଟିକା ନେବାରେ ଦ୍ୱିଧା ଉପୁଜିପାରେ । ଭାରତ ସରକାର ସ୍ପଷ୍ଟ ଭାବରେ କହିଛନ୍ତି ଯେ ସମ୍ପୂର୍ଣ୍ଣ ଭାବରେ ବୈଜ୍ଞାନିକ ରିସର୍ଚ୍ଚ ଏବଂ ତଥ୍ୟ ଉପରେ ଆଧାରିତ ନୀତି ଉପରେ ବିଶ୍ୱାସ କରନ୍ତି, ଯାହାଦ୍ୱାରା ଦେଶବାସୀଙ୍କ ସ୍ୱାସ୍ଥ୍ୟର ରକ୍ଷା କରାଯାଇପାରିବ ।

କୋଭିଡ ଟିକା ନୁହେଁ ହୃଦଘାତର କାରଣ । ଏନେଇ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି । ୪୦ ଦିନରେ ୨୨ ଜଣଙ୍କ ହୃଦଘାତରେ ଜୀବନ ଯାଇଥିଲା । ଯାହା କୋଭିଡ ଟିକାର ପାର୍ଶ୍ୱ ପ୍ରତିକ୍ରିୟା ବୋଲି ଅଭିଯୋଗ କରିଥିଲେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା । କିନ୍ତୁ ଏନେଇ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରିବା ସହ କୋଭିଡ ଟିକାର ହୃଦଘାତ ସହିତ କୌଣସି ସମ୍ବନ୍ଧ ନାହିଁ ବୋଲି କୁହାଯାଇଛି । ଇଣ୍ଡିଆନ୍ କାଉନସିଲ୍ ଅଫ୍ ମେଡିକାଲ ରିସର୍ଚ୍ଚ(ଆଇସିଏମଆର) ଏବଂ ଏମ୍ସ ପକ୍ଷରୁ କରାଯାଉଥିବା ଗବେଷଣାରୁ ଜଣାପଡ଼ିଛି । କୋଭିଡ ଟିକା ସହ ହୃଦଘାତର କୌଣସି ସମ୍ପର୍କ ନାହିଁ ବୋଲି ଅଧ୍ୟୟନରୁ ସ୍ପଷ୍ଟ ହୋଇଛି । ଦେଶରେ ୧୮ ରୁ ୪୫ ବର୍ଷୀୟ ଯୁବପିଢ଼ି ହୃଦଘାଦର ଶିକାର ହେଉଥିବା ଦେଖିବାକୁ ମିଳୁଛି । ଆଇସିଏମଆର ଓ ଏମ୍ସ ଗବେଷଣାରୁ ଜଣାପଡିଛି ଯେ ଜୀବନଶୈଳୀ ଏବଂ ପୂର୍ବ ସମସ୍ୟା ଯୋଗୁ ହୃଦଘାତରେ ଜୀବନ ଯାଉଛି । ୧୯ ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ୨୦୨୩ ମେ'ରୁ ଅଗଷ୍ଟ ମଧ୍ୟରେ କରାଯାଉଥିବା ଅଧ୍ୟୟନରୁ ଏହା ଜଣାପଡ଼ିଛି । ଏହି ଅଧ୍ୟୟନରେ ୨୦୨୧ ଅକ୍ଟୋବରରୁ ୨୦୨୩ ମାର୍ଚ୍ଚ ମଧ୍ୟରେ ସୁସ୍ଥ ଦେଖାଯାଉଥିବା ଲୋକଙ୍କ ମଧ୍ୟରେ ହଠାତ୍ ମୃତ୍ୟୁକୁ ନେଇ ଗବେଷଣା କରାଯାଇଥିଲା । ତେବେ କାହିଁକି ଏଭଳି ହୃଦଘାତରେ ଜୀବନ ଯାଉଛି ତା'ର ପ୍ରକୃତ କାରଣ ଖୋଜିବାକୁ ଆଇସିଏମଆର ଏବଂ ଏମ୍ସ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି ।

କୋଭିଡ ଟିକା ନୁହେଁ ହୃଦଘାତର କାରଣ ।

କୋଭିଡ ଟିକା ଯୋଗୁ ହୃଦଘାତ ହେଉନଥିବା ସ୍ପଷ୍ଟ କଲା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ।

ନିକଟରେ ୪୦ ଦିନରେ ୨୨ ଜଣଙ୍କ ହୃଦଘାତରେ ଜୀବନ ଯାଇଥିଲା । ଯାହା କୋଭିଡ ଟିକାର ପାର୍ଶ୍ୱ ପ୍ରତିକ୍ରିୟା ବୋଲି ଅଭିଯୋଗ କରିଥିଲେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ।

ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି କୋଭିଡ ଟିକା ହୃଦଘାତର କାରଣ ନୁହେଁ ।



ଆଇସିଏମଆର ଏବଂ ଏମ୍ସ ପକ୍ଷରୁ କରାଯାଇଥିବା ଅଧ୍ୟୟନରୁ ଏହା ଜଣାପଡିଛି ।

କୋଭିଡ ଟିକା ସହ ହୃଦଘାତର କୌଣସି ସମ୍ପର୍କ ନାହିଁ ବୋଲି ଗବେଷଣାରୁ ସ୍ପଷ୍ଟ ହୋଇଛି ।

ଦେଶରେ ୧୮ ରୁ ୪୫ ବର୍ଷୀୟ ଯୁବପିଢ଼ି ହୃଦଘାତର ଶିକାର ହେଉଥିବା ଦେଖିବାକୁ ମିଳୁଛି ।

ଗବେଷଣାରୁ ଜଣାପଡିଛି ଯେ ଜୀବନଶୈଳୀ ଏବଂ ପୂର୍ବ ସମସ୍ୟା ଯୋଗୁ ହୃଦଘାତର ଜୀବନ ଯାଉଛି ।

୨୦୨୧ ଅକ୍ଟୋବରରୁ ୨୦୨୩ ମାର୍ଚ୍ଚ ମଧ୍ୟରେ ସୁସ୍ଥ ଲୋକଙ୍କ ହଠାତ୍ ମୃତ୍ୟୁକୁ ନେଇ ଗବେଷଣା କରାଯାଇଥିଲା ।

୧୯ ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ୨୦୨୩ ମେ'ରୁ ଅଗଷ୍ଟ ମଧ୍ୟରେ ଅଧ୍ୟୟନ କରାଯାଇଥିଲା ତେବେ କାହିଁକି ଏଭଳି ହୃଦଘାତରେ ଜୀବନ ଯାଉଛି ତା'ର ପ୍ରକୃତ କାରଣ ଖୋଜିବ ଆଇସିଏମଆର ଏବଂ ଏମ୍ସ ।

## ପିଚ୍‌ରେ ବ୍ୟାଟରଙ୍କ ଜୀବନ ନେଲା ହୃଦ୍‌ଘାତ

ସୋସିଆଲ ମିଡିଆରେ ଏକ ହୃଦୟ ବିଦାରକ ଭିଡିଓ ସାମ୍ନାକୁ ଆସିଛି । ଜଣେ କ୍ରିକେଟର ପଡ଼ିଆରେ ମୃତ୍ୟୁବରଣ କରିଛନ୍ତି । ଏହି ଘଟଣା ପଞ୍ଜାବର ଫିରୋଜପୁରରେ ଘଟିଛି । ଜଣେ ବ୍ୟାଟର ଛକା ମାରିବାର କିଛି ମୁହୂର୍ତ୍ତ ପରେ ପିଚ୍ ଉପରେ ପଡ଼ିଯାଇଥିଲେ । ସେଠାରେ ଉପସ୍ଥିତ ଅନ୍ୟ ଖେଳାଳିମାନେ ସିପିଆର ଦେବାକୁ ଚେଷ୍ଟା କରିଥିଲେ, କିନ୍ତୁ ତାଙ୍କୁ ବଞ୍ଚାଇ ପାରିନଥିଲେ । ମୃତ ଖେଳାଳିଙ୍କ ନାମ ହରଜିତ ସିଂହ ବୋଲି କୁହାଯାଉଛି । ସେ ଫିରୋଜପୁରର ବାସିନ୍ଦା ଥିଲେ । ଏହି ମ୍ୟାଚ୍ ଉଇଠ ସ୍କୁଲ ପଡ଼ିଆରେ ଖେଳାଯାଉଥିଲା । ଏହି ଭିଡିଓରେ, ବ୍ୟାଟର ପ୍ରଥମେ ଛକା ମାରିଥିଲେ । ତା'ପରେ ସେ ତାଙ୍କ ସାଥୀ ବ୍ୟାଟରଙ୍କ ପାଖକୁ ଆସି



ପିଚ୍ ମଝିରେ ଆଣ୍ଠୁ ମାଡ଼ି ବସିଥିଲେ । ମାତ୍ର କିଛି ମୁହୂର୍ତ୍ତ ପରେ ସେ ତଳେ ପଡ଼ି ଯାଇଥିଲେ । ତାଙ୍କୁ ବଞ୍ଚାଇବାକୁ ବହୁ ଉଦ୍ୟମ କରାଯାଇଥିଲେ ବି ବିଫଳ ହୋଇଥିଲେ । ୨୦୨୪ ମସିହାରେ ମଧ୍ୟ ସମାନ ଏକ ମାମଲା ସାମ୍ନାକୁ ଆସିଥିଲା । ପୁଣେରେ ଇମ୍ରାନ ପଟେଲ ନାମକ ଜଣେ ଖେଳାଳିଙ୍କ ଛାତିରେ ଯନ୍ତ୍ରଣା ହୋଇଥିଲା । ଇମ୍ରାନ ଏହି ବିଷୟରେ ଅମ୍ପାୟାରଙ୍କୁ ମଧ୍ୟ କହିଥିଲେ । ସେ ପାଭିଲିୟନ ଆଡକୁ ଯାଉଥିବା ବେଳେ ସେ ତଳେ ପଡ଼ି ଯାଇଥିଲେ । ତାଙ୍କୁ ତୁରନ୍ତ ନିକଟସ୍ଥ ହସ୍ପିଟାଲକୁ ନିଆଯାଇଥିଲା । ଯେଉଁଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ ଡାକ୍ତର । ଇମ୍ରାନ ପଟେଲ ବହୁତ ଫିଟ୍ ଥିବା ସତ୍ତ୍ୱେ ତାଙ୍କୁ ହୃଦଘାତ ହୋଇଥିଲା । ନିକଟ ଅତୀତରେ ଖେଳାଳିଙ୍କ ଆକସ୍ମିକ ମୃତ୍ୟୁର ଖବର ସମସ୍ତଙ୍କୁ ବିଚଳିତ କରିଛି । ଏପରିକି ୩୦ ବର୍ଷରୁ କମ୍ ବୟସର ଲୋକମାନେ ମଧ୍ୟ ହୃଦଘାତରେ ମୃତ୍ୟୁବରଣ କରୁଥିବା ଦେଖିବାକୁ ମିଳୁଛି । ଜୁନ୍ ୨୦୨୪ରେ ଆଉ ଏକ ଘଟଣା ସାମ୍ନାକୁ ଆସିଥିଲା । ମୁମ୍ବାଇରେ ଏକ କମ୍ପାନୀ ଦ୍ୱାରା ଆୟୋଜିତ ଏକ ମ୍ୟାଚ୍‌ରେ ରାମ ଗଣେଶ ତନଓ୍ୱାର ଛକା ମାରି ତଳେ ପଡ଼ି ଯାଇଥିଲେ ଏବଂ ତାଙ୍କର ମୃତ୍ୟୁ ହୋଇଥିଲା ।

## ଆଣ୍ଟି-ଏଜିଂ ଔଷଧରୁ ଶେଫାଳୀଙ୍କୁ ହୃଦ୍‌ଘାତ

ଅଭିନେତ୍ରୀ ଏବଂ ମଡେଲ ଶେଫାଳୀଙ୍କ ମୃତ୍ୟୁ ସମସ୍ତଙ୍କୁ ଚକିତ କରିଦେଇଛି । ମୃତ୍ୟୁ ବେଳକୁ ତାଙ୍କର ବୟସ ମାତ୍ର ୪୨ ବର୍ଷ ଥିଲା । ଏତେ ବୟସ ହେବା ସତ୍ତ୍ୱେ ସେ ବହୁତ ଫିଟ୍ ଥିଲେ । ରିପୋର୍ଟ ଅନୁଯାୟୀ, ହୃଦଘାତରେ ଶେଫାଳିଙ୍କ ମୃତ୍ୟୁ ହୋଇଛି । ପୋଲିସ ଏହାକୁ ଅନେକ ଦୃଷ୍ଟିକୋଣରୁ ତଦନ୍ତ କରୁଛି । ପୋଲିସ ତଦନ୍ତରେ ଅନେକ ଗୁରୁତ୍ୱପୂର୍ଣ୍ଣ ସୂଚନା ସାମ୍ନାକୁ ଆସିଛି । ତଦନ୍ତରୁ ଜଣାପଡିଛି ଯେ ଶେଫାଳୀ ଗତ ୫-୬ ବର୍ଷ ଧରି ନିୟମିତ ଭାବରେ ବାର୍ଦ୍ଧକ୍ୟ ପ୍ରତିରୋଧୀ ଆଣ୍ଟି-ଏଜିଂ ଔଷଧ ଖାଉଥିଲେ । ଜୁନ୍ ୨୭ ତାରିଖରେ ତାଙ୍କ ଘରେ ଏକ ପୂଜା ଥିଲା । ଏନେଇ ଶେଫାଳି ଉପବାସ କରିଥିଲେ, କିନ୍ତୁ ଏହା ସତ୍ତ୍ୱେ, ସେ ସେହି ଦିନ ଅପରାହ୍ନରେ ଆଣ୍ଟି-ଏଜିଂ ଔଷଧର ଏକ ଇଞ୍ଜେକ୍ସନ ନେଇଥିଲେ । ଅନେକ ବର୍ଷ ପୂର୍ବରୁ ଡାକ୍ତରଙ୍କ ପରାମର୍ଶରେ ଶେଫାଳୀଙ୍କୁ ଏହି ଔଷଧ ଦିଆଯାଇଥିଲା, ଏବଂ ସେବେଠାରୁ ସେ ପ୍ରତି ମାସରେ ଏହି ଚିକିତ୍ସା କରୁଥିଲେ । ପୋଲିସ ସନ୍ଦେହ କରୁଛି ଯେ ଏହି ଔଷଧ ତାଙ୍କର ହଠାତ୍ ମୃତ୍ୟୁର ଏକ ପ୍ରମୁଖ କାରଣ ହୋଇପାରେ । ଯାହା ତାଙ୍କ ହୃଦଘାତର କାରଣ ହୋଇଛି । ସୂଚନା ଅନୁସାରେ ଘଟଣା ଦିନ, ରାତି ୧୦ ରୁ ୧୧ଟା ମଧ୍ୟରେ ଶେଫାଳିଙ୍କ ସ୍ୱାସ୍ଥ୍ୟ ହଠାତ୍ ଖରାପ ହୋଇଗଲା, ତାଙ୍କ ଶରୀର ଥରିବାକୁ ଲାଗିଲା ଏବଂ ସେ ଚେତାଶୂନ୍ୟ ହୋଇଗଲେ । ତାଙ୍କୁ ତୁରନ୍ତ ହସ୍ପିଟାଲକୁ ନିଆଯାଇଥିଲା । ସେଠାରେ ତାଙ୍କୁ ମୃତ୍ୟୁ ଘୋଷଣା କରାଯାଇଥିଲା । ଫୋରେନ୍‌ସିକ୍ ଟିମ୍ ତାଙ୍କ ଘରୁ ବିଭିନ୍ନ ପ୍ରକାରର ଔଷଧ ଜବତ କରିଛି । ଏଥିରେ ବାର୍ଦ୍ଧକ୍ୟ ବିରୋଧୀ ଭାଏଲ, ଭିଟାମିନ୍ ସପ୍ଲିମେଣ୍ଟ ଏବଂ ଗ୍ୟାଷ୍ଟ୍ରିକ୍ ସମ୍ବନ୍ଧୀୟ ବଟିକା ରହିଛି ।



# ବାପାଙ୍କ ହମ୍ବର୍ ସାଇକେଲ

ବାପା କଲିକତାରୁ ଗୋଟେ ହମ୍ବର୍ ସାଇକେଲ ଆଣିଥିଲେ । ରଙ୍ଗ କଳା । ସିଟଟା ଏତେ ଉଚ୍ଚା ଥିଲା ଯେ ବାପା ସାଇକେଲ ଚଲାଉ ଥିଲାବେଳେ ଲାଗୁଥିଲା ଯେମିତି ସେ ପବନରେ ପହଁରୁଛନ୍ତି । ସାହି ପଡିଶା ଲୋକେ ଆଚମ୍ଭିତ ହେଉଥିଲେ । ବାପାଙ୍କ ଦୁଇଚକ ବିଶିଷ୍ଟ ଯାନଟି ଦେଖି ବେଶ୍ ପ୍ରଲୁବ୍ଧ ହେଉଥିଲା ଅଭିଜିତ । କଳ୍ପନା କରୁଥିଲା - କେବେ ଥରେ ସେ ବାପାଙ୍କ ଯାନରେ ଉଡ଼ିଉଡ଼ି ଯାଆନ୍ତା ! ସ୍କୁଲରେ ସମସ୍ତେ ତାକୁ ଦେଖି ତାଜୁବ ହୋଇ କହନ୍ତେ - ଉଡନ୍ତା ଯାନରେ ଅଭିଜିତ ! ବାଃ ।

ଅଭିଜିତ ଦେଖିଲା - ବାପା ସାଇକେଲରେ ହାଟରୁ ମନ୍ଥର ବେଗରେ ଫେରୁଚନ୍ତି । ହାଣ୍ଡେଲରେ ୪/୫ ଟା ବ୍ୟାଗ । ମାଛ, ପନିପରିବା ଭର୍ତ୍ତି । ଷ୍ଟାଣ୍ଡକରି ବାପା ବ୍ୟାଗ ଗୁଡ଼ିକ କାଢ଼ିଲେ ।

ସନ୍ଧ୍ୟାରେ ତାୱାରେ ମାଆ ମାଛ ଭାଜୁଥିଲା ବେଳେ ଚୁଲି ମୁଣ୍ଡରେ ବସିଥାନ୍ତି ବାପା । କହିଲେ - ସତରେ କଲିକତା ଯିଏ ନଦେଖିଚି ସିଏ ମାଆ ପେଟରୁ ବାହାରି ନାହିଁ ବୋଲ । ସେଠି ତ ରାତି ନାହିଁ । ସବୁବେଳେ ଦିନ । ସୂର୍ଯ୍ୟ ସେଠି ଅସ୍ତମିତ ହୁଅନ୍ତି ନାହିଁ । ରାସ୍ତାରେ ଲକ୍ଷ ଲକ୍ଷ ଲୋକ । ହଳଦିଆ ଟ୍ୟାକ୍ସି, ଟ୍ରାମ, ଘୋଡାଗାଡି , କାର, ଦୁଇ ମହଲା ବିଶିଷ୍ଟ ବସ୍, ମେଟ୍ରୋ ଟ୍ରେନ ସବୁ କିଛି ଦୃଶ୍ୟମାନ । ଦ୍ୱିପ୍ରହର ବେଳେ ହୋଟେଲକୁ ଖାଇବାକୁ ଗଲି । ହଜାର ହଜାର ଲୋକ । ଯେମିତି ବାହାଘରିଆ ଭୋଜିଭାତ ଚାଲିଛି ।ଯିବା ଆସିବା ଲାଗିଚି । ଖାଇବା ପାଇଁ ବରାଦ କରିଥିଲି ଭାତ,ଡାଲି,ମାଛ ମୁଣ୍ଡ, ଖଟା । ମଣିଷ ମୁଣ୍ଡ ଆକାରର ମୁଣ୍ଡ । ଆତ୍ମା ତୃପ୍ତି ହୋଇଗଲା । ସନ୍ଧ୍ୟାବେଳେ ମଣ୍ଡା ପିଠା ସଦୃଶ ମିଠା, ସିଙ୍ଗଡ଼ା,ଆଲୁଚପ୍ । ଶୁନ୍ୟରେ ନିର୍ମିତ ହାୱଡାବ୍ରିଜ । ଇଞ୍ଜିନ୍ ଚାଳିତ ନୌକାଭ୍ରମଣ । ବେଶ୍ ଉପଭୋଗ୍ୟ !!! ପରଦିନ ସାଇକେଲ କିଣିବାକୁ ଯାଇ ଦୋକାନ ମାଲିକକୁ କହିଲି - ଦାଦା, ତମ ଦୋକନରେ ସର୍ବମୋଟ କେତୋଟି ସାଇକେଲ ଅଛି ।

: ହଁ, ଏମିତି ଲକ୍ଷେରୁ ଅଧିକ । କାହିଁକି କଣ ହେଲା କି ।

: ମୋର ଗୋଟେ ସାଇକେଲ ଦରକାର ଥିଲା । ଆଚ୍ଛା,ସବୁଠୁଁ ଭଲ ଏବଂ ଦାମିକା ସାଇକେଲ କୋଉଟା ।

: ନିଃସନ୍ଦେହରେ ହମ୍ବର୍ ସାଇକେଲ । ରୂପ ଯେମିତି, ଗୁଣ ସେମିତି । କାମ ଯେମିତି ଦାମ ସେମିତି ।

କିଛି ସମୟ ପରେ ଦାଦା ଗୋଟିଏ ହମ୍ବର୍ ସାଇକେଲ ଆଣି ମୋ ସାମ୍ନାରେ ଥୋଇଲେ । ଦାଦା ହସି ହସି କହିଲେ - ୟାକୁ ଟିକେ ସଜେଇବାକୁ ପଡ଼ିବ । ମୁଁ କହିଲି - ଯେମିତି ଖୁବ୍ ସୁନ୍ଦର ଦେଖା ଯିବ, ସେମିତି ସଜାଡ଼ ।

ସଜେଇ ସାରିବା ପରେ ସାଇକେଲ ଟି ଦେଖା ଯାଉଥିଲା ଗୋଟେ ନବବଧୂ ଭଳି । ପେଡାଲ, ସିଟ କଭର ସବୁଜ ରଙ୍ଗ । ଫୁଲ ସବୁ ନାଲି ରଙ୍ଗ । ପୁଣି ଅନ୍ଧାରରେ ଆଲୋକ ପାଇଁ ଡାୟନମା । ବାଃ ଚମତ୍କାର !!

ତାପରେ ସିଧା କଲିକତାରୁ ଘର । ଲାଗୁଥିଲା ଯେମିତି ବ୍ୟମଜାନରେ ଉଡ଼ି ଉଡ଼ି ଆସୁଚି ।

ମାଛଭଜା ସରିବା ପରେ ମା ' ଗୋଟିଏ କଂସା ବ୍ଲୋରେ ପଖାଳ ଆଉ କଂସା ଥାଳିରେ ମାଛଭଜା ପରସି ଦେଲା ।

ଖାଇସାରି ବାପା ମଝିବାହାର ବାରଣ୍ଡାରେ ଦଉଡ଼ିଆ ଖଟ ଉପରେ ବସିଲେ । ମାଆ ଖାଇ ସାରିବା ପରେ ବାପା ଉଭୟଙ୍କର ବିଛଣା ପାରିଦେଲେ । ମାଆର ବିଛଣା ପାରିବା ବାପାଙ୍କ ନିତି ଦିନିଆ କାମ । ଭାବନ୍ତି ,ବିଚାରି ଦିନସାରା ଘରକାମ କରୁଛି । କଷ୍ଟ ଲାଗୁଥିବ । ଟିକିଏ ସାହାଯ୍ୟ କରିଦେଲେ ତା ମନଟା ତ ଖୁସି ହେବ !!

ଅଭିଜିତ ବାପା ମା'ଙ୍କ ଝଗଡ଼ା କେବେହେଲେ ଦେଖି ନାହିଁ । କେବଳ ଅନୁଭବ କରିଛି ସେମାନଙ୍କ ଭିତରେ ଭଲ ପାଇବାର ଗଭୀରତା । ବାପା ଯେତେବେଳେ ହମ୍ବର୍ ସାଇକେଲ ବିଷୟରେ କହନ୍ତି ମାଆ ଧ୍ୟାନ ଦେଇ ଶୁଣେ । ବାପା ଉତଫୁଲ୍ଲିତ ହୁଅନ୍ତି । ବାପା ଯେବେ ମାକୁ ଗାଳି ଦିଅନ୍ତି ମା' ଚୁପ୍ ରହେ । କିଛି ସମୟ ପରେ ବାପା ଥଣ୍ଡା ହୋଇଗଲେ ମା' ରାଗେ,ଅଭିମାନ କରେ । ବାପା ହସନ୍ତି । ମା' କୁ ମନେଇବାକୁ ଉଦ୍ୟମ କରନ୍ତି । ମା ବି ମୁହୂର୍ତ୍ତକେ ବରଫ ଭଳି ତରଳି ଯାଏ ।



ବାପା ସବୁବେଳେ ବିଲ ବାଡି କାମରେ ବ୍ୟସ୍ତ ରହନ୍ତି । ତାଙ୍କ ଅନୁପସ୍ଥିତି ର ସୁଯୋଗ ନେଇ ଅଭିଜିତ ପ୍ରଥମେ ଗୋଡ଼ଗଳା , ତାପରେ ସିଟରେ ବସି ସାଇକେଲ ଚଲାଇବା ଶିଖିଗଲା । ବଡ଼ଭାଇ ସୁରଜିତ ଉଭୟ ସାଇକେଲ, ସ୍କୁଟର ଚଳାଇ ପାରନ୍ତି । ଅଭିଜିତ ଭାବୁଥିଲା ଏଥର ବଡ଼ଭାଇ ଆସିଲେ ସ୍କୁଟର ଚଳାଇବା ଶିଖିଯିବ ।

ଗ୍ରୀଷ୍ମ ଛୁଟିରେ ବଡ଼ ଭାଇ ସ୍କୁଟର ନେଇ ଘରକୁ ଆସିଲେ । ଗାଁ ରେ ସେତେବେଳେ କେବଳ ବୁଲୁ ଭାଇଙ୍କର ସ୍କୁଟର ଚଳାଇବାର ଅଭିଜ୍ଞତା ଥିଲା । ଅଭିଜିତର ଅନୁରୋଧ କ୍ରମେ ବୁଲୁଭାଇ ତାକୁ ସ୍କୁଟରଚଳା ଶିଖେଇବା ପାଇଁ ରାଜି ହେଲେ । ଅଭିଜିତ ଘରର ଦୁଇଟି ଘର ଛାଡ଼ି ବୁଲୁଭାଇଙ୍କ ଘର ।

ସେଦିନ ଗାଁରେ ଥିବା ମାମୁଁ ଘରକୁ ସୁରଜିତ ବୁଲିବାକୁ ଯାଇଥିଲା । ଏଇଟା ସୁବର୍ଣ୍ଣ ସୁଯୋଗ ଭାବି ଅଭିଜିତ ବୁଲୁଭାଇଙ୍କୁ ଡାକି ଆଣିଲା । ସ୍କୁଟର ଚଳେଇବା ପାଇଁ ଅଭିଜିତ ଫୁଲ୍ ପ୍ୟାଣ୍ଟ୍ ,ସାର୍ଟ ଇନ୍ କରି ପିନ୍ଧିଥିଲା । ବୁଲୁଭାଇ ପ୍ରଥମେ ସ୍କୁଟର ଷ୍ଟାର୍ଟ କରିବା ତଥା ଗିଅର୍ ଚେଞ୍ଜ ସମ୍ପର୍କରେ ଭଲ ଭାବେ ବୁଝେଇ ଦେଲେ । ତାପରେ ଅଭିଜିତ ସ୍କୁଟର ସିଟରେ ବସି ଷ୍ଟାର୍ଟ କଲା । ଗିଅର ଚେଞ୍ଜ କରି କ୍ଲଚ୍ ନଛାଡ଼ି ଏକ୍ସିଲେରେଟର ଜୋରରେ ମୋଡ଼ି ଦେବାରୁ ସ୍କୁଟରଟି ଭୟଙ୍କର ଗର୍ଜନ ଛାଡ଼ିଲା । ଠିକ୍ ସେହି ସମୟରେ କୁଆଡେ ଥିଲେ ଦୌଡ଼ି ଦୌଡ଼ି ଆସିଲା ବଡ଼ଭାଇ ସୁରଜିତ । ଅଭିଜିତର ତଣ୍ଟିକୁ ଧରି ରୁକ୍ଷ କଣ୍ଠରେ କହିଲା - ଶଳା ! ମୋ ସ୍କୁଟର ଛୁଇଁବାକୁ ତୋତେ କିଏ କହିଲା ବେ । ଭାଙ୍ଗିବା ମତଲବରେ ଅଛୁନା କଣ । ଭାଗ୍ ଶଳା । ଆଉ ଦିନେ ମୋ ସ୍କୁଟର ଛୁଇଁବୁନି । ନହେଲେ ହାଣି ପକାଇବି । କାନ୍ଦିକାନ୍ଦି ଅଭିଜିତ ସେହି ସମୟରେ ମନେମନେ ପ୍ରତିଜ୍ଞା କଲା - ନିଜେ ଦୁଇ ଚକିଆ ଗାଡ଼ି କିଣିଲା ପରେ ହିଁ ଡ୍ରାଇଭିଂ ଶିଖିବି । ଅନ୍ୟଥା ନୁହେଁ ।

କିଛିବର୍ଷ ପରେ ଏମ୍. ଏ. ପାସ୍ କରି ଅଭିଜିତ ସରକାରୀ ଚାକିରୀରେ ନିଯୁକ୍ତି ପାଇଲା । ସଞ୍ଚିତ ଅର୍ଥରେ ଗୋଟିଏ ମୋଟର ସାଇକେଲ କିଣି ଚଳାଇବା ମଧ୍ୟ ଶିଖିଗଲା । ତଥାପି ବାପାଙ୍କ ହମ୍ବର୍ ସାଇକେଲ ପ୍ରତି ତାର ଅହେତୁକ ଆକର୍ଷଣ ଥିଲା । କେବଳ ଦୂର ସ୍ଥାନକୁ ସେ ମୋଟର ସାଇକେଲରେ ଯାଉଥିଲା । ଅନ୍ୟ ସବୁଠିକୁ ସାଇକେଲରେ । ପ୍ରତି ରବିବାରରେ ସାଇକେଲ ସର୍ଫମିଶା ପାଣିରେ ଭଲଭାବେ ଧୋଇ,ଶୁଖିଲା ସଫା କନାରେ ପୋଛେ । ତାପରେ ନଡ଼ିଆ ତେଲ ମାରି ଘସିଲେ ଚକ୍ ଚକ୍ ଦେଖାଯାଏ । ଲାଗେ ଯେମିତି ନୂଆ ସାଇକେଲ । ବାପା ଖୁସି ହୁଅନ୍ତି । ବିଶ୍ୱକର୍ମା ପୂଜା ଦିନ ବାପା ମୋଟର ସାଇକେଲ ସହିତ ହାମ୍ବର ସାଇକେଲ ବି ପୂଜା କରନ୍ତି !!

ଦିନେ ଅଚାନକ ଘରେ ପହଞ୍ଚିଲା ସୁରଜିତ । ବାପାଙ୍କୁ କହିଲା - ବାପା, ଗଞ୍ଜାମ ବ୍ରହ୍ମପୁର ଠାରେ ମୋର ଟ୍ରେନିଂ ପଡ଼ିଛି । ଯିବାଆସିବା ପାଇଁ ଗୋଟେ ସାଇକେଲ ଦରକାର ।ମୁଁ ମୋ ସ୍କୁଟର ନେବାପାଇଁ ଭାବୁଥିଲି । ହେଲେ ଏତେ ଦୂର ବାଟ... ମୟୂରଭଞ୍ଜ ରୁ ବ୍ରହ୍ମପୁର ପ୍ରାୟ ୪୦୦ କିମି । ସ୍କୁଟର ରେ ଯିବାକୁ ସାହାସ ପାଉନାହିଁ ।ସାଇକେଲ ବସ୍ ଉପରେ ଲଦି ନେଇଯାଇ ପାରିବି । ଟ୍ରେନିଂ ସରିଲେ ପୁଣି ନେଇ ଆସିବି । ବାପା କହିଲେ - ହଁ ଯେ ,ଏଇଟା କଲିକତାର ହମ୍ବର ସାଇକେଲ । ମୋର ଅତି ପ୍ରିୟ... ପୁଅ ଭଳି । ସୁରଜିତ କହିଲା - ତୁମେ ବ୍ୟସ୍ତ ହୁଅନି ।ମୁଁ ଖୁବ୍ ଯତ୍ନ ସହକାରେ ରଖିବି । ସାଇକେଲ ଫେରାଇଲା ବେଳକୁ ଦେଖିବ କେମିତି ନୂଆ ସାଇକେଲ ଭଳି ଚକ୍ ଚକ୍ କରୁଥିବ । ବାପା ଜାଣନ୍ତି ସୁରଜିତ ବହୁତ ଲୋଭୀ , ଜିଦଖୋର୍ ଆଉ ସ୍ୱାର୍ଥପର । ନିଜ ସ୍ୱାର୍ଥ ପୁରଣ ପାଇଁ ସେ କିଛି ବି କରିପାରେ । ଯୋଉ ଜିନିଷ ପ୍ରତି ତାର ଲୋଭ ଉତ୍ପନ୍ନ ହୁଏ, ତାହା ଯେମିତି ହେଲେ ହାସଲ କରେ । ବାପା ବୁଝି ପାରିଲେ ସୁରଜିତର ପାପ ଦୃଷ୍ଟି ତାଙ୍କର ପ୍ରିୟ ହମ୍ବର୍ ସାଇକେଲ ଉପରେ ପଡ଼ି ସାରିଲାଣି । ଅତଏବ ନୀରବତାକୁ ହିଁ ସେ ଶ୍ରେୟ ମଣିଲେ ।

ଟ୍ରେନିଂ ପରେ ସୁରଜିତ ଘରକୁ ଆସି ବାପାଙ୍କୁ କହିଲା - ବାପା !! ବସରେ ସାଇକେଲ ଆଣୁଥିବା ସମୟରେ କୋଉଠି କେଜାଣି ଖସି ପଡ଼ିଲା । ବାପା ସୁରଜିତର ପ୍ରକୃତି ଭଲ ଭାବେ ଜାଣନ୍ତି । ସେ ବୁଝି ପାରିଲେ ସୁରଜିତ ସାଇକେଲଟିକୁ ବ୍ରହ୍ମପୁରରେ ବିକ୍ରିକରି ଏଠାରେ ହଜିବାର ବାହାନା କରୁଛି । ତେଣୁ ସେ କିଛି କହିଲେ ନାହିଁ । କେବଳ ତାଙ୍କ ଆଖିରୁ ଦୁଇଟୋପା ଲୁହ ଝରି ପଡ଼ିଲା !!!!

*ସନ୍ତୋଷ ମିଶ୍ର*
*ଉଦଳା, ମୟୂରଭଞ୍ଜ*
*ମୋ: ୭୦୦୮୨୩୭୬୫୦*

# ଚରିତ୍ରର ମାନଚିତ୍ର

ହେତୁ ପାଇଲା ଦିନୁ ଶେଷ ପର୍ଯ୍ୟନ୍ତ ବାପାଙ୍କୁ ଯେତିକି ଚିହ୍ନିଥିଲି ସେତିକି ଅଚିହ୍ନା ରହିଗଲେ ବୋଲି ମୁଁ କହିପାରେ ।

ମୋ 'ବାପା' ଡାକର ଜବାବରେ ବାପାଙ୍କ ପାଟିରୁ ଯେଉଁ ଶବ୍ଦଟିଏ ବାହାରୁଥିଲା ସେତିକିରେ ମୁଁ ଅନୁଭବ କରୁଥିଲି ଏକ ସ୍ୱସ୍ତି ଆଉ ସମ୍ଭାବନାମୟତାର ସ୍ୱର ? । ସବୁ ଚିନ୍ତା, ସବୁ ଯନ୍ତ୍ରଣା ଉପଶମର ଅବ୍ୟର୍ଥ ଔଷଧ । ସେ ଥିଲେ ଧୈର୍ଯ୍ୟ ଓ ସାହସର ଦୀପଦଣ୍ଡୀଟିଏ । ସେ ଥିଲେ ମୋ ଅବଚେତନ ମନର ସୂକ୍ଷ୍ମ ଚେତନାଟିଏ ଆଉ ଦୁଃଖଦ ମୁହୂର୍ତ୍ତର ମଧୁର ଭାବନାଟିଏ ।

ଶାସନ ଓ ସଂସ୍କାରର ଜୀବନ୍ତ ପ୍ରତିମୂର୍ତ୍ତି ଥିଲେ ବାପା ।ଘର ହେଉ ଅବା ବାହାର,ସମଦୃଷ୍ଟି ଓ ସମଭାବାପନ୍ନର ବିରଳ ଚରିତ୍ର ସେ । ଜଣେ ଆଦର୍ଶ ଶିକ୍ଷକ ଭାବେ ସେ ଥିଲେ ସୁପରିଚିତ । ତାଙ୍କର ପ୍ରଜ୍ଞାଦୀପ୍ତ ଚେହେରା, ପାଠପଢ଼ାର ଶୈଳୀ ହିଁ ତାଙ୍କୁ ଅନନ୍ୟ କରି ତୋଳିଥିଲା । ସମୟାନୁବର୍ତ୍ତିତା, ଅଧ୍ୟବସାୟ, ଚରିତ୍ର, ଶୃଙ୍ଖଳା ଆଦିକୁ ଖୁବ୍ ଗୁରୁତ୍ୱ ଦେଉଥିଲେ ସେ । କୌଣସି ପ୍ରକାରର ଅନିୟମିତତା, ଅନୈତିକ କାର୍ଯ୍ୟକଳାପକୁ ଆଦୌ ପସନ୍ଦ କରୁନଥିଲେ ସେ ।

କେବଳ ସ୍କୁଲରେ ପଢୁଥିବା ପିଲା ନୁହଁନ୍ତି, ଆଖପାଖ ଗାଁରେ ସମସ୍ତେ ତାଙ୍କୁ ଚିହ୍ନନ୍ତି 'ସା' ନାଁ ରେ । ସାର୍ କହିଲେ ଯେ କେହି ବୁଝି ଯାଉଥିଲେ ସଦାଶିବ ମିଶ୍ର ବୋଲି । ସାର୍ ଙ୍କ ଜମି କହିଲେ ଲୋକେ ଜାଣନ୍ତି କାହାର ସେଇଟା ବୋଲି । ତାଙ୍କର ପିନ୍ ପିନ୍ ସଫା ଧୋତି,ଧୋବ ଫରଫର ପଞ୍ଜାବୀ ଆଉ ପାଦରେ ହଳେ ଜୋତା ଦେଖିଲେ ଜଣାଯାଏ ତାଙ୍କର ଭିତରଟା ବି ଅବିକଳ ସଫାସୁତୁରା ।

ମୁହଁରେ ତାଙ୍କର ସବୁବେଳେ ଏକ ନିର୍ଭେଜାଲ ହସ ମାଖି ହୋଇ ରହିଥାଏ ।ଲୋକେ କହନ୍ତି ସାର୍ ଙ୍କ ହାତରେ କି କିମିଆ ଅଛି କେଜାଣି ସେ ଯେଉଁ ଚାରା ଟିଏ ମାଟିରେ ଛୁଆଁଇ ଦିଅନ୍ତି ସେ ମୁଣ୍ଡଟେକି ସବୁଜ ଛନଛନ ହୋଇ ଯାଇଛି । ସେ ଯେଉଁ ପିଲାର ମଥାରେ ହାତ ରଖି ଦିଅନ୍ତି, ତାକୁ ସରସ୍ୱତୀ ବରପୁତ୍ର କରି ନିଅନ୍ତି ।

ଏତେ ଭଲଗୁଣଧାରୀ ବ୍ୟକ୍ତିଙ୍କୁ ଅସମ୍ମାନ କରିବା ପାଇଁ ମଧ୍ୟ ତିଆରି ହୋଇଥିଲେ କିଛି ଲୋକ । ବାପା ତାଙ୍କ ଜୀବଦ୍ଦଶାରେ ଅନୀତି ସହିତ ସାଲିସ ନକରି ନିଜେ ତିଆରି କରିଥିଲେ କିଛି ବିରୋଧୀ ।ଥରେ ନୁହେଁ ବାରମ୍ବାର ବାପା ଙ୍କୁ ଶିକାର ହେବାକୁ ପଡ଼ିଥିଲା କୁତ୍ସାରଟନାର । ହେଲେ ସବୁ ରଟନା କୁ ପ୍ରତିହତ କରି ତାଙ୍କ ଚରିତ୍ର ହୋଇ ଚାଲିଥିଲା ତେଜୋଦୀପ୍ତ ।ସଚ୍ଚରିତ୍ର ର ପ୍ରମାଣପତ୍ର ବାପା ସାଉଁଟି ଚାଲିଥିଲେ ଥରକୁ ଥର । ବରଂ ଦିନକୁ ଦିନ ଝଲି ଉଠୁଥିଲେ ସୁନା ଭଳି ।

ମୋର ମନେ ଅଛି ପିଲାବେଳେ ମୋ ବ୍ୟାଗରୁ ଥରେ ବାହାରିଥିଲା ଦୁଇଟି ପେନ୍ । ଯାହା ତାଙ୍କ ଦୃଷ୍ଟିରେ ପଡ଼ିଥିଲା ।ଧପାସ କରି ମୋ କାନମୂଳେ ବସିଥିଲା ଗୋଟିଏ ସଶକ୍ତ ଚାପୁଡା ।

' କିଏ ଛାଡି ଦେଇ ଯାଇଥିଲା ତ ମୁଁ ପାଇ ନେଇ ଆସିଛି' ର କୈଫିୟତ ତାଙ୍କୁ ସନ୍ତୁଷ୍ଟ କରିପାରିନଥିଲା ।

ମୁଁ ଏବେ ମହାବିଦ୍ୟାଳୟର ଛାତ୍ର । ହେଲେ ଏପର୍ଯ୍ୟନ୍ତ ଭୁଲି ପାରିନାହିଁ ସେଦିନର କଥା ।ଏମିତିକା ଜଣେ ବ୍ୟକ୍ତିଙ୍କର ପୁଅ ହୋଇ ସଂସାରକୁ ଆସିବା ମୋର କେତେ ତପସ୍ୟାର ଫଳ ହୋଇଥିବ ନିଶ୍ଚୟ ।

ହେଲେ ମୁଁ ସଠିକ୍ ଚିହ୍ନି ପାରିଲିନି ତାଙ୍କୁ ଯେମିତି କୃଷ୍ଣସାର ମୃଗ ଅପରିଚିତ ଥାଏ ନିଜ ଭିତରୁ ଖେଳି ଯାଉଥିବା ସୁଗନ୍ଧକୁ ।

ଘଟଣାଟି ଥିଲା ଏମିତି... !

ସ୍କୁଲ ଭିତରେ ଗୋଟିଏ ଦଶମ ଶ୍ରେଣୀ ଛାତ୍ରୀ ସହିତ ଅନୈତିକ ସମ୍ପର୍କରେ ଲିପ୍ତ ଅଛନ୍ତି ବୋଲି ବାପାଙ୍କ ନାମରେ ହଠାତ୍ ଖେଳିଗଲା ଖବରଟିଏ । ସେ ପୁଣି ଅବସର ନେବାର ଅବ୍ୟବହିତ ପୂର୍ବରୁ ।

ପରଦିନ ସମ୍ବାଦପତ୍ର ମାନଙ୍କରେ ଶିରୋନାମା ହୋଇ ଝଟକୁଥିଲା ସେଇ ଘୃଣ୍ୟ ଘଟଣାଟି ।ଆମ ପରିବାରୁ ଉପରେ ଯେମିତି ଏକ ଝଡ଼ ବହି ଯାଇଥିଲା । ନିସ୍ତବ୍ଧତା ଖେଳୁଥିଲା... !

ଏ ବିଷୟରେ କେହି ବାପାଙ୍କୁ ପଚାରିବାକୁ ସାହସ କରି ପାରିନଥିଲୁ । ମୁଁ ଆଉ ସାନ ଭଉଣୀର କଥା ଛାଡ଼,ବୋଉ ବି ନୀରବି ଯାଇଥିଲା । ବାପା ବି ନିଜ ତରଫରୁ କୌଣସି କୈଫିୟତ ଦେଇ ନଥିଲେ । ଆଶ୍ଚର୍ଯ୍ୟଜନକ ଭାବରେ ସେ ଥିଲେ ନିର୍ବିକାର ।

ବୋଉ ବାପାଙ୍କ ସହିତ କଥା ହେବା ଦୂରରେ ଥାଉ , ସିଧା ଚାହୁଁନଥିଲା ବାପାଙ୍କ ମୁହଁକୁ ।ତା ମୁହଁରେ ଅନବରତ ଖେଳୁଥିଲା କଳାହାଣ୍ଡିଆ ମେଘଖଣ୍ଡ ମାନ । ଆଖି ଭିଜା ଭିଜା ।

ଝିଅଟିର ବାପା ମାଆ ଏବଂ ଜଣେ ସହକାରୀ ଶିକ୍ଷକଙ୍କ ସହାୟତାରେ ସ୍ଥାନୀୟ ସରପଞ୍ଚ ବାପାଙ୍କ ନାଁ ରେ ପୋଲିସ୍ ଷ୍ଟେସନରେ ଏଫ୍ ଆଇ ଆର୍ ଦେଇଥିଲେ ।ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା ।କେଶ ଟି ବିଚାରଧୀନ ରହିଲା କୋର୍ଟରେ ।

ହେଲେ ବାପା ସବୁଦିନ ପରି ଦିଶୁଥିଲେ ସ୍ଥିତପ୍ରଜ୍ଞ ଯାହା ଆମକୁ କରୁଥିଲା ବ୍ୟତିବ୍ୟସ୍ତ ।ଏ ବ୍ୟକ୍ତି କାହିଁକି ନିଜ ସପକ୍ଷରେ ପଦୁଟିଏ କରୁନାହାଁନ୍ତି ? କାହିଁକି ନିଜକୁ ନିର୍ଦ୍ଦୋଷ ବୋଲି ପ୍ରମାଣ କରୁନାହାନ୍ତି ?

ଆମେ କେହି ବୁଝି ପାରୁନଥିଲୁ ବାପାଙ୍କୁ ।

ଏ ଘଟଣାର ଦୁଇ ମାସ ପରର ଘଟଣା ।ମାମୁଙ୍କ ଝିଅର ବାହାଘର ଠିକ୍ ହେଲା । ବାହାଘରରେ ଯୋଗ ନଦେଲେ ଅଚଳ । ଏପଟେ ସମାଜ କୁ ଭୟ ।କାଳେ କେହି କିଛି କହିଦେବ !

ବାପା ନିଜ ଆଡ୍ରୁ ବୋଉକୁ କହିଲେ -' ତୁମେ ଦୀପୁ କୁ ନେଇ ବାହାଘରରେ ଯୋଗଦିଅ । ଝିଅ ଆଉ ମୁଁ ଏଇଠି ଥିବୁ ।'

ବାସ୍, ଯେମିତି ଖିଅ ଖୋଜୁଥିଲା ବୋଉ ।

-' ତୁମେ ତ ଘରେ ରହିବ ନା ! କେଉଁ ଭରସାରେ ଝିଅକୁ ଏଠି ଛାଡି ଯିବି ?'

ବୋଉ କଥା ଶୁଣି କିଛି ସମୟ ଚୁପ୍ ରହିଲେ ବାପା । କିଛି ସମୟ ଶୂନ୍ୟକୁ ଚାହିଁ ରହିଲେ । ଟିକିଏ ପରେ ଧୀର ସ୍ୱରରେ କହିଲେ -' ଯଦି ତୁମମାନଙ୍କୁ ଲାଗୁଛି ମୁଁ ଚରିତ୍ର ହୀନ,ଧିକ୍ ମୋ ଜୀବନ.. !'

ବାପାଙ୍କ ଆଖିରେ ପ୍ରଥମ ଥର ମୁଁ ଲୁହ ଦେଖିଲି । ମୋତେ ଡର ଲାଗୁଥିଲା ବାପାଙ୍କୁ କିଛି ଆଶ୍ୱାସନା ଦେବାକୁ ।ଆଉ କିଛି ନକହି ବାପା ଯାଇଁ ଶୋଇ ପଡିଲେ । ହେଲେ ବାପାଙ୍କର ସେ ନିଦ ଆଉ ଭାଙ୍ଗି ନଥିଲା ।

ବାପାଙ୍କ ଦ୍ୱାଦଶ କର୍ମ ସରିଯାଇଥିଲା । ସେଇଦିନ ହିଁ ତଦନ୍ତ ରିପୋର୍ଟ ସାର୍ବଜନୀନ ହେଲା । ନ୍ୟାୟାଳୟରେ ସେଇ ସହକାରୀ ଶିକ୍ଷକ, ସେଇ ଝିଅଟି ବାପାଙ୍କୁ ନିଜ ନିଜ ବୟାନରେ ଦୋଷମୁକ୍ତ କରିଦେଲେ ।

ବାପା ପ୍ରମାଣିତ ହେଲେ ନିର୍ଦ୍ଦୋଷ, ନିଷ୍କଳଙ୍କ ।

ଚରିତ୍ର ତ ଅୟୁତ ସାଧନାର ଅମୋଘ ଶକ୍ତି । ବ୍ୟକ୍ତିକୁ କରେ ଯଶୋଦେହେ ଆୟୁଷ୍ମାନ । ଚରିତ୍ର କୁ କିଣାବିକା କରି କ'ଣ କେହି କ'ଣ ହାତେଇ ପାରିଛି ସୋରଡାଏ ଶାନ୍ତି ?ଯେ ଏମିତି ଅପଚେଷ୍ଟା କରେ ସେ ତ ପରାଜିତ ଲୁଣ୍ଠିତ ଅଧିପତି । ନିଜକୁ ଗଳିତ ଶବଟିଏ ପରି ବଞ୍ଚେଇ ରଖିଥିବା ମୃତ ଆତ୍ମା ।ସତ୍ୟ ର ପରିପ୍ରକାଶ ବିଧି ନିର୍ଦ୍ଦେଶ ।

ଜଣାପଡ଼ିଲା ମଧ୍ୟ ସରପଞ୍ଚଙ୍କ ଉଦ୍ଦେଶ୍ୟ ପ୍ରଣୋଦିତ କୁତ୍ସାରଟନା ବିଷୟରେ ।ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଦେଇଥିବା ପୁଅ ପାଇଁ କୋଶ୍ଚିନ ଲିକ୍ କରିବାକୁ ବାପାଙ୍କୁ ବାଧ କରି ବିଫଳ ହୋଇ ଅସହିଷ୍ଣୁ ହୋଇ ପଡ଼ିଥିଲେ ସରପଞ୍ଚ ଏବଂ ପ୍ରତିଶୋଧ ନେବା ଉଦ୍ଦେଶ୍ୟରେ ଝିଅଟିର ବାପାକୁ ଆବାସ ଯୋଜନାରେ ଘର ଦେବେ ବୋଲି କହି ଏ ପ୍ରକାର ଚକ୍ରାନ୍ତ ରଚିଥିଲେ ।

ବାପାଙ୍କ ନିଷ୍କଳଙ୍କ ଚରିତ୍ରର ଜୟଗାନ କରିବାକୁ ସାରା ଗାଁ ଏକଜୁଟ ହୋଇଥିଲେ । ଶୋଭାଯାତ୍ରା କରି ଗାଁ ଲୋକେ ଉତ୍ସବ ମୁଖର ହୋଇଉଠିଥିବା ବେଳେ ସେହି ସମୟରେ ଆଉ ଗୋଟିଏ ଯାତ୍ରାରେ ସାମିଲ ହୋଇଥିଲା ହୃଦଘାତରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିବା ମୋ ବୋଉର ସ୍ପନ୍ଦନ ହୀନ ଦେହ... !

*କୁଞ୍ଜବିହାରୀ ଲେନ, କଟକ*

## ବର୍ଷା ବେଳେ ଲେଖା ବର୍ଷାର କବିତା

ବରଷାର ବେଳେ ଗୋଟେ ଛତା ତଳେ
ଚାଲୁଥିଲେ ଯେବେ ବାଟ
ହାଟରେ ବାଟରେ କଥା ପଡୁଥିଲା
ଲାଗୁଥିଲା କେତେ ନାଟ ।

ରାତିରେ ଟ୍ୟୁସନ ସାରି ଫେରୁଥିଲେ
ଝରୁଥିଲା ଯେବେ ବର୍ଷା
ଗୋଟେ ଛତା ତଳେ ଆମକୁ ଦେଖିକି
ସାଙ୍ଗ କରୁଥିଲେ ଇର୍ଷା
ପିଠିରେ ପାହାର ବାଜୁଥିଲା ଘରେ
ଭାଙ୍ଗୁଥିଲା କେତେ ଛାଟ ।

ସାଥି ହୋଇ ଯେବେ ଫେରୁଥିଲେ ଦୁହେଁ
କଲେଜରେ ପଢାସାରି
ନଦୀ ପାର ବେଳେ ବରଷାର କାଳେ
ଛତା ଥିଲା ଦରକାରୀ
ଗୋଟେ ଛତା ତଳେ ଡ଼ଙ୍ଗାରେ ବସିକି
ପାରି ହେଉଥିଲେ ଘାଟ ।

ଆଜି ବି ବରଷା ଆସୁଛି ଯାଉଛି
ତୁମର ତ ଦେଖା ନାହିଁ
ହାତେ ଛତା ଧରି ଏକା ମୁଁ ଚାଲୁଛି
ତୁମରି ବାଟକୁ ଚାହିଁ
ଫେରି ଆସନ୍ତା କି ସେଦିନ ସମୟ
ଆମେ ହୋଇଯାନ୍ତେ ଚାଟ ।

*ନିରଞ୍ଜନ ସାହୁ*
*ନିହଲ ପ୍ରସାଦ, ଗଁଡିଆ ପାଟଣା*
*ଢେଙ୍କାନାଳ-୭୫୯୦୧୬*
*ମୋ-୯୯୩୮୭୪୧୫୮୩*

## ହେ ଜଗଦୀଶ !

ଆଦ୍ୟାଶା ମହାପାତ୍ର

ତୁମେ ଅନାଦି,ଅନନ୍ତ
ତୁମେ ଅପରିସୀମ, ଅପରିମିତ
ତୁମେ ଆଦି ତୁମେ ଅନ୍ତ
ତୁମେ ମୁକ୍ତିନିର୍ବାଣର ମନ୍ତ୍ର
ତୁମେ ତୁମେମୟ ର ଚାରୁଚିତ୍ର
ହେ ଜଗନ୍ନାଥ.. !

ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ
ଭକ୍ତି ଓ ଭାବର ପ୍ରାବଲ୍ୟରେ
ନନ୍ଦିଘୋଷେ ଉଭା ବାମନ ସ୍ୱରୂପ
ଦର୍ଶନେ ବିମୋହିତ ଜଗତ

ହେ ଚକାଡୋଳା.. !
ଦେଖି ତୁମ ବର୍ତ୍ତୁଳ ଦୁଇ ଆଖି
ମେଣ୍ଟିଯାଏ ସାରା ଅବସୋସ
ହୃଦୟ ହୁଏ ସ୍ପନ୍ଦିତ
ହେ ନୀଳମାଧବ, ନୀଳ ତୃଷ୍ଣା
ତୁମେ ଅବ୍ୟକ୍ତ,ଅବିନଶ୍ୱର
ତୁମ ଦିବ୍ୟ ଦର୍ଶନାର୍ଥେ
ବଡ଼ଦାଣ୍ଡେ ଠୁଳ
ଗୋଟିଏ ସମର୍ପିତ ଆତ୍ମା
ଲୁହ ଓ କୋହରେ
ସର୍ବେ ଜରଜର
ତୁମେ ପରା ଅଗତିର ଗତି
ତୁମେ ସବୁରି ନିଃଶ୍ୱାସ ବିଶ୍ୱାସ
ଢାଳିଦିଅ ଆଶିଷର ବ୍ରହ୍ମରେଣୁ
ଚେତନାରେ ଫୁଟିଉଠୁ
ତୁମରି ଦିବ୍ୟ ପରଶ
ହେ ଜଗଦୀଶ... !!!

*ନୂଆପଡା, କଟକ*

## ମୁଠାଏ ପ୍ରତ୍ୟୟ

ମୁଁ ଇଚ୍ଛା କରିବି
ପାରିଲିନି ଛୁଇଁ
ତୁମ ସ୍ୱପ୍ନ ଘନୀଭୂତ ଆକାଶକୁ
ତୁମ ପୁରୁଷାକାରର ନିଃସ୍ୱାର୍ଥପରତାକୁ
ତୁମ ଘନ କୁହୁଡି ଆଚ୍ଛନ୍ନ ମନକୁ
ତୁମ ମୁକ୍ତିକାମୀ ଆତ୍ମାକୁ ।
ପ୍ରତିହତ କରି
ମୋ ବର୍ତ୍ତମାନର ସବୁ ମେଘକୁ
ସବୁଜିମାରେ ଭରି
ମୋ ଜୀବନ ଉଷର ପ୍ରାନ୍ତରକୁ
ମୋ ଲାଗି ପାନକରି
କଳଙ୍କର ସବୁ ହଳାହଳକୁ
ତୁମେ ଶୋଇଗଲ ନିଘୋଡ଼ ନିଦରେ ।
ମୁଠାଏ ପ୍ରତ୍ୟୟକୁ ଧରାଇ
ମୋ ହାତ ମୁଠାରେ
ସବୁ ରଙ୍ଗକୁ ନିରଙ୍ଗ କରି
ମୋତେ ବଞ୍ଚାଇଲ ଶବ ରୂପରେ ।
ନିଜର ପରମାୟୁକୁ ପରିଣତ କରି
ମୋ ଅନଭିଳଷିତ ଆୟୁଷରେ ।
ମା ମନ କୃତଜ୍ଞତାର
ଭୂମିଷ୍ଠ ପ୍ରଣାମ ବେଳେ
ତୁମେ ହଜିଗଲ ତୁମ ଇପ୍ସିତ
ନିଜ ନିସ୍ତବ୍ଧ ପୃଥିବୀରେ ।

*ସୁଧାକର ରାଉତ*
*ପ୍ରତାପ ନଗରୀ, କଟକ*
*ମୋ:୮୨୪୯୯୩୨୭୯୨*



## ସ୍ୱର୍ଗାରୋହଣ

ରାକେଶ ପଣ୍ଡା

କେତେ ପ୍ରଚେଷ୍ଟା, ଅଭ୍ୟାସ ବଳେ
ମୁଁ ନିଜକୁ କରିଛି ଖରାପ,
ବେରୋଜଗାରି, କୁସଙ୍ଗ, ନିଶା
ହୋଇଛନ୍ତି ମୋ ସଙ୍ଗାତ;
ପରିବାର ଦାୟିତ୍ୱ, ପ୍ରତିପୋଷଣ
ନଥାଏ ମୋର ଚିନ୍ତା,
ସାଙ୍ଗ ମେଳରେ, ଗାଁ ଛକରେ
ଥଟ୍ଟା, ତାମସାରେ ମୁଁ ଅଚିନ୍ତା ।
ବିଭା ହୋଇଛି କେବଳ
ଘରେ ଦି'ମୁଠା ଖାଇବାକୁ ଅରନ
ହେଲେ ଆଣି ଦିଏ ନାହିଁ
ପନି, ପରିବା, ରାସନ;
ପରବ, ପୁନେଇ, ସଂକ୍ରାନ୍ତି
ଭଲ ମନ୍ଦ କିଛି ନଥାଏ ମୋର,
ନଥାଏ ପାହାନ୍ତି, ସମୟ ଅସ୍ତ,
ବାସନ କଚାଡି ଜିନିଷ ଭାଙ୍ଗି
କରେ ମରଦ ପଣିଆ ସାବ୍ୟସ୍ତ ।
ନିଶାରେ ହେଇ ଟଳ ମଳ
ରାସ୍ତା ଘାଟେ ପଡ଼ିଥାଏ,
ରାଗେ ଯାଏ ଘରଣୀ ବାପଘର
ଅଧେ ଦିନ ଉପାସେ ଶୁଏ;
ମୁଁ ନିଶାକୁ ନୁହେଁ
ନିଶା କରଇ ମୋତେ ପାନ,
ଜୀବନେ କରିଛି ବଡ ଲକ୍ଷ୍ୟ
ସର୍ଭିଙ୍କୁ ବସେଇ ବଡ଼ ଦାଣ୍ଡେ
କରିବି ସ୍ୱର୍ଗାରୋହଣ ।

*ବନ୍ଧାଳୋ, ଟାଙ୍ଗୀ, କଟକ-୭୫୪୦୨୨*
*ମୋ: ୯୩୩୭୮୯୭୬୫୦*

## ଅଧରପଣା ନୀତି....



ବାହୁଡା ଯାତରେ ଜନମ ବେଦୀରୁ
ଫେରନ୍ତି ଜଗତନାଥ
ଏକାଦଶୀ ଦିନ ଦିବ୍ୟ ସୁନାବେଶ
ଶ୍ରଦ୍ଧାରେ ହୁଏ ପାଳିତ
ଦୁର୍ଲଭ ସେହି ଦର୍ଶନ
ବରଷକେ ହୁଏ ପାଂଚ ସୁନାବେଶ
ରଥ ସୁନାବେଶ ଭିନ୍ନ ।
ସୁନାବେଶ ପରେ ଦ୍ୱାଦଶୀରେ ହୁଏ
ଅଧରପଣାର ବିଧି
ଦିଅଁ ମାନଂକର ଶ୍ରୀଅଧର ଉଚ୍ଚ
ରଥେ ଶୋହେ ମାଟିହାଣ୍ଡି
ମଧ୍ୟାହ୍ନ ଧୂପର ଶେଷେ
ନୀତି ଅନୁଯାୟୀ ପଣାଲାଗି ହୁଏ
ବିଗ୍ରହ ମାନଂକ ପାଶେ ।
ପାର୍ଶ୍ୱ ଦେବାଦେବୀ ଚଣ୍ଡି ଓ ଚାମୁଣ୍ଡା
ଥାଆନ୍ତି ରଥ ପୃଷ୍ଠରେ
ଭୋଗ ଲାଗି ପରେ ମାଟି ପଣାହାଣ୍ଡି
ଭଂଗାଯାଏ ରଥ ପରେ
ଶାସ୍ତ୍ରରେ ଅଛି ବିଦିତ
ଅତୃପ୍ତ ଆତ୍ମାଂକୁ ଶାନ୍ତି ଦେବା ପାଇଁ
ଏ ବିଧି ହୁଏ ପାଳିତ ।
ଅଶରୀରୀଂକର ଆତ୍ମା ତୃପ୍ତି କରି
ଶ୍ରୀକ୍ଷେତ୍ର ମଉଡମଣି
ନୀଳାଦ୍ରିକୁ ବିଜେ କରନ୍ତି ସାଆନ୍ତ
ସାଥୀରେ ଭାଇ ଭଉଣୀ
ହସିଉଠେ ଶ୍ରୀମନ୍ଦିର
ଅବଢା ଅନ୍ନର ପୂଣ୍ୟ ପ୍ରାପ୍ତି ପାଇଁ
ଖୋଲେ ଆନନ୍ଦ ବଜାର ।

*ରାମଚନ୍ଦ୍ର ବେହେରା*
*ତେନ୍ତୁଳିପଦା,ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*

## ହଜିଲାଣି ଆଖିନିଦ

ତମେ ନାହସ୍ତିଲି ରାତି ଶୁଣାଉନି
ମେଘର ସଙ୍ଗୀତ ମତେ
ନିଛାଟିଆ ଏଇ ଅନ୍ଧାର ରାତିଟା
କୋହ ଲୁହ ଦିଏ କେତେ ।।
ସତେକି ପାଦର ପାଉଁଜି ତମର
ତୋଳେ ରୁଣୁଝୁଣୁ ସ୍ୱର
ଆକାଶ ଛାତିରୁ ବର୍ଷାଟୋପା ଖସି
ଚମକାଏ ପଲ୍ଲୀପୁର ।।
ଉଭେଇ ଯାଇଛି ଫୁଲଭରା ତୁମ
ସଜ୍ଜିତ ଚିକୁର ଗଭା
ତୁମେ ବହୁଦୂରେ ଦିଶୁନାହିଁ ଆଉ
ଲାସ୍ୟମୟ ମୁଖଶୋଭା ।।
ଆଖିଆଗରେ ମୋ କେତେ ଅପବାଦ
ନିନ୍ଦା ଅପନିନ୍ଦା ଖେଦ
ହଜିଗଲାଣି ମୋ ଆଖି ଦୁଇଟିରୁ
ସପନସାଉଣ୍ଟା ନିଦ ?।।
ସେ କଦମ୍ବନ ବଇଁଶୀର ସ୍ୱନ
ଆଖିରେ ଭରଇ ନିଶା
ତଥାପି ମରିନି ମରମତଳରୁ
ତୁମକୁ ଲଭିବା ଆଶା ।।
ଛାଇଟିଏ ପରି ଛବି ତୁମ ଦିଶେ
ମନ ଆଇନାରେ ମୋର
ଖୋଜୁଥିବି ସହି ବିଚ୍ଛେଦ ଯନ୍ତ୍ରଣା
ପୋଛି ଆଖି ଲୁହଧାର ।।
ରୂପସୀଗୋ ତୁମ ଭଲପାଇବାଠୁ
ମିଠା କିଛିନାହିଁ ଆଉ
ଭଲ ପାଇବାର ଜୀବନ ନାଟକ
ଅଭିନୟ ସରିଯାଉ ।।

*ପ୍ରଶାନ୍ତ କୁମାର ଦାଶ*
*କୁଞ୍ଜର -ସଙ୍ଗଳାଇ*
*ପିପିଲି -ପୁରୀ*
*ମୋବାଇଲ -୯୬୬୮୮୨୨୧୯୦*

## ବର୍ଷା ରାତିରେ

ରତ୍ନକାନ୍ତି ମିଶ୍ର

ବର୍ଷା ରାତିରେ
ବତୀଖୁଣ୍ଟ କୁ ଜଡେଇ
ବିଚ୍ଛୁରିତ ଆଲୁଅ ପିଇବାକୁ
ଉତ୍ତାଳିତ ହୁଅନ୍ତି ଝରିପୋକ
କଅଁଳ ଡେଣା ଦୁଇ
ସକ୍ଷମ ନୁହଁନ୍ତି ଜାଣି ମଧ
ସମ୍ଭାବ୍ୟକୁ ଅଣଦେଖା କରନ୍ତି
ହେଲେ ଝଡିପୋକଙ୍କ ପର ଝଡ଼ିବା
ଅବଧାରିତ...
ବର୍ଷା ରାତିରେ
ଜୋରରେ ପବନ ବହିଲେ
ଝୁମ୍ପୁଡି ଘରର କାନ୍ଥ ମାନେ
ବିକଳ ହୋଇ କାନ୍ଦିଲା ପରି ଶୁଭେ
ଦୁଃଖରେ ହେଉ ବା ଭୟରେ
ସେମାନଙ୍କ ସ୍ଥିତି ଟଳମଳ କରେ
କେହି ମୋହ ଉଜାଡେ
କେହି କାନ୍ଥକୁ ସହଯୋଗ କରେ
ତିଷ୍ଠି ରହିବା ପାଇଁ
ଜୀବନ ଯୁଦ୍ଧରେ...
ବର୍ଷା ରାତିରେ
କେଉଁ ତଳି ଅଞ୍ଚଳରୁ ଶୁଭେ
ହୋ ହାଲ୍ଲା, ଗୋଳମାଳ
ନେତି ବୁଢ଼ୀର ଚୁଲି ଅଜଳା ଥାଏ
ମାଧିଆ ଠଣା ଉଣ୍ଡାଳି ନିରାଶ ହୁଏ
ସାରିଆ ପେଟରେ ଭ୍ରୁଣ
ଭୋକରେ କଲବଲ ହେଉଥାଏ
ହେଲେ କାହାରି ସପ୍ନ ସରୁ ନଥାଏ
ବର୍ଷା ରାତିରେ
ଚାନ୍ଦିନୀ ରୂପ ସଜ୍ଜାଏ
ମୂଳଚାଲ ଆଦରେ
ଅଦଉତି ସହେ
ଭୋକିଲାଙ୍କ ଭୋକ ମେଣ୍ଟାଏ
ମଥାରେ କଳଙ୍କର ଟୀକା ଲଗାଏ
ତା' କୁନି କୁନି ପିଲାମାନଙ୍କୁ
ବୋଧକରି ଖୁଆଏ
ଦାମ୍ପତ୍ୟ ବି ସଜାଏ
ବର୍ଷା ରାତିରେ.... !!!

*ଆଳି, କେନ୍ଦ୍ରାପଡା*

## ମୁଁ ଏମିତି ଥାଏ ବିଭୋର

ଏବେ ବି ମୁଁ ଅବାରିତ ସ୍ନିଗ୍ଧ ଶିହରଣ
କେଉଁ କୁଞ୍ଜବନର କମ୍ର ନୟନ
ନୀଳ ଆକାଶର ନୀଳିମା
ନଈର ଉଚ୍ଛୁଳା ପଣ
ମୋ ଦେହେ କାହା ଗୋଲାପୀ ଓଠରୁ ଖାଲି
ଅନୁରାଗର ବର୍ଷା
ଅଛି ଫଗୁଣ, ଶ୍ରାବଣ, ବସନ୍ତ
ପ୍ରତୀକ୍ଷାରେ ମଧୁଝର
ଆତୁରତାରେ ଅତର
ବୟସ ସାଜିନି ବାଲିଘର
ବାଟସାରା ସଜେଇଛି ଫୁଲରେ,
ମୁଁ ମଦିରା ଭରା ପିଆଲା
ମୁଁ ମୋ ଭିତରେ ମଲାପରେ ବି ବାରମ୍ବାର,
ମୁଁ ସମର୍ଥ ସମର୍ଥ,,,ସମୟ ସହିତ
ଯେବେ ଯେବେ ସମୟ ବାମାବର୍ତ୍ତ,
ମୁଁ ଛଳଛଳ ଆଖିରେ ଭିଜା ଭିଜା ଉତ୍ତର,,,,,,,
ଆଉ କିଛି ଲୋଡ଼ା ନାହିଁ ଏ ଅନାମିକା ସହରେ,
ମୁଁ ଏମିତି ଥାଏ ବିଭୋର,
ଏମିତି ମୁକୁଳା ଘନକେଶ,
ଏମିତି ରତୁ ମୁଖର ।
ପ୍ରେମ ତ ବୟସର ଚିରସାଥୀ
ଅନୁଭବରେ ଅସରନ୍ତି ।

*ସୁଜିତ୍ କୁମାର ମିଶ୍ର*
*ଜନାର୍ଦ୍ଦନପୁର ଶାସନ*
*କେନ୍ଦୁଝର*
*୭୬୮୩୮୬୭୭୪୨*

# ରଓ୍ୱାଙ୍ଗଲା
## ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର

**ସିକ୍କିମ୍‌ର ନାମ୍‌ଚି ଜିଲ୍ଲା ଅନ୍ତର୍ଗତ ଏକ ଛୋଟ ପାର୍ବତୀୟ ପର୍ଯ୍ୟଟନସ୍ଥଳୀ ହେଉଛି ରଓ୍ୱାଙ୍ଗଲା; ଯେଉଁଠାରେ ଦେଖିବା ପାଇଁ ରହିଛି ଘାଟି, ଝରଣା, ପୁରୁଣା ମଠ, ଚା' ବଗିଚା ତଥା ବନ୍ୟପ୍ରାଣୀ ଅଭୟାରଣ୍ୟ...**

ରଓ୍ୱାଙ୍ଗଲା ହେଉଛି ଏକ ଛୋଟ ପର୍ଯ୍ୟଟନ ସହର; ଯାହାକି ସିକ୍କିମ୍‌ର ନାମ୍‌ଚି ଜିଲ୍ଲାରେ ଅବସ୍ଥିତ । ସମୁଦ୍ର ପତନରୁ ପ୍ରାୟ ୮୦୦୦ ଫୁଟ ଉଚ୍ଚତାରେ ଥିବା ଏହି ସ୍ଥାନର ପ୍ରାକୃତିକ ପରିବେଶ କାହାକୁ ବି ଆନମନା କରିପାରେ । ତା' ସହିତ ପର୍ଯ୍ୟଟକଙ୍କ ଦେଖିବା ପାଇଁ ବି ଏଠାରେ ରହିଛି ଅନେକ ଆଖି ଲାଗିଗଲା ଭଳି ପର୍ଯ୍ୟଟନ ସ୍ଥଳୀ । ଖାସ୍ ସେଥିପାଇଁ ତ ଏଠାରେ ପ୍ରାୟତଃ ପର୍ଯ୍ୟଟକଙ୍କର ଗହଳି ଦେଖିବାକୁ ମିଳେ ।

### କ'ଣ ଦେଖିବେ

**ରଲଙ୍ଗ ମଠ:** ରଓ୍ୱାଙ୍ଗଲାଠାରୁ ମାତ୍ର ୬ କି.ମି. ଦୂରରେ ରହିଛି ଏହି ବୌଦ୍ଧ ମଠଟି । ପ୍ରତିବର୍ଷ ଅଗଷ୍ଟରୁ ଡିସେମ୍ବର ଭିତରେ ଏହି ମଠର ବାର୍ଷିକ ଉତ୍ସବ ବେଶ୍ ଧୂମ୍‌ଧାମ୍‌ରେ ପାଳନ କରାଯାଇଥାଏ; ଯେଉଁଥିରେ ସାମିଲ ହେବାକୁ ବିଭିନ୍ନ ସ୍ଥାନରୁ ବହୁ ବୌଦ୍ଧ ସନ୍ନ୍ୟାସୀ ତଥା ପର୍ଯ୍ୟଟକମାନେ ଆସିଥାନ୍ତି ।

**ମରଇନାମ ବନ୍ୟପ୍ରାଣୀ ଅଭୟାରଣ୍ୟ:** ରଓ୍ୱାଙ୍ଗଲାର ଅନ୍ୟତମ ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳୀ ଭାବେ ଏହାର ରହିଛି ଅନେକ ଖ୍ୟାତି । ଏହି ଅଭୟାରଣ୍ୟରେ ବହୁ ବିରଳ ପ୍ରଜାତିର ପଶୁପକ୍ଷୀଙ୍କୁ ଦେଖିବାକୁ ମିଳେ । କେବଳ ଏହି ଅଭୟାରଣ୍ୟ କାହିଁକି ରଓ୍ୱାଙ୍ଗଲାର ଆଖପାଖ ଅଞ୍ଚଳରେ ଥିବା ଜଙ୍ଗଲିଆ ପରିବେଶରେ ବି ପର୍ଯ୍ୟଟକ ଅନେକ ପଶୁପକ୍ଷୀଙ୍କୁ ଦେଖିବାକୁ ପାଇପାରିବେ ।

ପ୍ରାକୃଥିକ ବନସ୍ପତି: ରଓ୍ୱାଙ୍ଗଲା ଯେ ହେତୁ ଏକ ପାର୍ବତ୍ୟାଞ୍ଚଳ, ତେଣୁ ଶୀତଦିନେ ଏଠାରେ ତୁଷାରପାତ ହେବାର ଲକ୍ଷ୍ୟ କରାଯାଇଥାଏ । ଆଉ ଠିକ୍ ଏପ୍ରିଲ୍, ମେ ମାସ ଆଡ଼କୁ ଏହି ସ୍ଥାନରେ ବିଭିନ୍ନ ପ୍ରକାରର ରଙ୍ଗିନ ଫୁଲ ଫୁଟିବା ଆରମ୍ଭ ହୋଇଯାଇଥାଏ; ଯାହାକି ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଆହୁରି ବଢ଼ାଇଦିଏ ।



**ବୁଦ୍ଧ ପାର୍କ:** ରଓ୍ୱାଙ୍ଗଲା ନିକଟରେ ଏକ ବଡ଼ ପାର୍କ ଥିବାର ଦେଖିବାକୁ ମିଳେ । ଆଉ ଏହି ପାର୍କ ମଧ୍ୟରେ ଏକ ବିରାଟ ବଡ଼ ବୁଦ୍ଧ ଦେବଙ୍କର ପ୍ରତିମାକୁ ସ୍ଥାପନା କରାଯାଇଥିବାରୁ ଏହା ବୁଦ୍ଧ ପାର୍କ ନାମରେ ବେଶ୍ ପରିଚିତି ହାସଲ କରିପାରିଛି । କେବଳ ଏତିକି ସ୍ଥାନ ନୁହେଁ, ରଓ୍ୱାଙ୍ଗଲା ଓ ଏହାର ଆଖପାଖ ଅଞ୍ଚଳରେ ଦେଖିବା ପାଇଁ ଆହୁରି ଅନେକ କିଛି ଦର୍ଶନୀୟ ସ୍ଥାନ ରହିଛି । ଯେମିତିକି ବୋନ ମଠ, ଡୋଲିଙ୍ଗ ଗୋମ୍ପା, ସନ୍‌ରାଇଜ୍ ପଏଣ୍ଟ, ଟେମି ଟି ଗାର୍ଡେନ ଇତ୍ୟାଦି ଅନ୍ୟତମ ।

### ଟ୍ରେକିଂର ମଜା ନିଆରା

ଯେହେତୁ ଏହା ଏକ ପାର୍ବତୀୟ ପର୍ଯ୍ୟଟନସ୍ଥଳୀ, ତେଣୁ ଏଠାରେ ଟ୍ରେକିଂ କରି ଆଖପାଖର ସୌନ୍ଦର୍ଯ୍ୟକୁ ମନଭରି ଉପଭୋଗ କରିବା ବେଶ୍ ଆରାମଦାୟକ ହୋଇଥାଏ ।

### କ'ଣ କିଣିବେ

ସ୍ଥାନୀୟ ହସ୍ତଶିଳ୍ପୀ ତଥା ଉଲ୍ ବୁଣା ସାମଗ୍ରୀ ଏଠାରେ ବେଶ୍ ସୁଲଭ ମୂଲ୍ୟରେ ମିଳିଥାଏ । ତା'ଛଡ଼ା ଯେହେତୁ ଏଠାରେ ଚା' ବଗିଚା ରହିଛି; ତେଣୁ ପର୍ଯ୍ୟଟକ ଚାହିଁଲେ ଏଠାରୁ ଭଲ ଦାମ୍‌ରେ ଭଲ କ୍ୱାଲିଟିର ଚା' ମଧ କିଣି ଆଣିପାରିବେ ।

### କେବେ ଓ କେମିତି ଯିବେ

ବର୍ଷର ସବୁ ସମୟରେ ଏଠାକୁ ବୁଲିଯିବାର ସୁବିଧା ଥିଲେ ହେଁ ଶୀତଦିନେ ଯେହେତୁ ଏଠାରେ ଟିକେ ଅଧିକ ଥଣ୍ଡା ହୁଏ, ତେଣୁ ସେ ସମୟରେ ଟିକେ କମ୍ ସଂଖ୍ୟାର ପର୍ଯ୍ୟଟକ ଏଠାକୁ ବୁଲି ଆସିଥାନ୍ତି । ତେବେ ଅଗଷ୍ଟରୁ ଡିସେମ୍ବର ଭିତରେ ଯେହେତୁ ଅନେକ ଆଧ୍ୟାତ୍ମିକ ଉତ୍ସବ ଏଠାରେ ପାଳନ କରାଯାଇଥାଏ; ସେତେବେଳେ ପର୍ଯ୍ୟଟକଙ୍କର ବେଶ୍ ଗହଳି ଏଠାରେ ପରିଲକ୍ଷିତ ହୁଏ । ଅନ୍ୟପକ୍ଷେ ଏଠାକୁ ଯିବା ପାଇଁ ଗମନାଗମନର ମଧ ଭଲ ବ୍ୟବସ୍ଥା ରହିଛି । ଗ୍ୟାଙ୍ଗଟକ୍‌ଠାରୁ ପ୍ରାୟ ୬୫ କି.ମି. ଏବଂ ପଶ୍ଚିମବଙ୍ଗର ସିଲିଗୁଡ଼ିଠାରୁ ପ୍ରାୟ ୧୨୦ କି.ମି. ଦୂରରେ ଥିବା ରଓ୍ୱାଙ୍ଗଲାର ନିକଟତମ ମୁଖ୍ୟ ରେଳଷ୍ଟେସନ ହେଉଛି ନ୍ୟୁ ଜଲପାଇଗୁଡ଼ି ଜଙ୍କସନ୍ ରେଲୱେ ଷ୍ଟେସନ । ସେହିପରି ଏଠାକୁ ଯିବାପାଇଁ ସିଧାସଳଖ ବିମାନର ବ୍ୟବସ୍ଥା ନାହିଁ; ପଶ୍ଚିମବଙ୍ଗର ବାଗ୍‌ଡୋଗ୍ରା ଏୟାରପୋର୍ଟ ହେଉଛି ଏହାର ନିକଟତମ ମୁଖ୍ୟ ବିମାନବନ୍ଦର । ତା'ଛଡ଼ା ଦେଶର ବିଭିନ୍ନ ସ୍ଥାନରୁ ଟୁରିଷ୍ଟ ବସ୍ ହେଉ ଅଥବା ନିଜସ୍ୱ ଗାଡ଼ିମୋଟରରେ ମଧ ପର୍ଯ୍ୟଟକ ଚାହିଁଲେ ଏଠାକୁ ଯାଇପାରିବେ ।

**ରଓ୍ୱାଙ୍ଗଲାର ଅନ୍ୟତମ ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳୀ ଭାବେ ଏହାର ରହିଛି ଅନେକ ଖ୍ୟାତି । ଏହି ଅଭୟାରଣ୍ୟରେ ବହୁ ବିରଳ ପ୍ରଜାତିର ପଶୁପକ୍ଷୀଙ୍କୁ ଦେଖିବାକୁ ମିଳେ । କେବଳ ଏହି ଅଭୟାରଣ୍ୟ କାହିଁକି ରଓ୍ୱାଙ୍ଗଲାର ଆଖପାଖ ଅଞ୍ଚଳରେ ଥିବା ଜଙ୍ଗଲିଆ ପରିବେଶରେ ବି ପର୍ଯ୍ୟଟକ ଅନେକ ପଶୁପକ୍ଷୀଙ୍କୁ ଦେଖିବାକୁ ପାଇପାରିବେ । ପ୍ରାକୃଥିକ ବନସ୍ପତି : ରଓ୍ୱାଙ୍ଗଲା ଯେ ହେତୁ ଏକ ପାର୍ବତ୍ୟାଞ୍ଚଳ, ତେଣୁ ଶୀତଦିନେ ଏଠାରେ ତୁଷାରପାତ ହେବାର ଲକ୍ଷ୍ୟ କରାଯାଇଥାଏ ।**





# କନଓ୍ୱାର ହ୍ରଦ
## ପକ୍ଷୀ ଅଭୟାରଣ୍ୟ





**ବିହାରର ବେଗୁସରାଇ ଜିଲ୍ଲାରେ ଏହି କନଓ୍ୱାର ହ୍ରଦ ପକ୍ଷୀ ଅଭୟାରଣ୍ୟ ଅବସ୍ଥିତ । ଏହା ସ୍ଥାନୀୟ ଅଞ୍ଚଳର ଏକ ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳୀ । ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଏହି ଅଭୟାରଣ୍ୟଟିର ଶାନ୍ତ ପରିବେଶ ପ୍ରକୃତିପ୍ରେମୀଙ୍କ ପାଇଁ ଏକ ଉପଯୁକ୍ତ ସ୍ଥାନ । ତା'ଛଡ଼ା ଏଠାରେ ଜାତିଜାତିକା ପକ୍ଷୀ ଦେଖିବାକୁ ମିଳୁଥିବାରୁ ପକ୍ଷୀପ୍ରେମୀଙ୍କର ବି ଏଠି ବେଶ୍ ଭିଡ଼ ଜମେ...**



**ତଥ୍ୟ ଅନୁଯାୟୀ, ଏଠାରେ କୁଆଡ଼େ ୨୦୦ରୁ ଉର୍ଦ୍ଧ୍ୱ ପ୍ରଜାତିର ପକ୍ଷୀ ଦେଖିବାକୁ ମିଳିଥାନ୍ତି । ଆଉ ଶୀତଦିନେ ୫୦ରୁ ଉର୍ଦ୍ଧ୍ୱ ବିଦେଶୀ ପକ୍ଷୀଙ୍କୁ ଏଠାରେ ଦେଖିବାକୁ ମିଳେ । କେବଳ ପକ୍ଷୀ କାହିଁକି, ଏଠାରେ ପ୍ରାୟ ୧୬୫ କିସମର ବୃକ୍ଷଲତା ତଥା ଅନ୍ୟାନ୍ୟ କେତେକ ବିରଳ ପଶୁଙ୍କୁ ବି ଦେଖିହୁଏ । ଏଠାରେ ଦେଖିବାକୁ ମିଳୁଥିବା କେତୋଟି ପ୍ରମୁଖ ପକ୍ଷୀ ହେଲେ ରେଡ୍ ହେଡେଡ୍ ଭଲଟର୍, ହ୍ୱାଇଟ୍ ରମ୍ପଡ୍ ଭଲଚର୍, ଇଣ୍ଡିଆନ ଭଲଚର୍, କେତେକ ୱାଟର୍ ବାର୍ଡ ଇତ୍ୟାଦି । ତା' ଛଡ଼ା ଉକ୍ତ ଅଭୟାରଣ୍ୟଠାରୁ କିଛି ଦୂରରେ ରହିଛି ଶସ୍ୟକ୍ଷେତ; ଯେଉଁଠାରୁ ଏଠାକାର ପକ୍ଷୀମାନଙ୍କୁ ଖାଦ୍ୟ ଆରାମରେ ମିଳିଯାଇଥାଏ ।**

### କ'ଣ ଦେଖିବେ

ବିହାରର ବେଗୁସରାଇ ଜିଲ୍ଲାରେ ଥିବା ଏହି ପକ୍ଷୀ ଅଭୟାରଣ୍ୟଟି ସ୍ଥାନୀୟ ଅଞ୍ଚଳର ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ; ଯାହାକି କନଓ୍ୱାର ନାମକ ଏକ ହ୍ରଦ ନିକଟରେ ଗଢ଼ି ଉଠିଛି । ସେଥିପାଇଁ ଏହାର ଏପରି ନାମକରଣ ହୋଇଥିବା ବିଶ୍ୱାସ କରାଯାଏ । ପ୍ରାୟ ୬୭.୫ ବର୍ଗ କି.ମି. ପରିସୀମାବ୍ୟାପ୍ତ ଅଞ୍ଚଳରେ ଗଢ଼ିଉଠିଥିବା ଏହି ଅଭୟାରଣ୍ୟଟିରେ ପର୍ଯ୍ୟଟକ ନାନା ପ୍ରଜାତିର ପକ୍ଷୀଙ୍କୁ ଦେଖିବାର ସୁଯୋଗ ପାଇଥାନ୍ତି । ଖାସ୍ ଏହି ହ୍ରଦର ଜଳ ପକ୍ଷୀମାନଙ୍କୁ ବିଶେଷ ଆକୃଷ୍ଟ କରିଥାଏ । ସେଥିପାଇଁ ଶୀତଦିନେ ଦୂର ଦୂରରୁ ବହୁ ସଂଖ୍ୟାରେ ବିଦେଶୀ ପକ୍ଷୀ ଏଠାକୁ ଉଡ଼ି ଆସିଥାନ୍ତି । ତଥ୍ୟ ଅନୁଯାୟୀ, ଏଠାରେ କୁଆଡ଼େ ୨୦୦ରୁ ଉର୍ଦ୍ଧ୍ୱ ପ୍ରଜାତିର ପକ୍ଷୀ ଦେଖିବାକୁ ମିଳିଥାନ୍ତି । ଆଉ ଶୀତଦିନେ ୫୦ରୁ ଉର୍ଦ୍ଧ୍ୱ ବିଦେଶୀ ପକ୍ଷୀଙ୍କୁ ଏଠାରେ ଦେଖିବାକୁ ମିଳେ । କେବଳ ପକ୍ଷୀ କାହିଁକି, ଏଠାରେ ପ୍ରାୟ ୧୬୫ କିସମର ବୃକ୍ଷଲତା ତଥା ଅନ୍ୟାନ୍ୟ କେତେକ ବିରଳ ପଶୁଙ୍କୁ ବି ଦେଖିହୁଏ । ଏଠାରେ ଦେଖିବାକୁ ମିଳୁଥିବା କେତୋଟି ପ୍ରମୁଖ ପକ୍ଷୀ ହେଲେ ରେଡ୍ ହେଡେଡ୍ ଭଲଟର୍, ହ୍ୱାଇଟ୍ ରମ୍ପଡ୍ ଭଲଚର୍, ଇଣ୍ଡିଆନ ଭଲଚର୍, କେତେକ ୱାଟର୍ ବାର୍ଡ ଇତ୍ୟାଦି । ତା' ଛଡ଼ା ଉକ୍ତ ଅଭୟାରଣ୍ୟଠାରୁ କିଛି ଦୂରରେ ରହିଛି ଶସ୍ୟକ୍ଷେତ; ଯେଉଁଠାରୁ ଏଠାକାର ପକ୍ଷୀମାନଙ୍କୁ ଖାଦ୍ୟ ଆରାମରେ ମିଳିଯାଇଥାଏ । ସେଥିପାଇଁ ଏତେ ସଂଖ୍ୟାରେ ପକ୍ଷୀ ଏଠାକୁ ଆସୁଥିବାର ଏହା ଏକ ପ୍ରମୁଖ କାରଣ ବୋଲି କୁହାଯାଏ । ତେଣୁ କେବଳ ପ୍ରକୃତିପ୍ରେମୀ ନୁହନ୍ତି, ପକ୍ଷୀପ୍ରେମୀଙ୍କ ପାଇଁ ମଧ ଏକ ସ୍ୱର୍ଗୀୟ ସ୍ଥାନ ।

### କେବେ ଯିବେ

ଏହି ଅଭୟାରଣ୍ୟକୁ ଯିବା ପାଇଁ ନଭେମ୍ବରରୁ ମାର୍ଚ୍ଚ ହେଉଛି ଉପଯୁକ୍ତ ସମୟ । କାରଣ ଏହି ସମୟରେ ବହୁ ସଂଖ୍ୟାରେ ପୀଙ୍କୁ ଏକତ୍ର ଦେଖିବାକୁ ସୁବିଧା ହୋଇଥାଏ । ସେହିପରି ଏଠାକୁ ଯିବା ପାଇଁ ଗମନାଗମନର ବି ବେଶ୍ ସୁବିଧା ରହିଛି । ପର୍ଯ୍ୟଟକ ଏଠାକୁ ବସ୍, ଟ୍ରେନ୍ ହେଉ ଅଥବା ବିମାନ ଯୋଗେ ବି ଆରାମରେ ଯାଇପାରିବେ ।

### ଜାଣିବା କଥା

ଏହି ଅଭୟାରଣ୍ୟ ମଧ୍ୟକୁ ପ୍ରବେଶ କରିବା ପୂର୍ବରୁ ପର୍ଯ୍ୟଟକଙ୍କୁ ଅନୁମତି ନେଇ ଯିବା ଆବଶ୍ୟକ । ଏଠାରେ ପର୍ଯ୍ୟଟକ ବୁଲି ଦେଖିବା ପାଇଁ ସ୍ୱତନ୍ତ୍ର ଡଙ୍ଗାର ମଧ ସୁବିଧା ରହିଛି । ଫଟୋଗ୍ରାଫି ପାଇଁ ବି ଏଠାରେ ଅନେକ ବ୍ୟବସ୍ଥା ଅଛି । ମାଛ ଧରିବା ପାଇଁ ପସନ୍ଦ କରୁଥିବା ବ୍ୟକ୍ତିଙ୍କୁ ବି ଏଠାରେ ମାଛ ଧରିବା ପାଇଁ ସ୍ୱତନ୍ତ୍ର ଅନୁମତି ଦିଆଯାଇଥାଏ । ସବୁଠୁ ବଡ଼ କଥା ହେଉଛି ଏଠାରେ ଥିବା ପଶୁପକ୍ଷୀ ତଥା ବୃକ୍ଷଲତାର ଯେମିତି କେହି କିଛି କ୍ଷତି ନ କରିପାରନ୍ତି ସେଥିପାଇଁ ଏଠାରେ କଡ଼ା ବ୍ୟବସ୍ଥା କରାଯାଇଥାଏ । ତେଣୁ ପର୍ଯ୍ୟଟକଙ୍କୁ ଏଥିପ୍ରତି ସତର୍କ ରହିବା ନିହାତି ଆବଶ୍ୟକ ।







# ସାମ୍ନାକୁ ଆସିଲା 'ଗଲୱାନ'ରେ ସଲମାନଙ୍କ ଭୟଙ୍କର ଚେହେରା

ବଲିଉଡ୍ ଅଭିନେତା ସଲମାନ ଖାନ ଏହି ସମୟରେ ନିଜର ଫିଲ୍ମ 'ଗଲୱାନ'କୁ ନେଇ ଚର୍ଚ୍ଚାରେ ରହିଛନ୍ତି । ଲଗାତାର 'ଗଲୱାନ'କୁ ନେଇ ନୂଆ ଅପଡେଟ୍ ସାମ୍ନାକୁ ଆସୁଛି । ପ୍ରଶଂସକ ମଧ ସଲମାନଙ୍କର ଏହି ଫିଲ୍ମକୁ ନେଇ ଖୁବ୍ ଏକ୍ସାଇଟେଡ୍ ଅଛନ୍ତି । ଏହି ମଧ୍ୟରେ ଏବେ ଦବଙ୍ଗ ଖାନ ନିଜର ଆଗାମୀ ଫିଲ୍ମ 'ଗଲୱାନ'ରେ ନିଜର ପ୍ରଥମ ଝଲକ ଦେଖାଇଛନ୍ତି । ସଲମାନ ଖାନ ଶୁକ୍ରବାର ଅର୍ଥାତ୍ ୦୪ଜୁଲାଇରେ ନିଜର ଇନଷ୍ଟାଗ୍ରାମ୍ ଆକାଉଣ୍ଟରେ 'ଗଲୱାନ' ଫିଲ୍ମର ଏକ ମୋଶନ ପୋଷ୍ଟର ଜାରି କରିଛନ୍ତି । ଏହି ପୋଷ୍ଟରେ ସଲମାନ ଦମଦାର ଲୁକ୍‌ରେ ନଜର ଆସୁଛନ୍ତି । ପୋଷ୍ଟରେ ସଲମାନ ଖୁବ୍ ଗୁରୁତର ଥିବା ଦେଖା ଯାଉଛନ୍ତି । ତାଙ୍କର ମୁହଁ ରକ୍ତରେ ଜୁଡୁବୁଡୁ । ଖାଲି ଏତିକି ନୁହେଁ, ସେ କଣ୍ଟା ତାରରେ ବନ୍ଧା ହୋଇଥିବା ନଜର ଆସୁଛି । ତାଙ୍କର ଆଖିରେ ଏକ ଭିନ୍ନ ପ୍ରକାରର ବିରକ୍ତି ଭାବ ଦେଖା ଯାଉଛି । ଫିଲ୍ମର ମୋଶନ ପୋଷ୍ଟର ଜାରି କରିବା ସହ ହିଁ ସଲମାନ କ୍ୟାପସନରେ ଲେଖିଛନ୍ତି, 'ଗଲୱାନ ଭ୍ୟାଲି' । ସଲମାନ ଖାନଙ୍କ ଫିଲ୍ମ 'ଗଲୱାନ'ର ମୋଶନ ପୋଷ୍ଟରରେ ତାଙ୍କର ଲୁକ୍‌କୁ ପ୍ରଶଂସକ ଖୁବ୍ ପସନ୍ଦ କରୁଛନ୍ତି, ଏହା ଉପରେ କମେଣ୍ଟ କରି ୟୁଜର୍ସ ଦବଙ୍ଗ ଖାନଙ୍କର ଖୁବ୍ ପ୍ରଶଂସା କରୁଛନ୍ତି । ଜଣେ ୟୁଜର ଏହା ଉପରେ କମେଣ୍ଟ କରି ଲେଖିଛନ୍ତି, ଭାଇ ବକ୍ସ ଅଫିସ ଭାଙ୍ଗି ଦେବେ, ଅନ୍ୟ ଜଣେ ଲେଖିଛନ୍ତି, ଭାଇଙ୍କର ଜବାବ ନାହିଁ । ଆଉ ଜଣେ ଲେଖିଛନ୍ତି, ଏହି ଥର ବକ୍ସ ଅଫିସରରେ ଧମାକା ହେବ । କହି ରଖୁଛୁ କି , ସଲମାନ ଖାନଙ୍କ ଏହି ଫିଲ୍ମ 'ଗଲୱାନ' ସତ କାହାଣୀ ଉପରେ ଆଧାରିତ ।



# 'ଆଖୋଁ କି ଗୁସ୍‌ତାଖିୟାଁ' ଜରିଆରେ ଡେବ୍ୟୁ କରିବେ ଶନାୟା



'ଆଖୋଁ କି ଗୁସ୍‌ତାଖିୟାଁ' ଜରିଆରେ ବଲିଉଡ୍‌ରେ ଡେବ୍ୟୁ କରିବାକୁ ଯାଉଛନ୍ତି ସଞ୍ଜୟ କପୁରଙ୍କ ଝିଅ ଶନାୟା କପୁର । ଏଥିରେ ସେ ବିକ୍ରାନ୍ତ ମେସିଙ୍କ ଅପୋଜିଟ୍‌ରେ ସ୍କ୍ରିନ୍ ଶେୟାର କରିଛନ୍ତି । ଫିଲ୍ମରେ ସେ ରୋଲ୍ କେମିତି ପାଇଲେ, ସେ ବିଷୟରେ ଆଲୋଚନା କରିଛନ୍ତି । ସାଧାରଣ ଅଡିସନ୍ ପ୍ରକ୍ରିୟା ମାଧ୍ୟମରେ ତାଙ୍କୁ ଏହି ଫିଲ୍ମରେ ସୁଯୋଗ ମିଳିନାହିଁ, ବରଂ ଭାଗ୍ୟ ତାଙ୍କୁ ଏଠାରେ ପହଞ୍ଚାଇଛି । ଶନାୟା ଫିଲ୍ମରେ ଅଭିନେତ୍ରୀ ହେବାକୁ ଚାହୁଁଥିବା ଜଣେ ଯୁବତୀ (ସବା ଶେରଗିଲ) ଭୂମିକା ନିର୍ବାହ କରିଛନ୍ତି, ଯିଏକି ବିକ୍ରାନ୍ତ ମେସି ନିର୍ବାହ କରିଥିବା ଜାହାନ୍ ବକ୍ସୀ ନାମକ ଜଣେ ମ୍ୟୁଜିସିଆନ୍ ଚରିତ୍ରର ଅପୋଜିଟ୍‌ରେ ଅଭିନୟ କରିଛନ୍ତି । ଫିଲ୍ମରେ ଉଭୟଙ୍କ ସୃଜନାତ୍ମକ ଯାତ୍ରା ପ୍ରଦର୍ଶିତ ହୋଇଛି । ନିଜ ନିଜ ପାସନ୍‌କୁ ସେମାନେ ଆବିଷ୍କାର କରିଛନ୍ତି । ଶନାୟା କହିଛନ୍ତି, ଅନ୍ୟ ଏକ ପ୍ରୋଜେକ୍ଟ ପାଇଁ ସେ ଅଡିସନ୍ ଦେଇଥିଲେ । କିନ୍ତୁ ସେଥିରେ ସେ ଫେଲ୍ ହୋଇଥିଲେ । ହେଲେ ସେହି ଅଡିସନ୍‌କୁ 'ଆଖୋଁ କି ଗୁସ୍‌ତାଖିୟାଁ'ର କାଷ୍ଟିଂ ଡାଇରେକ୍ଟର ପସନ୍ଦ କରି ଫିଲ୍ମର ନିର୍ଦ୍ଦେଶକ ସନ୍ତୋଷ ସିଂହଙ୍କୁ ତାହା ଦେଖାଇଲେ । ସନ୍ତୋଷ ବି ତାଙ୍କୁ ପସନ୍ଦ କଲେ । ଶେଷରେ ଫିଲ୍ମରେ ତାଙ୍କୁ କାଷ୍ଟ୍ କରାଗଲା । କିନ୍ତୁ ଏହା ତାଙ୍କ ପାଇଁ ଭଲ ଅନୁଭବ ନ ଥିଲା ।

# ଅଗଷ୍ଟରେ ଫ୍ଲୋର୍‌କୁ ଆସିବ 'କକ୍‌ଟେଲ-୨'

ନିକଟରେ ମ୍ୟାଡ୍‌ଡକ ଫିଲ୍ମସ କାର୍ଯ୍ୟାଳୟରେ ନଜର ଆସିଥିଲେ କ୍ରିତି ସାନନ । ଏହା ପରଠୁ ତାଙ୍କର ଅପ୍‌କମିଙ୍ଗ ପ୍ରୋଜେକ୍ଟକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ନିକଟରେ ସେ 'ତେରେ ଇଶ୍କ ମେଁ'ର ସୁଟିଂ ଶେଷ କରିଛନ୍ତି । ଏବେ 'କକ୍ ?ଟେଲ୨'ର ସୁଟିଂ ପାଇଁ ପ୍ରସ୍ତୁତ ହେଉଛନ୍ତି । ଆସନ୍ତା ଅଗଷ୍ଟରେ ଫିଲ୍ମଟି ସୁଟିଂ ଫ୍ଲୋର୍‌କୁ ଓହ୍ଲାଇବ । ଇତିମଧ୍ୟରେ କ୍ରିତି ଏବେ ଛୋଟ ବ୍ରେକ୍ ନେଇଛନ୍ତି । ଫିଲ୍ମ ସହ ସଂଶ୍ଳିଷ୍ଟ ଏକ ସୂତ୍ର ଅନୁସାରେ, କ୍ରିତି ଆସନ୍ତା ଅଗଷ୍ଟରେ 'କକ୍‌ଟେଲ-୨'ର ସୁଟିଂ ଆରମ୍ଭ ପୂର୍ବରୁ ଛୋଟ ବ୍ରେକ୍ ନେଇଛନ୍ତି । ହିନ୍ଦୀ ସିନେ ଇଣ୍ଡଷ୍ଟ୍ରିର ସବୁଠୁ ଡିମାଣ୍ଡିଂ ଆକ୍ଟ୍ରେସ୍ ହୋଇଥିବାରୁ ଗୋଟିଏ ଫିଲ୍ମର ସୁଟିଂ ସରୁ ସରୁ ତାଙ୍କୁ ଆଉ ଗୋଟିଏରେ କାମ ଆରମ୍ଭ କରିବାକୁ ପଡୁଛି । ନିକଟରେ ଧନୁଷଙ୍କ ସହ ଫିଲ୍ମ 'ତେରେ ଇଶ୍କ ମେଁ'ର ସୁଟିଂ ଶେଷ କରିବା ଖବର କ୍ରିତି ନିଜ ଇନ୍‌ଷ୍ଟା ପୋଷ୍ଟ୍ ?ରେ ଶେୟାର କରିଥିଲେ । ଆନନ୍ଦ ଏଲ ରାୟଙ୍କ ନିର୍ଦ୍ଦେଶିତ ଓ ହିମାଂଶୁ ଶର୍ମାଙ୍କ ଲିଖିତ ଏହି ଫିଲ୍ମ ଏକ ପ୍ରେମ କାହାଣୀ ଉପରେ ପର୍ଯ୍ୟବେସିତ । କ୍ରିତି ଏଥିରେ ମୁକ୍ତି ଭୂମିକାରେ ଅଭିନୟ କରିଛନ୍ତି । ଧନୁଷ-କ୍ରିତିଙ୍କୁ ଏକାଠି ପରଦାରେ ଦେଖିବାକୁ ଫ୍ୟାନ୍ ଖୁବ୍ ଉତ୍ସାହିତ ଅଛନ୍ତି ।



# ଇତିହାସ ରଚିଲେ ଦୀପିକା



ଦୀପିକା ପାଦୁକୋନ ସିନେମା ଜଗତରେ ବହୁତ ନାମ ଅର୍ଜନ କରିସାରିଛନ୍ତି । ତାଙ୍କ ନାମରେ ଅନେକ ବଡ଼ ସଫଳତା ହାସଲ ହୋଇଛି । ଏବେ ଦୀପିକା ଏପରି କିଛି କରିଛନ୍ତି ଯାହା ଭାରତୀୟ ସିନେମା ଇତିହାସରେ ଆଜି ପର୍ଯ୍ୟନ୍ତ କୌଣସି ଅଭିନେତା କରିନାହାଁନ୍ତି । ପ୍ରକୃତରେ ଦୀପିକାଙ୍କ ନାମ ସେହି ବିଶ୍ୱସ୍ତରୀୟ ତାରକାମାନଙ୍କ ମଧ୍ୟରେ ସାମିଲ ହୋଇଛି । ଯାହାକୁ ଆସନ୍ତା ବର୍ଷ ଅର୍ଥାତ୍ ୨୦୨୬ରେ ହଲିଉଡ୍ ୱାକ୍ ଅଫ୍ ଫେମ୍ ସମ୍ମାନରେ ସମ୍ମାନିତ କରାଯିବ । ଏହା ସହ ଦୀପିକା ଏହି ସମ୍ମାନ ପାଇବାକୁ ଥିବା ପ୍ରଥମ ଭାରତୀୟ ସେଲିବ୍ରିଟି ହେବେ । ହଲିଉଡ୍ ୱାକ୍ ଅଫ୍ ଫେମ୍ ସମ୍ମାନ କ'ଣ ଆସନ୍ତୁ ଜାଣିବା ? ରିପୋର୍ଟ ଅନୁଯାୟୀ, ବିଲବୋର୍ଡ ହଲିଉଡ୍ ୱାକ୍ ଅଫ୍ ଫେମ୍ ପାଇଁ ନୂତନ ନାମ ଗୁଡ଼ିକର ତାଲିକାକୁ ଅଫିସିଆଲ କରିଛି । ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ ଏହି ସମ୍ମାନ ପାଇବାକୁ ଥିବା ପ୍ରଥମ ଭାରତୀୟ ସେଲିବ୍ରିଟି ହୋଇଥିବାରୁ ଏହି ତାଲିକାରେ ନିଜର ସ୍ଥାନ ସୃଷ୍ଟି କରି ଇତିହାସ ରଚିଛନ୍ତି । ତାଙ୍କୁ ଆସନ୍ତା ବର୍ଷ ୨୦୨୬ରେ ହଲିଉଡ୍ ୱାକ୍ ଅଫ୍ ଫେମ୍‌ରେ ସାମିଲ କରାଯିବ । ଏହାର ଘୋଷଣା ୩ ଜୁଲାଇରେ କରାଯାଇଛି । ତାଙ୍କ ସହ, ଏହି ତାଲିକାରେ ମାରିଅନ୍ କୋଟିଲାର୍ଡ, ଏମିଲି ବ୍ଲଣ୍ଟ, ସେଫ୍ ଗର୍ଡନ୍ ରାମସେ, ରାଚେଲ୍ ମ୍ୟାକଆଡାମ୍ସ, ମାଇଲି ସାଇରସ୍ ଭଳି ଷ୍ଟାରମାନେ ସାମିଲ ଅଛନ୍ତି । ହଲିଉଡ୍ ୱାକ୍ ଅଫ୍ ଫେମ୍ କାଲିଫର୍ନିଆର ଏକ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥାନ । ଏପର୍ଯ୍ୟନ୍ତ, ଏହି ୧୫-ବ୍ଲକ୍ ସ୍ଥାନରେ ୨୫୦୦ରୁ ଅଧିକ ତାରକାଙ୍କ ନାମ ସ୍ଥାପିତ ହୋଇଛି । ଯେଉଁଥିରେ ଅଭିନେତା, ଗାୟକ, ନିର୍ଦ୍ଦେଶକ, ଚଳଚ୍ଚିତ୍ର ନିର୍ମାତାଙ୍କ ନାମ ସାମିଲ । ପ୍ରତିବର୍ଷ ଲକ୍ଷ ଲକ୍ଷ ଲୋକ ଏହି ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳକୁ ପରିଦର୍ଶନ କରିବାକୁ ଆସନ୍ତି । ଏବେ ଦୀପିକାଙ୍କ ନାମ ମଧ୍ୟ ଏଥିରେ ସାମିଲ ହୋଇଛି, ଯାହାଙ୍କ ଉପରେ ଭାରତ ଗର୍ବିତ ।

# ଚିତ୍ରାଙ୍ଗଦାଙ୍କ ଖୁସି


ଚିତ୍ରାଙ୍ଗଦା

ଚିତ୍ରାଙ୍ଗଦା ସିଂଙ୍କ ଖୁସି କହିଲେ ନ ସରେ । ଯଦିଓ କଥା ପଛରେ କେତେ ସତ୍ୟତା ଅଛି ଜଣାପଡ଼ିନି, କିନ୍ତୁ ତାହା ଶୁଣିବା ପରେ ତାଙ୍କର ପାଦ ଆଉ ତଳେ ଲାଗୁନି । କଥା କ'ଣ କି ସଲମାନ ଖାନ ଏବେ ତାଙ୍କର ଆଗାମୀ ଫିଲ୍ମ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି । ୨୦୨୦ରେ ହୋଇଥିବା ଗଲୱାନ ଉପତ୍ୟକା ଘଟଣାକୁ ନେଇ କାହାଣୀ ଆଧାରିତ । ଏହାର ଟାଇଟଲ୍ ଯଦିଓ ଫାଇନାଲ୍ ହୋଇନାହିଁ, ହେଲେ ଏହି ଫିଲ୍ମରେ ସଲମାନଙ୍କ ସହ ଚିତ୍ରାଙ୍ଗଦା ସ୍କ୍ରିନ୍ ଶେୟାର କରିବେ ବୋଲି ଶୁଣିବାକୁ ମିଳୁଛି । ଯଦିଓ ପ୍ରଯୋଜନା ସଂସ୍ଥା ପକ୍ଷରୁ ଏ ନେଇ ବିଧିବଦ୍ଧ ଭାବରେ କିଛି ଘୋଷଣା କରାଯାଇନାହିଁ, ହେଲେ ସେପଟେ ଚିତ୍ରାଙ୍ଗଦା ଏହି ଅଫରଟିକୁ ଚାତକ ପରି ଚାହିଁ ବସିଛନ୍ତି । ଏ ନେଇ ସେ କହନ୍ତି, "ମୁଁ ଯେତେବେଳେ ଏ କଥା ଶୁଣିଲି ମୋ ଖୁସିର ସୀମା ରହି ନ ଥିଲା । ଯଦି ପ୍ରକୃତରେ ମୋତେ ଏଭଳି ଅଫର ମିଳେ ତେବେ କଦାପି ହାତଛଡ଼ା କରିବି ନାହିଁ । କେବଳ ପ୍ରଯୋଜନା ସଂସ୍ଥାର ଘୋଷଣାକୁ ଅପେକ୍ଷା କରିଛି ।" ସେପଟେ ଏହାର ଶୁଟିଂ ଚଳିତ ବର୍ଷ ନଭେମ୍ବରରୁ ଆରମ୍ଭ ହେବାର ଯୋଜନା ରହିଛି ବୋଲି ସଲମାନ ସୂଚନା ଦେଇଛନ୍ତି ।

# କେବଳ ଅଭିନୟ



ରଶ୍ମିକା ମନ୍ଦାନାଙ୍କୁ ନେଇ ଏବେ ଚର୍ଚ୍ଚା । ସେ କୁଆଡ଼େ ହାତକୁ ଦି' ହାତ ହେବାକୁ ଯାଉଛନ୍ତି । ଯେତେବେଳେ ଏଭଳି କଥା ସେ ଶୁଣିବାକୁ ପାଇଲେ, କେମିତି ବା ସେ ଚୁପ୍ ହୋଇ ବସିପାରିଥାନ୍ତେ କହୁନାହାନ୍ତି ! ଶେଷକୁ ବାଧ୍ୟ ହୋଇ ଏଭଳି ଆଲୋଚନା ଉପରେ ସଫେଇ ଦେଇଛନ୍ତି । ରଶ୍ମିକା କହନ୍ତି, ୨ଯେଉଁକଥା ବିଷୟରେ ମୁଁ ଆଦୌ ଚିନ୍ତା କରିନି ତାକୁ ନେଇ ଜୋରସୋର ଆଲୋଚନା ଚାଲିଛି । କାହାର ମୁହଁ ତ ମୁଁ ଆଉ ବନ୍ଦ କରିପାରିବିନି ? ମୋତେ ନେଇ ଯିଏ ଯାହା ଆଲୋଚନା କରୁଛି କରୁ, ସେ ବିଷୟରେ ଚିନ୍ତା କରି କିଛି ଲାଭ ନାହିଁ । କାରଣ ଏବେ ମୁଁ କେବଳ ଗୋଟିଏ ଜିନିଷ ଉପରେ ଗୁରୁତ୍ୱ ଦେଉଛି, ଆଉ ତାହା ହେଉଛି ଆକ୍ଟିଂ । ବର୍ତ୍ତମାନ ମୋ ପାଇଁ ମୋ ଅଭିନୟ କ୍ୟାରିୟର ବଡ଼ । ଯେତେବେଳେ ଉପଯୁକ୍ତ ସମୟ ଆସିବ ସେତେବେଳେ ମୁଁ ବିବାହ କଥା ଚିନ୍ତା କରିବି ।" ପାଠପଢ଼ା ଶେଷ ହେବା ପରେ ରଶ୍ମିକା ମଡେଲିଂ ସହ ଜଡ଼ିତ ଥିଷଲ । କର୍ଣ୍ଣାଟକରେ ଜନ୍ମିତା ଏହି ଅଭିନେତ୍ରୀ ୨୦୧୬ରେ 'କିରିକ୍ ପାର୍ଟି' ଟାଇଟଲ୍ ବିଶିଷ୍ଟ ଏକ କନ୍ନଡ଼ ଫିଲ୍ମରୁ ନିଜର ବଡ଼ ପରଦା ଜୀବନ ଆରମ୍ଭ କରିଥିଲେ । ପୁଣି ଏମିତି ସୌଭାଗ୍ୟ ଯେ ଡେବ୍ୟୁ ସିନେମା ସୁପରହିଟ୍ ହୋଇଥିଲା । ୨୦୨୧ରେ 'ପୁଷ୍ପା : ଦ ରାଇଜ' ତାଙ୍କ ଅଭିନୟ କ୍ୟାରିୟରକୁ ଏକ ନୂଆ ମୋଡ଼ ଦେଇଥିଲା । ଏପରିକି ଗତ ବର୍ଷ ରିଲିଜ ହୋଇଥିବା 'ପୁଷ୍ପା-୨'ରେ ମଧ୍ୟ ସେ ଅଭିନୟ କରିଥିଲେ । ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ଗୁଡବାୟ' । ବର୍ତ୍ତମାନ ନିର୍ମାଣାଧୀନ ହିନ୍ଦୀ ଫିଲ୍ମ 'ଥାମା' ଏବଂ 'କକ୍‌ଟେଲ୍-୨'ରେ ତାଙ୍କୁ ଦେଖିବାକୁ ମିଳିବ ।

# ଭିନ୍ନ କାହାଣୀକୁ ନେଇ ଆସୁଛି 'ଆଇ ଆମ୍ କାଳିଆ'

ଜେନିଫର ଜଣେ ବିଦେଶୀ ତରୁଣୀ । ଓଡ଼ିଶାର କଳା ସଂସ୍କୃତି ଜାଣିବାକୁ ସେ ପୁରୀକୁ ଆସିଛି । ହେଲେ ତା' ଭିତରେ ସେ କାଳିଆ ନାମକ ଜଣେ ବାଲୁକାଶିଳ୍ପୀ ସଂସ୍ପର୍ଶରେ ଆସିଛି । ଆଉ ତା' ପରେ କ'ଣ ହେଉଛି ? କାଳିଆ ସେହି ବିଦେଶିନୀକୁ କ'ଣ ସାହାଯ୍ୟ କରୁଛି, ଜେନିଫର ତା' ଲକ୍ଷ୍ୟ ହାସଲ କରିପାରୁଛି ତ ? ଦୁହିଁଙ୍କ ଭିତରେ ସୃଷ୍ଟି ହୋଇଥିବା ପ୍ରେମ ସମ୍ପର୍କ ଶେଷରେ କି ରୂପ ନେଉଛି ? ଏଭଳି ଅନେକ ପ୍ରଶ୍ନର ଉତ୍ତର ରହିଛି ଏହି ସିନେମାରେ । ଚିତ୍ରଟିର ଟାଇଟଲ୍ ରହିଛି 'ଆଇ ଆମ କାଳିଆ' । ଏଥର ବାହୁଡ଼ାରେ ରିଲିଜ ହେଉଥିବା ଏହି ସିନେମାରେ ଜେନିଫର ଭୂମିକାରେ ଅଭିନୟ କରିଛନ୍ତି ଜଣେ ବିଦେଶୀ ଅଭିନେତ୍ରୀ ଆନିୟା । ଆଉ ଟାଇଟଲ୍ ଚରିତ୍ରରେ ଅବତୀର୍ଣ୍ଣ ହୋଇଛନ୍ତି ହରିହର ମହାପାତ୍ର ଓରଫ ହରି ଭାଇ । ତୁର୍କମେନିସ୍ତାନରେ ଜନ୍ମିତା ଏହି ଅଭିନେତ୍ରୀଙ୍କର ଏହା ହେଉଛି ପ୍ରଥମ ଓଡ଼ିଆ ସିନେମା । ସେ ଜଣେ ପ୍ରସିଦ୍ଧ ଥିଏଟର ଅଭିନେତ୍ରୀ । ଖାସ୍ କଥା ହେଲା, ହରି ଏହାର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିବା ସହ ଏହାର ନିର୍ଦ୍ଦେଶନା ଦେଇଛନ୍ତି । ଫିଲ୍ମଟିର ପ୍ରଯୋଜନା କରିଛନ୍ତି ସୁବାସ ସାହୁ ।


ଆନିୟା

# ଆକ୍ସନ ଅବତାର

ଆଲିୟା ଭଟ୍ଟ ପ୍ରଥମଥର ପାଇଁ ବଡ଼ ପରଦାରେ ଆକ୍ସନ ଭୂମିକାରେ ଅବତୀର୍ଣ୍ଣ ହେଉଛନ୍ତି । ଏହି ଫିଲ୍ମଟିରେ ରହସ୍ୟ, ରୋମାଞ୍ଚ ଭରି ରହିଛି । ଫିଲ୍ମଟିର ଟାଇଟଲ୍ ରହିଛି 'ଆଲ୍‌ଫା' । ୨୦୨୩ରେ ଏହାର ଶୁଟିଂ ଆରମ୍ଭ ହୋଇଥିଲା । ବର୍ତ୍ତମାନ ଏହାର ପୋଷ୍ଟ ପ୍ରଡକ୍ସନ କାମ ଚାଲୁ ରହିଛି । ଏଭଳି ଏକ ରୋଲ୍‌ର ସଫଳତାକୁ ନେଇ ଆଲିୟା ଏବେଠାରୁ ଦିନ ଗଣିବା ଆରମ୍ଭ କରିଦେଲେଣି । ଯଶରାଜ ଫିଲ୍ମସ ବ୍ୟାନରରେ ଚିତ୍ରଟିର ପ୍ରଯୋଜନା କରିଛନ୍ତି ଆଦିତ୍ୟ ଚୋପ୍ରା । ଏହି ଫିଲ୍ମ ବିଷୟରେ ଆଲିୟା କହନ୍ତି, "ଫିଲ୍ମଟିକୁ ନେଇ ମୁଁ ବହୁତ ଆଶା ରଖିଛି । ଜଣେ ମହିଳା ଗୁପ୍ତଚର କିପରି ଏକ କଷ୍ଟକର ମିଶନ ଆରମ୍ଭ କରୁଛି ଆଉ ତାହାକୁ ପୂରଣ କରିବାକୁ ସେ କିପରି ବିଭିନ୍ନ ବାଧାବିଘ୍ନ ସମ୍ମୁଖୀନ ହେଉଛି ତାହା ଏଥିରେ ଦେଖିବାକୁ ମିଳିବ । ଏହି ରୋଲ୍‌ଟିକୁ ତୁଲାଇବାକୁ ମୋତେ ବହୁତ କଷ୍ଟ କରିବାକୁ ପଡ଼ିଛି । ଫିଲ୍ମଟିର କାହାଣୀ ସମ୍ପୂର୍ଣ୍ଣ ଭାବରେ ଆକ୍ସନଭିତ୍ତିକ ଏବଂ ଏହାର ମୁଖ୍ୟ ଚରିତ୍ର ହେଉଛି ଜଣେ ନାରୀ । ତେଣୁ ଏହି ଫିଲ୍ମ ମୋ କ୍ୟାରିୟର ପାଇଁ ନିଶ୍ଚୟ ମାଇଲଷ୍ଟୋନ୍ ସାବ୍ୟସ୍ତ ହେବ ବୋଲି ଆଶା ରଖିଛି ।"


ଆଲିୟା


ତୃପ୍ତି

# ମରେଙ୍କ ଓ୍ୱିମ୍ବଲଡନ୍ ଫାଇନାଲ୍ ଜର୍ସି ନିଲାମ ହେବ



**ଲଣ୍ଡନ, ୫।୭:** ୨୦୧୩ ଓ୍ୱିମ୍ବଲଡନ୍ ବିଜୟ ବେଳେ ଇଂଲଣ୍ଡ ଟେନିସ୍ ତାରକା ଆଣ୍ଡି ମରେ ପିନ୍ଧିଥିବା ସାର୍ଟ ଭାଗ୍ୟବାନ ପ୍ରଶଂସକଙ୍କ ପାଖରେ ଖୁବ୍‌ଶୀଘ୍ର ଦେଖିବାକୁ ମିଳିବ। ୩୮ ବର୍ଷୀୟ ମରେ ଓ୍ୱିମ୍ବଲଡନରେ ୩ ଥର ବିଜେତା ହୋଇଛନ୍ତି। ହେଲେ ୨୦୧୩ ଫାଇନାଲ୍ ତାଙ୍କ ପାଇଁ ସବୁଠୁ ସ୍ମରଣୀୟ ହୋଇରହିବ। ଏହି ଫାଇନାଲ୍‌ରେ ସେ ନୋଭାକ ଜୋକୋଭିକ୍‌ଙ୍କୁ ପରାସ୍ତ କରି ୭୭ ବର୍ଷ ପରେ ଗ୍ରାସ୍‌କୋର୍ଟରେ ବ୍ରିଟେନ୍‌ର ପ୍ରଥମ ପୁରୁଷ ଖେଳାଳି ଭାବେ ବିଜେତା ହେବାର ଗୌରବ ଅର୍ଜନ କରିଥିଲେ। ଉକ୍ତ ମ୍ୟାଚ୍‌ରେ ପିନ୍ଧିଥିବା ୩ଟି ଆଡିଡାସ ସାର୍ଟ ମଧ୍ୟରୁ ଗୋଟିଏକୁ ଏଜ୍ ଅଫ୍ ଟେନିସ ସହ ମିଶି ଗ୍ରାହାମ ବଡ୍ ଅକ୍‌ସନ୍ ଜୁଲାଇ ୧୩ରେ ନିଲାମ କରିବ।

**୩୮ ବର୍ଷୀୟ ମରେ ଓ୍ୱିମ୍ବଲଡନରେ ୩ ଥର ବିଜେତା ହୋଇଛନ୍ତି। ହେଲେ ୨୦୧୩ ଫାଇନାଲ୍ ତାଙ୍କ ପାଇଁ ସବୁଠୁ ସ୍ମରଣୀୟ ହୋଇରହିବ।**

ମରେଙ୍କ ସ୍ୱାକ୍ଷର ଥିବା ଏହି ସାର୍ଟର ନିଲାମ ମୂଲ୍ୟ ୮୦୦୦ ପାଉଣ୍ଡ (ଭାରତୀୟ ମୁଦ୍ରାରେ ପ୍ରାୟ ୯,୩୨,୦୦୦ ଟଙ୍କା) ରହିଛି। ଏଥିସହ ତାଙ୍କ କ୍ୟାପ୍‌ର ନିଲାମ ମୂଲ୍ୟ ୩୫୦୦ ପାଉଣ୍ଡ (୪,୦୮,୦୦୦ ଟଙ୍କା) ରଖାଯାଇଛି। ମରେଙ୍କ ସାର୍ଟ ଓ କ୍ୟାପ୍ ସହ ୨୦୧୦ରେ ଜନ୍ ଇଜ୍‌ନର ଓ ନିକୋଲାସ ମାହୁତଙ୍କ ମଧ୍ୟରେ ହୋଇଥିବା ସବୁଠୁ ଦୀର୍ଘତମ ମ୍ୟାଚ୍‌ର ନେଟ୍ ମଧ୍ୟ ନିଲାମ ହେବ। ଏହି ମ୍ୟାଚ୍ ୩ ଦିନରେ ୧୧ ଘଣ୍ଟା ୫ ମିନିଟ୍ ଖେଳାଯାଇଥିଲା। ୩ ତାରକା ଖେଳାଳି ରାଫେଲ ନାଦାଲ, ରୋଜର ଫେଡ଼େରର, ଜୋକୋଭିକ୍ ଓ ମରେଙ୍କ ଅଟୋଗ୍ରାଫ୍ ଥିବା ଓ୍ୱିମ୍ବଲଡନ୍ ବଲ୍ ମଧ୍ୟ ୩୦୦ରୁ ୫୦୦ ପାଉଣ୍ଡ (୪୦ରୁ ୬୦ ହଜାର ଟଙ୍କା)ରେ ନିଲାମ ହେବ।

# ୪୦୭ରେ ଇଂଲଣ୍ଡ ଅଲ୍‌ଆଉଟ୍ ଭାରତ ଅଗ୍ରଣୀ



| ଭାରତ ପ୍ରଥମ ଇନିଂସ: ୫୮୭/୧୦ (୧୫୧ ଓଭର) | | | |
|---|---|---|---|
| **ଇଂଲଣ୍ଡ ପ୍ରଥମ ଇନିଂସ: ୪୦୭/୧୦ (୮୯.୩ ଓଭର)** | | | |
| ଜ୍ୟାକ୍ କ୍ରଲଓ୍ୱେ | କ୍ୟା କରୁନ ବୋ ସିରାଜ | ୧୯ | ୩୦ |
| ବେନ ଡକେଟ୍ | କ୍ୟା ଶୁବମନ ବୋ ଆକାଶଦୀପ | ୦୦ | ୦୫ |
| ଓଲି ପୋପ | କ୍ୟା ରାହୁଲ ବୋ ସିରାଜ | ୦୦ | ୦୧ |
| ଜୋ ରୁଟ୍ | କ୍ୟା ପନ୍ତ ବୋ ସିରାଜ | ୨୨ | ୪୬ |
| ହ୍ୟାରୀ ବ୍ରୁକ୍ | ବୋ ଆକାଶଦୀପ | ୧୫୮ | ୨୩୪ |
| ବେନ ଷ୍ଟୋକ୍ସ | କ୍ୟା ପନ୍ତ ବୋ ସିରାଜ | ୦୦ | ୦୧ |
| ଜେମି ସ୍ମିଥ୍ | ଅପରାଜିତ | ୧୮୪ | ୨୦୭ |
| କ୍ରିସ ଓ୍ୱକ୍ସ | କ୍ୟା କରୁନ ବୋ ଆକାଶଦୀପ | ୦୫ | ୧୭ |
| ବ୍ରାଣ୍ଡନ କାର୍ସ | ଏଲବି ବୋ ସିରାଜ | ୦୦ | ୦୨ |
| ସୋଏବ ବାସିର | ବୋ ସିରାଜ | ୦୦ | ୦୨ |
| ଅତିରିକ୍ତ | | ୨୧ | |

| ବୋଲିଂ | ଓଭର | ମେଡେନ୍ | ରନ୍ | ଓ୍ୱିକେଟ୍ |
|---|---|---|---|---|
| ଆକାଶଦୀପ | ୨୦ | ୨ | ୮୮ | ୪ |
| ମହମ୍ମଦ ସିରାଜ | ୧୯.୩ | ୩ | ୭୦ | ୬ |
| ପ୍ରସିଦ୍ଧ କ୍ରିଷ୍ଣା | ୧୩ | ୧ | ୭୨ | ୦ |
| ନୀତିଶ କୁମାର ରେଡ୍ଡୀ | ୬ | ୦ | ୨୯ | ୦ |
| ରବୀନ୍ଦ୍ର ଜାଡେଜା | ୧୭ | ୨ | ୭୦ | ୦ |
| ଓ୍ୱାଶିଂଟନ ସୁନ୍ଦର | ୧୪ | ୦ | ୭୩ | ୦ |

**ବର୍ମିଂହାମ, ୫।୭:** : ଭାରତ ବିପକ୍ଷ ଏଜବାଷ୍ଟନ ଟେଷ୍ଟ ମ୍ୟାଚରେ ଇଂଲଣ୍ଡ ବ୍ୟାଟର ହ୍ୟାରି ବ୍ରୁକ ବ୍ୟାଟିଂରେ ଚମତ୍କାର ପ୍ରଦର୍ଶନ କରିଥିଲେ। ଇଂଲଣ୍ଡର ପ୍ରଥମ ଇନିଂସରେ ବ୍ରୁକ ୨୩୪ ବଲ୍ ରେ ୧୭ ଚୌକା ଏବଂ ଗୋଟିଏ ଛକା ସହାୟତାରେ ୧୫୮ ରନ କରିଥିଲେ। ଏତିକିବେଳେ ବ୍ରୁକ ଜେମି ସ୍ମିଥଙ୍କ ସହିତ ମିଶି ଷଷ୍ଠ ଓ୍ୱିକେଟ ସୁଦ୍ଧା ୩୦୩ ରନର ପାର୍ଟନରସିପ୍ କରିଥିଲେ, ଯାହା ଫଳରେ ଇଂଲଣ୍ଡ ଦଳ ଫଲୋଅନ ଏଡାଇବାରେ ମଧ୍ୟ ସଫଳ ହୋଇଥିଲା।

ହ୍ୟାରି ବ୍ରୁକ୍ ଏବଂ ଜେମି ସ୍ମିଥ୍‌ଙ୍କ ଚମତ୍କାର ବ୍ୟାଟିଂ ସତ୍ତ୍ୱେ, ଏଜବାଷ୍ଟନ୍ ଟେଷ୍ଟ ମ୍ୟାଚ୍ ?ରେ ଇଂଲଣ୍ଡ ଦଳ ପଛରେ ପଡ଼ିଥିବା ପରି ମନେ ହେଉଛି। ଏହି ମ୍ୟାଚ୍ ?ରେ ଭାରତ ପ୍ରଥମ ଇନିଂସରେ ୫୮୭ ରନ୍ କରିଥିଲା, ଯାହାର ଜବାବରେ ଇଂଲଣ୍ଡର ପ୍ରଥମ ଇନିଂସ ୪୦୭ ରନ୍‌ରେ ସୀମିତ ରହିଥିଲା। ଅର୍ଥାତ୍ ପ୍ରଥମ ଇନିଂସ ଆଧାରରେ ଭାରତୀୟ ଦଳ ୧୮୦ ରନ୍‌ରେ ଅଗ୍ରଣୀ ହାସଲ କରିଥିଲା। ଭାରତ ଏକ ଦୃଢ଼ ସ୍ଥିତିରେ ଅଛି, କିନ୍ତୁ ଇଂଲଣ୍ଡକୁ ହାଲୁକା ଭାବରେ ନେବା ଠିକ୍ ହେବ ନାହିଁ। ଚତୁର୍ଥ ଦିନର ଖେଳ ସାରା ମ୍ୟାଚ୍‌ର ଦିଗ ନିର୍ଣ୍ଣୟ କରିବାକୁ ଯାଉଛି।

**• ହ୍ୟାରୀ ବ୍ରୁକ୍ ଓ ଜେମି ସ୍ମିଥ୍‌ଙ୍କ ଦମ୍‌ଦାର ଶତକ ସତ୍ତ୍ୱେ ପ୍ରଥମ ଇନିଂସରେ ଇଂଲଣ୍ଡ ପଛୁଆ**

**• ଦ୍ୱିତୀୟ ଇନିଂସରେ ମଧ୍ୟ ଶୁବମନଙ୍କ ଶତକ, ଭାରତର ଦମ୍‌ଦାର ସ୍କୋର**

ଏବେ ଶତକ ହାସଲକାରୀ ହ୍ୟାରି ବ୍ରୁକ୍ ଭାରତୀୟ ଦଳକୁ ଏକ ଚେତାବନୀ ଦେଇଛନ୍ତି। ବ୍ରୁକ୍ କହିଛନ୍ତି ଯେ, ତାଙ୍କ ଦଳ ଚତୁର୍ଥ ଇନିଂସରେ ଯେକୌଣସି ଟାର୍ଗେଟକୁ ପିଛା କରିବାକୁ ପ୍ରସ୍ତୁତ। ତୃତୀୟ ଦିନର ଖେଳ ଶେଷ ସୁଦ୍ଧା ଭାରତର ମୋଟ ଲିଡ୍ ୨୪୪ ରନ ଥିଲା ଏବଂ ହାତରେ ୯ ଓ୍ୱିକେଟ୍ ବାକି ଥିଲା। ବର୍ତ୍ତମାନ ଦେଖାଯାଉଛି ଯେ ଯଦି ଭାରତୀୟ ଦଳ ଚତୁର୍ଥ ଦିନରେ ଦୁଇରୁ ଅଢ଼େଇ ସେସନ୍ ବ୍ୟାଟିଂ କରେ, ତେବେ ଇଂଲଣ୍ଡକୁ ୫୦୦ ରୁ ଅଧିକ ଟାର୍ଗେଟ ପିଛା କରିବାକୁ ପଡ଼ିପାରେ।

ବିବିସି ସହିତ ଏକ ସ୍ୱତନ୍ତ୍ର ସାକ୍ଷାତକାରରେ ହ୍ୟାରି ବ୍ରୁକ୍ କହିଛନ୍ତି, 'ମୁଁ ଏବେ ବି ଭାବୁଛି ଆମେ ଏହି ଟେଷ୍ଟ ମ୍ୟାଚ୍ ଜିତିପାରିବୁ। ସମସ୍ତେ ଜାଣନ୍ତି ଯେ ଟାର୍ଗେଟ ଯେତେ ବଡ଼ ହେଉ ନା କାହିଁ, ଆମେ ଏହାକୁ ପିଛା କରିବୁ। ଆମେ ପୂର୍ବରୁ ଏହା କରିଛୁ ଏବଂ ପୁଣି ଚେଷ୍ଟା କରିବୁ। ସ୍ମଜ୍ (ଜେମି ସ୍ମିଥ୍)ଙ୍କ ସହିତ କ୍ରିଜ୍‌ରେ ସମୟ ବିତାଇବା ଭଲ ଲାଗିଲା। ଆଶା କରୁଛି ଆମେ ମ୍ୟାଚ୍‌କୁ ଫେରିବୁ।'

ଭାରତୀୟ ବୋଲରମାନଙ୍କୁ ପ୍ରଶଂସା କରି ହ୍ୟାରି ବ୍ରୁକ୍ କହିଛନ୍ତି ଯେ ତାଙ୍କ ଆଉଟ୍ ହେବା ପରେ ହିଁ ମ୍ୟାଚ୍‌ର ଦିଗ ବଦଳିଗଲା। ବ୍ରୁକ୍ କୁହନ୍ତି, 'ଯଦି ମୁଁ ଆଉଟ୍ ନ ହୋଇଥାନ୍ତି, ତେବେ ଆମେ ଏହି ସ୍ଥିତିରେ ନଥାନ୍ତୁ। ଆକାଶ ଦୀପ ଏବଂ ମହମ୍ମଦ ସିରାଜ ଭଲ ବୋଲିଂ କରିଥିଲେ। ସେମାନେ ଓ୍ୱିକେଟ୍ ନେବା ପାଇଁ ସମସ୍ତ ପଦ୍ଧତି ଗ୍ରହଣ କରୁଛନ୍ତି।'

# ଦ୍ୱିତୀୟ ପାଳିରେ ବି ଶତକ ହାସଲ କଲେ ଶୁଭମନ

**ବିରାଟ କୋହଲି ୨୦୧୮ରେ ଇଂଲଣ୍ଡରେ ଟେଷ୍ଟ ମ୍ୟାଚ୍ ଖେଳି ୫୯୩ ରନ୍ କରିଥିଲେ। ଇଂଲଣ୍ଡ ମାଟିରେ ଜଣେ ଭାରତୀୟ ଅଧିନାୟକ ଭାବେ ଏହା ସର୍ବାଧିକ ଟେଷ୍ଟ ସ୍କୋର ଥିଲା। ଅନ୍ୟପଟେ ଗିଲ୍ ପ୍ରଥମ ଇନିଂସରେ ୨୬୯ ରନ୍ କରି ବିରାଟଙ୍କ ରେକର୍ଡ ଭାଙ୍ଗି ଦେଇଥିଲେ।**



**ନୂଆଦିଲ୍ଲୀ, ୫।୭:** ଦ୍ୱିତୀୟ ଭାରତୀୟ କ୍ରିକେଟର ଭାବେ ଏକ ବିରଳ ରେକର୍ଡ କଲେ ଟେଷ୍ଟ କ୍ୟାପଟ୍ଟେନ୍ ଶୁଭମନ ଗିଲ। ଶନିବାର, ଜୁଲାଇ ୫ ତାରିଖରେ ଇଂଲଣ୍ଡ ବିପକ୍ଷରେ ଚାଲିଥିବା ଟେଷ୍ଟ ସିରିଜରେ ୫୦୦ ରନ ପୂରଣ କରି ଗିଲ ବିରାଟ କୋହଲିଙ୍କ ରେକର୍ଡ ସମକକ୍ଷ ହୋଇଛନ୍ତି। ଆଜିର ଇନିଂସରେ ଗିଲ୍ ୭୬ ରନ କରି ଇଂଲଣ୍ଡରେ ୫୦୦ ରନ ପୂରା ହୋଇଥିଲା। କୋହଲିଙ୍କ ପରେ ଇଂଲଣ୍ଡରେ ୫୦୦ ରନ୍ କରିବାରେ ସେ ଦ୍ୱିତୀୟ ଭାରତୀୟ ଟେଷ୍ଟ ଅଧିନାୟକ ହୋଇଛନ୍ତି।

ବିରାଟ କୋହଲି ୨୦୧୮ରେ ଇଂଲଣ୍ଡରେ ଟେଷ୍ଟ ମ୍ୟାଚ୍ ଖେଳି ୫୯୩ ରନ୍ କରିଥିଲେ। ଇଂଲଣ୍ଡ ମାଟିରେ ଜଣେ ଭାରତୀୟ ଅଧିନାୟକ ଭାବେ ଏହା ସର୍ବାଧିକ ଟେଷ୍ଟ ସ୍କୋର ଥିଲା। ଅନ୍ୟପଟେ ଗିଲ୍ ପ୍ରଥମ ଇନିଂସରେ ୨୬୯ ରନ୍ କରି ବିରାଟଙ୍କ ରେକର୍ଡ ଭାଙ୍ଗି ଦେଇଥିଲେ। ତେବେ ଆଜି ଚତୁର୍ଥ ଦିନରେ ବି ଗିଲ୍ ଶତକ ହାସଲ କରିଛନ୍ତି। କରୁଣ ନାୟରଙ୍କ ଓ୍ୱିକେଟ୍ ଯିବା ପରେ ଗିଲ୍ ଆସିଥିଲେ।

କେଏଲ୍ ରାହୁଲଙ୍କୁ ସହଯୋଗ କରି ପ୍ରଥମେ ପ୍ରଥମେ ସେ ଦୁର୍ବଳ ପ୍ରଦର୍ଶନ କରିଥିଲେ। ଏପଟେ ରାହୁଲ ଟିମ୍ ପାଇଁ ଅର୍ଦ୍ଧଶତକ ହାସଲ କରିନେଇଥିଲେ। ରାହୁଲ ଆଉଟ ହେବାପରେ ପନ୍ତ ବ୍ୟାଟିଂ କରିବାକୁ ଆସି ଭଲ ପ୍ରଦର୍ଶନ କରିଥିଲେ। ଫଳରେ ଟିମ୍ ଇଣ୍ଡିଆ ଲଞ୍ଚ ପୂର୍ବରୁ ୩୫୦ ଅଗ୍ରଣୀ ହାସଲ କରି ନେଇଥିଲା।

ଲଞ୍ଚ ପରେ ଇନିଂସ ପୁଣି ଆରମ୍ଭ ହେବା ପରେ, ଗିଲ୍ ଗିଅର୍ ବଦଳାଇଲେ, ଏବଂ ସର୍ଟ ବୋଲିଂ କରିବାକୁ ଚେଷ୍ଟା କରୁଥିବା ବୋଲରମାନଙ୍କୁ ଆକ୍ରମଣ କରିବା ଆରମ୍ଭ କଲେ। ଫଳରେ ଦ୍ରୁତ ଗତିରେ ରନ୍ ବନାଇ ଦୁଇଟି ବଡ଼ ଛକ୍କା ମାରି ସେ ଅର୍ଦ୍ଧଶତକ ହାସଲ କରିଥିଲେ। ଗିଲ୍ ଓ ପନ୍ତ ମିଶି ଦଳୀୟ ସ୍କୋର ୪୦୦ କିବା ପରେ ପନ୍ତଙ୍କ ଓ୍ୱିକେଟ୍ ଯାଇଥିଲା। ପନ୍ତଙ୍କ ସହ ୧୧୦ ରନର ପାର୍ଟନର୍ସିପ୍ ଶେଷ ହେବା ପରେ ଗିଲ୍ ଆହୁରି ସତର୍କତାର ସହ ଖେଳ ପ୍ରଦର୍ଶନ କରିଥିଲେ। ମଝିରେ ମଝିରେ ଶୋଏବ ବଶିରଙ୍କ ଉପରେ ଆକ୍ରମଣ ମଧ୍ୟ କରିଥିଲେ। ଚୌକା ମାରି ୭୦ ରନ୍ ପୂରା କରିବା ପରେ ପୁଣି ୬ ମାରି ୫୦୦ ରନ୍ କ୍ଲବ୍‌ରେ ସାମିଲ୍ ହୋଇଥିଲେ।

ଶନିବାର ଗିଲ୍ ଜବରଦସ୍ତ ପ୍ରଦର୍ଶନ କରି ଭାରତର ଟେଷ୍ଟ ଅଧିନାୟକ ଭାବରେ କୋହଲିଙ୍କ ନାଁରେ ଥିବା ଆଉ ଏକ ରେକର୍ଡ ଭାଙ୍ଗି ଦେଇଛନ୍ତି। ଭାରତୀୟ ଟେଷ୍ଟ ଅଧିନାୟକ ଭାବରେ ଗିଲ୍ ତାଙ୍କର ଡେବ୍ୟୁ ସିରିଜରେ ସର୍ବାଧିକ ରନ କରି କୋହଲିଙ୍କୁ ପଛରେ ପକାଇ ଦେଇଛନ୍ତି। କୋହଲି ୨୦୧୪/୧୫ ରେ ଅଷ୍ଟ୍ରେଲିଆ ଗସ୍ତ ସମୟରେ ଡେବ୍ୟୁ ଟେଷ୍ଟ କ୍ୟାପଟ୍ଟେନ୍ ଭାବେ ସର୍ବାଧିକ ୪୪୯ ରନ କରି ରେକର୍ଡ କରିଥିଲେ ।

# ୭ ବର୍ଷ ପରେ ମହମ୍ମଦ ଶାମିଙ୍କୁ 'ଆଇ ଲଭ୍ ୟୁ' କହିଲେ ହାସିନ ଜାହାଁ



**ନୂଆଦିଲ୍ଲୀ, ୫।୭:** ଭାରତୀୟ ଷ୍ଟାର୍ ବୋଲର୍ ମହମ୍ମଦ ଶାମି ଏବଂ ତାଙ୍କ ପତ୍ନୀ ହାସିନ ଜାହାଁ ପ୍ରାୟ ୭ ବର୍ଷ ଧରି ଅଲଗା ରହୁଛନ୍ତି। କଲିକତା ହାଇକୋର୍ଟ ହାସିନଙ୍କ ଭରଣପୋଷଣ ଆବେଦନର ଶୁଣାଣି କରି ଶାମିଙ୍କୁ ତାଙ୍କ ସ୍ତ୍ରୀ ଏବଂ ଝିଅଙ୍କୁ ପ୍ରତି ମାସରେ ୪ ଲକ୍ଷ ଟଙ୍କା ଭରଣପୋଷଣ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାର ପ୍ରତିକ୍ରିୟାରେ ହାସିନ କହିଛନ୍ତି, ୪ ଲକ୍ଷ ଟଙ୍କା ଭରଣପୋଷଣ କମ। କିନ୍ତୁ ଏବେ ସେ ଏକ ଭିଡିଓ ଏବଂ ତା ସହିତ ଏକ ଲମ୍ବା ମେସେଜ୍ ଶେୟାର କରିଛନ୍ତି, ଯେଉଁଥିରେ ଶାମିଙ୍କ ପ୍ରତି ତାଙ୍କର ପ୍ରେମ ଉଜାଗର କରିଛନ୍ତି।

ହାସିନ ଇନଷ୍ଟାଗ୍ରାମରେ ଏକ ଭିଡିଓ କ୍ଲିପ ଶେୟାର କରିଛନ୍ତି, ଯେଉଁଥିରେ ସେ 'ପ୍ୟାର ମେଁ ହୋତା ହୈ କ୍ୟା ଜାଦୁ' ଗୀତ ଗାଉଥିବାର ଦେଖାଯାଉଛି।

ହାସିନ ଏହି ଭିଡିଓ କ୍ଲିପ ସହିତ ଏକ ଲମ୍ବା ମେସେଜ୍ ଶେୟାର କରିଛନ୍ତି, ଯେଉଁଥିରେ ସେ ମହମ୍ମଦ ଶାମିଙ୍କ ପାଇଁ 'ଆଇ ଲଭ ୟୁ' ମଧ୍ୟ ଲେଖିଛନ୍ତି। ସେ ଲେଖିଛନ୍ତି, ଶାମିଙ୍କ ସହ ତାଙ୍କର ଆଇନଗତ ଲଢ଼େଇ ୭ ବର୍ଷ ଧରି ଚାଲିଛି, ଯାହାରୁ କେହି କିଛି ପାଇନାହାଁନ୍ତି। ସେ ତାଙ୍କ ପୋଷ୍ଟରେ ଚରିତ୍ରହୀନ, ଲୋଭୀ ଏବଂ ଅହଂକାର ଭଳି ଶବ୍ଦ ମଧ୍ୟ ବ୍ୟବହାର କରିଥିଲେ।

ମହମ୍ମଦ ଶାମି ଏବଂ ହାସିନ ଜାହା: ୨୦୧୪ ମସିହାରେ ବିବାହ କରିଥିଲେ। ୪ ବର୍ଷ ବିବାହ ପରେ, ମାର୍ଚ୍ଚ ୨୦୧୮ରେ, ହାସିନ ଶାମି ଏବଂ ତାଙ୍କ ପରିବାର ଉପରେ ଶାରୀରିକ ଏବଂ ମାନସିକ ନିର୍ଯାତନାର ଅଭିଯୋଗ ଆଣିଥିଲେ। ଶାମିଙ୍କ ବିରୋଧରେ ହତ୍ୟା ଉଦ୍ୟମ, ଘରୋଇ ନିର୍ଯାତନା ଏବଂ ବିଷ ଦେବାର ପ୍ରୟାସ ଭଳି ଗମ୍ଭୀର ଅଭିଯୋଗ ଆସିଥିଲା। ତଥାପି, ଶାମି ଏହି ସମସ୍ତ ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରିଥିଲେ। ହାସିନ ଶାମିଙ୍କ ଉପରେ ମ୍ୟାଚ ଫିକ୍ସିଂର ଅଭିଯୋଗ ମଧ୍ୟ ଲଗାଇଥିଲେ, କିନ୍ତୁ ବିସିସିଆଇର ଦୁର୍ନୀତି ନିବାରଣ ୟୁନିଟ ତଦନ୍ତ ପରେ ମ୍ୟାଚ ଫିକ୍ସିଂ ମାମଲାରେ ଭାରତୀୟ ଦ୍ରୁତ ବୋଲରଙ୍କୁ କ୍ଲିନ ଚିଟ ଦେଇଥିଲା।

# ପୁରୁଷ ବର୍ଗର ୫୦୦୦ ମି. ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିଥିବା ଜଣାଇଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୫।୭:** ପୁରୁଷ ବର୍ଗର ୫୦୦୦ ମି. ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିଥିବା ଅଶୋକ ଦଣ୍ଡସେନାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ



ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବର୍ମିଂହାମ୍, ୟୁଏସଏରେ ଆୟୋଜିତ ହେଉଥିବା ଓ୍ୱାର୍ଲ୍ଡ ପୋଲିସ୍ ଆଣ୍ଡ ଫାୟାର୍ ଗେମ୍ସ ୨୦୨୫ରେ ପୁରୁଷ ବର୍ଗର ୫୦୦୦ ମି. ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟପାଇଁ ଗୌରବ ଆଣିଥିବା ଅଶୋକ ଦଣ୍ଡସେନାଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ତାଙ୍କର ଉତ୍ତରୋତ୍ତର ଉନ୍ନତି ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି।



MBA/25-260186

Edited, Printed & Published by Salila Kar on behalf of Matrubhasa Prachar Samittee, Printed at Nijukti Khabar Prakashan, TS3/193, Mancheswar Industrial Estate, Bhubaneswar-751010 and Published from Sarthak Palace, Plot No - 1570/1571, Sector - 6, CDA, Bidanasi, Cuttack - 753014

Ph : 0671-2506673, 0671-2503911
Fax - 0671-2503244

ସମ୍ପାଦିକା : ସଲୀଳା କର
Editor : Salila Kar